# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ମେ ୨୬/୨୦୨୧ (୧୨ ପୃଷ୍ଠା) | Balasore, Wednesday, May 26/2021 | ★★★★

୪୭ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବଲ୍‌ବୀର ସିଂ ସିନିୟରଙ୍କ ନାମରେ ଷ୍ଟାଡିୟମ**
ମୋହାଲିସ୍ଥିତ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କିମ୍ବଦନ୍ତୀ ବଲ୍‌ବୀର ସିଂ ସିନିୟରଙ୍କ ନାମରେ ନାମିତ କରାଯାଇଛି।

୧୨

୧୦

**ପ୍ରେମରେ ପଡ଼ିଥିଲେ କରନ**
ଫିଲ୍ମ ନିର୍ମାତା କରନ ଜୋହର ଅଭିନେତ୍ରୀ ଟ୍ୱିଙ୍କିଲ ଖାନ୍ନାଙ୍କ ପ୍ରେମରେ ପଡ଼ିଥିଲେ। ଏ ନେଇ ଟ୍ୱିଙ୍କିଲ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।




# ଧାମରା ନିକଟରେ ପିଟିହେବ

**ୟାସ୍ ଲ୍ୟାଣ୍ଡଫଲ୍ ଦ୍ୱନ୍ଦ୍ୱ**

**ପାରାଦୀପରେ ୮ ନମ୍ବର ବିପଦ ସଙ୍କେତ**

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ(ଡିପ୍ରେସନ) ମଙ୍ଗଳବାର ଅତି ଭୟଙ୍କର ବାତ୍ୟା 'ୟାସ୍'ରେ ପରିଣତ ହୋଇଛି। ବୁଧବାର ଏହା ୧୫୫ରୁ ୧୬୫ କିଲୋମିଟର ବେଗରେ ସ୍ଥଳଭାଗକୁ ମାଡ଼ କରିବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଅନୁମାନ କରାଯାଇଛି। ଆକଳନ ଯଦି ସତହୁଏ, ତେବେ ବାତ୍ୟା ଯେଉଁ ବାଟ ଦେଇ ଯିବ ସେ ସବୁ ଅଞ୍ଚଳ ଛାରଖାର ହୋଇଯିବ। ବହୁମାତ୍ରାରେ ଧନଜୀବନ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ଆଧୁନିକ ଜ୍ଞାନକୌଶଳ ସହାୟତାରେ ବାତ୍ୟା ଭଳି ପ୍ରାକୃତିକ ବିପତ୍ତିକୁ ପୂର୍ବରୁ ଅନୁମାନ କରାଯାଇପାରୁଛି। ଅତିକମ୍‌ରେ ୮ରୁ ୧୦ ଦିନ ପୂର୍ବରୁ ବାତ୍ୟାର ବେଗ ଓ ଲ୍ୟାଣ୍ଡଫଲ୍ ସମ୍ପର୍କରେ ସୂଚନା ଦେଇହେଉଛି। ତେବେ ବାତ୍ୟା 'ୟାସ୍'ର ଲ୍ୟାଣ୍ଡଫଲ୍ କ୍ଷେତ୍ରରେ ଭିନ୍ନ ଭିନ୍ନ ତଥ୍ୟ ଯୋଗୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଉପକୂଳ ଅତିକ୍ରମ କରିବାର ୧୨ଘଣ୍ଟା ପୂର୍ବରୁ ମଧ୍ୟ ବାତ୍ୟା କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ସ୍ଥଳଭାଗ ଅତିକ୍ରମ କରିବ ସେନେଇ ପୃଥକ୍ ସୂଚନା ଦିଆଯାଇଛି। ଆଇଏମ୍‌ଡି ଗତ କିଛିଦିନ ହେବ ବାତ୍ୟା ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଯିବ ବୋଲି ଆକଳନ କରି ଆସୁଥିଲା। ମଙ୍ଗଳବାର ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନ୍‌ରେ ☞ପୃଷ୍ଠା-୪






ବାଲେଶ୍ୱର ଜିଲା ଉଦୟପୁର ବେଳାଭୂମିରେ ମଙ୍ଗଳବାର ଅପରାହ୍ନରେ ସମୁଦ୍ରର ଅଶାନ୍ତ ଢେଉ।

## ୨.୫ ଲକ୍ଷ ଲୋକ ସ୍ଥାନାନ୍ତର

ଭୁବନେଶ୍ୱର,୨୫।୫(ବ୍ୟୁରୋ)

- ୫୨ ଏନ୍‌ଡିଆରଏଫ୍, ୬୦ ଓଡ୍ରାଫ୍, ୨୦୬ ଅଗ୍ନିଶମ ଟିମ୍ ମୁତୟନ

ବାତ୍ୟା 'ୟାସ୍' ବୁଧବାର ମଧ୍ୟାହ୍ନରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକରୁ ୭.୫ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବାର ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨.୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆରସି କହିଛନ୍ତି ବାତ୍ୟା ମୁକାବିଲା ପାଇଁ ୫୨ଟି ଏନ୍‌ଡିଆରଏଫ୍ ଟିମ୍, ୬୦ ଓଡ୍ରାଫ୍ ଟିମ୍, ୨୦୬ ଅଗ୍ନିଶମ ଟିମ୍ ଏବଂ ୮୬ଟି ଗଛ କଟାଳି ଦଳଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଜରୁରୀ ପରିସ୍ଥିତି ପାଇଁ ୮ଟି ଓଡ୍ରାଫ୍ ଟିମ୍‌କୁ ସଜାଗ ରଖାଯାଇଛି ବୋଲି ଏସ୍ଆରସି କହିଛନ୍ତି। ଭିତରକନିକା, ଧାମରା, ଚାନ୍ଦବାଲିରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବାର ଆଶଙ୍କା କରି ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ରାତି ସୁଦ୍ଧା ସମସ୍ତ ସ୍ଥାନାନ୍ତର ☞ପୃଷ୍ଠା-୪

## ଚଣ୍ଡିଖୋଲ-ବାଲେଶ୍ୱର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ

ଯାଜପୁର ଅଫିସ,୨୫।୫

ବାତ୍ୟାକୁ ଦୃଷ୍ଟିରେ ରଖି ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ମଙ୍ଗଳବାର ରାତି ୧୨ଟାରୁ ବୁଧବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିବ ବୋଲି ଯାଜପୁର ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ସମୟରେ ପବନର ବେଗ ଅଧିକ ରହିବାର ସମ୍ଭାବନା ଥିବାରୁ ଦୁର୍ଘଟଣା ଆଶଙ୍କା କରି ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ଜରୁରୀକାଳିନ ସେବା ପାଇଁ ବ୍ୟବହୃତ ହେଉଥିବା ଗାଡ଼ି ଚଳାଚଳ କରି ପାରିବ।

## ପରିସ୍ଥିତି ଉପରେ ନଜର ରଖ

**ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଯଥାସମ୍ଭବ ଜୀବନ ରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସ୍ଥାନାନ୍ତର ପାଇଁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ପରିସ୍ଥିତି ଉପରେ ନିୟମିତ ନଜର ରଖିବାକୁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର



(ଏସ୍ଆରସି) ପ୍ରଦୀପ କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ଓ ଲୋକମାନଙ୍କର ସ୍ଥାନାନ୍ତର ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି ଏସ୍ଆରସି କହିଛନ୍ତି ଯେ ବାତ୍ୟା ବାଲେଶ୍ୱର ଜିଲାର ବାହାନଗା ଓ ଭଦ୍ରକ ଜିଲାର ☞ପୃଷ୍ଠା-୪

# ସିଲେରୁରେ ଡଙ୍ଗା ବୁଡ଼ି ୬ ମୃତ

ଚିତ୍ରକୋଣ୍ଡା,୨୫।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସିଲେରୁ ନଦୀରେ ସୋମବାର ରାତିରେ ଏକ ଡଙ୍ଗା ବୁଡ଼ିଯିବାରୁ ୩ ପରିବାରର ମୋଟ୍ ୬ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ଜଣ ଶିଶୁଥିବାରୁ ଘଟଣାକୁ ନେଇ ଶୋକର ଛାୟା ଖେଳିଯାଇଛି। ୩ଜଣ ପହଁରି ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିବାବେଳେ ୨ଜଣ ନିଖୋଜ ରହିଛନ୍ତି। ଖବର ଲେଖାହେବା ସୁଦ୍ଧା ନିଖୋଜଙ୍କୁ ଉଦ୍ଧାର ନେଇ ଉଦ୍ୟମ ଜାରି ରହିଛି। ମୃତକମାନେ ହେଲେ କନ୍ଧଗୁଡ଼ା ଗ୍ରାମର ସୁଧୀର ଖରାଙ୍କ ଝିଅ ପିଙ୍କି(୪), ପୁଅ ଅବିର (୧), ରମେଶ ବଡ଼ନାୟକଙ୍କ ସ୍ତ୍ରୀ ଅନୁଶା (୨୫), ଝିଅ ଗାୟତ୍ରୀ (୩), ଝିଅ ରାନୀ (୬), ଗୁଣ୍ଡାୱାଡ଼ା ଗ୍ରାମର ସତିବାବୁ ବେଲଗୁରୁଙ୍କ ପୁଅ ସମସନ (୫)। ସମସ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

ଖବରରୁ ଜଣାପଡିଛି, ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଡାୱାଡା ପଞ୍ଚାୟତ ସଦର ଓ କନ୍ଧଗୁଡ଼ା ଗ୍ରାମର ୩୨ ଜଣ ହାଇଦ୍ରାବାଦର ସାଙ୍ଗାରେଡ୍ଡି ଅଞ୍ଚଳକୁ ଇଟାଭାଟିରେ ଦାଦନ ଖଟିବାକୁ ଯାଇଥିଲେ। ଲକ୍‌ଡାଉନ୍ ପରେ ସେମାନେ ଘରକୁ ଫେରିବାକୁ ଚାହିଁଥିଲେ ହେଁ କରୋନା କଟକଣା ବାଧକ ସାଜିଥିଲା। ତେଣୁ ସୋମବାର ରାତିରେ ସେମାନେ ଗୋପନୀୟ ଭାବେ ସିଲେରୁ ନଦୀ ଦେଇ ଗାଁକୁ ଫେରୁଥିଲେ। ୨ଟି ମାଛଧରା ଡଙ୍ଗାରେ ପ୍ରଥମେ ୨୧ଜଣ ଫେରି ଆସିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୧୧ ଜଣ ଫେରୁଥିଲେ। ୨ଟି ଡଙ୍ଗା ମଧ୍ୟରୁ ପ୍ରଥମେ ଗୋଟିଏରେ ପାଣି ପଶିଯାଇଥିଲା। ସେଥିରୁ ପାଣି କାଢ଼ି ନ ପାରି ବସିଥିବା ୬ ଜଣ ଜୀବନ ବିକଳରେ ଡଙ୍ଗାରୁ ନିଜ ଜିନିଷପତ୍ର ନଦୀରେ ଫୋପାଡ଼ି ଦେଇଥିଲେ। ଏହି ସମୟରେ ହଠାତ୍ ଡଙ୍ଗାଟି ଏକ ଖୁଣ୍ଟରେ ପିଟିହୋଇ ଓଲଟି ପଡ଼ିଥିଲା। ଜୀବନ ବଞ୍ଚାଇବାକୁ ସମ୍ପୃକ୍ତ ୬ ଜଣ ପଛରେ ଅନ୍ୟ ୫ ଜଣଙ୍କୁ ନେଇ ଆସୁଥିବା ଡଙ୍ଗାରେ ଚଢ଼ିବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ମଧ୍ୟ ଓଲଟି ପଡିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ପହଁରି କୂଳରେ ପହଞ୍ଚିବା ସହ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀ ଘାଟରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ କାହାକୁ ପାଇ ନ ଥିଲେ। ଖବରପାଇ ରାତି ୧୦ଟା ୩୦ରେ ତହସିଲଦାର ଟି. ପଦ୍ମନାଭ ଦୋରା, ଆର୍ଆଇ ନାରାୟଣ ମହାରଣା କନ୍ଧଗୁଡ଼ାରେ ପହଞ୍ଚି ତଦାରଖ କରିଥିଲେ। ଖୋଜାଖୋଜି ପରେ ୬ ଜଣଙ୍କ ମୃତଦେହ ଜବତ କରାଯାଇଥିଲା। ମଙ୍ଗଳବାର ଘଟଣାସ୍ଥଳରେ ମାଲକାନଗିରି ଜିଲାପାଳ ୱାଇ. ବିଜୟ, ଏସ୍‌ପି ରିଷିକେଶ ଡି. ଖିଲାରି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ତହସିଲଦାର ଦୋରା ଓ ବିଡିଓ ରାହୁଲ ମଣ୍ଡଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଘଟଣାସ୍ଥଳରେ ତହସିଲଦାର ଦୋରା, ପୋଲିସ କର୍ମଚାରୀ, ଓଡ୍ରାଫ ଟିମ୍, ଅଗ୍ନିଶମ ଟିମ୍ ଖୋଜାଖୋଜି ଜାରି ରଖିଛନ୍ତି।

- ପହଁରି ଜୀବନ ବଞ୍ଚାଇଲେ ୩, ୨ ନିଖୋଜ
- ମୃତକଙ୍କ ମଧ୍ୟରେ ୩ ପରିବାରର ୫ ଶିଶୁ
- ଜାରି ରହିଛି ଉଦ୍ଧାର କାର୍ଯ୍ୟ



ସିଲେରୁ ନଦୀରେ ନିଖୋଜଙ୍କୁ ଖୋଜାଯାଉଛି।

## ପେଟ୍ରୋଲ ୨୪, ଡିଜେଲ ୨୭ ପଇସା ବଢ଼ିଲା


- ପେଟ୍ରୋଲଠାରୁ ଡିଜେଲ ଦର ଅଧିକ ବଢ଼ୁଛି
- ମେ'ରେ ପେଟ୍ରୋଲ ୩.୦୪, ଡିଜେଲ ୩.୮୯ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୫

ମହାମାରୀ ସମୟରେ ପେଟ୍ରୋଲ ଏବଂ ଡିଜେଲ ଦର କ୍ରମାଗତ ଭାବେ ବଢ଼ିଚାଲିଛି। ସୋମବାର ତେଲ ଦର ସ୍ଥିର ରହିବା ପରେ ମଙ୍ଗଳବାର ପୁଣି ଥରେ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ୨୪ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୪.୧୬ ଟଙ୍କା ଏବଂ ଡିଜେଲ ୯୧.୮୭ ଟଙ୍କାରେ ବିକ୍ରି ହେଉଛି। ଚଳିତ ମାସରେ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୩.୦୪ ଟଙ୍କା ଏବଂ ଡିଜେଲ ୩.୮୯ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୩ ପଇସା ଏବଂ ଡିଜେଲ ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ଏଠାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବ୍ୟସ୍ତ ହୁଅନାହିଁ**




# ପଳାତକ ମେହୁଲ ଚୋକ୍‌ସି ନିଖୋଜ

**କ୍ୟୁବାକୁ ପଳାଇଥିବା ନେଇ ଚର୍ଚ୍ଚା**

ନୂଆଦିଲ୍ଲୀ,୨୫।୫

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ୧୪ ହଜାର କୋଟି ଟଙ୍କା ଋଣ ଠକେଇ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ନିଖୋଜ ହୋଇଯାଇଥିବା ଖବର ସାମ୍ନାକୁ ଆସିଛି। ଋଣ ଠକେଇ ଘଟଣା ଲୋକଲୋଚନକୁ ଆସିବା ପରେ ସେ ୨୦୧୮ରେ କାରିବିଆନ ଦ୍ୱୀପର ଦେଶ ଆଣ୍ଟିଗୁଆ ଏବଂ ବରବୁଡ଼ାକୁ ପଳାୟନ କରିଥିଲେ। ତାଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କ ବିରୋଧରେ ଏବେ ତଦନ୍ତ ଜାରି ରଖିଥିବା ବେଳେ ଆଣ୍ଟିଗୁଆରୁ ସେ ନିଖୋଜ ଥିବା ଏକ ଖବର ମିଡିଆରେ ପ୍ରକାଶ ପାଇଛି।



ମେହୁଲ ଚୋକ୍‌ସି

ଚୋକ୍‌ସିଙ୍କ ଓକିଲ ବିଜୟ ଅଗ୍ରୱାଲ ଏ ନେଇ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ତାଙ୍କ କ୍ଲାଏଣ୍ଟ ଏବେ ନିଖୋଜ ଥିବା ବେଳେ ଚୋକ୍‌ସିଙ୍କ ପରିବାର ତାଙ୍କୁ ଖୋଜୁଛନ୍ତି। ତାଙ୍କୁ ଖୋଜିବା ଲାଗି ଆଣ୍ଟିଗୁଆ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ସିବିଆଇର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏହି ଘଟଣା ସମ୍ପର୍କରେ ଭାରତରେ ଅବସ୍ଥିତ ଆଣ୍ଟିଗୁଆ ଦୂତାବାସକୁ ଜଣାଯାଇଛି। ☞ପୃଷ୍ଠା-୪

# ଖବରଦାତାଙ୍କୁ ପୋଲିସ ଆକ୍ରମଣ
# ବିଭିନ୍ନ ମହଲରୁ ପ୍ରତିବାଦ

ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି। ଏନେଇ ବିଭିନ୍ନ ସାମ୍ବାଦିକ ସଂଘ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି।

## ଗଣମାଧ୍ୟମର କଣ୍ଠରୋଧ ପାଇଁ ଉଦ୍ୟମ

ସାମ୍ବାଦିକ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ତାଙ୍କ ଦ୍ୱାରା ସମାଜର ଟିକିନିଖି ଖବର ଲୋକଙ୍କ ନିକଟରେ ପହଞ୍ଚିଥାଏ। ତେବେ ଦୁଃଖର ବିଷୟ, ସାମ୍ବାଦିକ ଯେଉଁଭଳି ସମ୍ମାନ ପାଇବା କଥା ସେଭଳି ପାଉନାହାନ୍ତି। କିଛିଦିନ ତଳେ ବଡ଼ଶଙ୍ଖଠାରେ ପୋଲିସ ଯେଉଁଭଳି ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କୁ ଆକ୍ରମଣ କଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଗଣମାଧ୍ୟମର କଣ୍ଠରୋଧ କରିବା ପାଇଁ ପୋଲିସର ଏହା ଏକ ଉଦ୍ୟମ।

-ଆଲୋକ କୁମାର ଦାଶ, ଯୁବ କଂଗ୍ରେସ ନେତା, ପୁରୀ

## ସମ୍ପୃକ୍ତ ସାମ୍ବାଦିକଙ୍କୁ ନ୍ୟାୟ ଦିଆଯାଉ

ସାମ୍ବାଦିକଙ୍କ ଉପରେ ପୋଲିସର ଆକ୍ରମଣ ଅମାନବୀୟ ଘଟଣା। ଖବରଦାତା ପରିଚୟ ଦେବା ପରେ ବି ପୋଲିସ ଆକ୍ରମଣ କରିବାକୁ ମୁଁ ଦୃଢ଼ ଭାବେ ନିନ୍ଦା କରୁଛି। ଆଇନଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି, ଏକଥା ପୋଲିସ ମନେ ରଖିବା ଉଚିତ। ଆକ୍ରମଣ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ନ୍ୟାୟ ଦିଆଯାଉ।

-ଭଗବାନ ପଡ଼ିଆରୀ, ସରକାରୀ ଆଇନଜୀବୀ, ପୁରୀ

## ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେଉ

ମହାମାରୀ ବେଳେ ସାମ୍ବାଦିକମାନେ ନିଜ ପରିବାରକୁ ପଛରେ ପକାଇ ଜୀବନକୁ ବାଜି ଲଗାଇ ସମାଜର ହିତ ପାଇଁ ଲଢୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କୋଭିଡ୍ ମୁକାବିଲାର ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିସାରିଛନ୍ତି। ପୁରୀରେ କେତେଜଣ ନ୍ୟସ୍ତସ୍ୱାର୍ଥ ପୋଲିସ ନିଜ ଦୋଷ ଲୁଚାଇବା ପାଇଁ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଡ଼ ମାରିବା ଅତ୍ୟନ୍ତ ଅମାନବୀୟ। ଏହାକୁ କଟକ ଜିଲା ସାମ୍ବାଦିକ ୟୁନିୟନ (ଓୟୁଜେ ଶାଖା) ନିନ୍ଦା କରୁଛି । ଡିଜିପି ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାମ୍ବାଦିକ ୟୁନିୟନ ଦାବି କରୁଛି।

-ପ୍ରଫୁଲ୍ଲ କୁମାର ମହାନ୍ତି, ସଭାପତି କଟକ ଜିଲା ସାମ୍ବାଦିକ ୟୁନିୟନ

## ପୋଲିସ ଶୃଙ୍ଖଳିତ ଆଚରଣ କରୁ

ପୁରୀ ପୋଲିସର କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ଅମାନୁଷିକ ଆଚରଣକୁ ନିନ୍ଦା କରିବାକୁ ଭାଷା ନାହିଁ। ତଦନ୍ତ ନାମରେ କାଳକ୍ଷେପଣ ନୀତି ଆପଣାଇ ଘଟଣାକୁ ଚପାଇଦେବାର ପୂର୍ବରୁ ବହୁ ନଜିର ରହିଛି। ସାମ୍ପ୍ରତିକ ଘଟଣାକୁ ଗୁରୁତ୍ୱ ଦେଇ ପ୍ରଥମେ ଯେଉଁ ଅଧିକାରୀଙ୍କ ସାମ୍ନାରେ ଏହି ଘଟଣା ହୋଇଛି ତାଙ୍କୁ ନିଲମ୍ବନ କରାଯିବା ତଦନ୍ତର ଯଥାର୍ଥ ହେବ। ପୋଲିସ କେବେ ବି ନିଜ ଶୃଙ୍ଖଳିତ ଆଚରଣର ସୀମା ଅତିକ୍ରମ କରିବା ଅନୁଚିତ।

-ହରିଶଙ୍କର ମିଶ୍ର, ସ୍ତମ୍ଭକାର, ପୁରୀ

## ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ ନିନ୍ଦନୀୟ

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ତେଣୁ ସେମାନଙ୍କ ଉପରେ ଆକ୍ରମଣ ନିନ୍ଦନୀୟ। ବର୍ତ୍ତମାନ କୋଭିଡ୍ ସମୟରେ ସାମ୍ବାଦିକମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଥିବାବେଳେ ସେମାନଙ୍କ ଉପରେ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ।

- ଡା. ରବିରଞ୍ଜନ ସାହୁ, କଟକ

## ଆକ୍ରମଣକାରୀଙ୍କୁ ନିଲମ୍ବନ କରାଯାଉ

ଖବରଦାତାଙ୍କୁ ସରକାର ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଘୋଷଣା କରି ସମ୍ମାନ ଦେଇଛନ୍ତି। ମହାମାରୀ କରୋନା ସମୟରେ କାର୍ଯ୍ୟରତ 'ଧରିତ୍ରୀ'ର ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ ଆକ୍ରମଣ କରିବା ଅତି ନିନ୍ଦନୀୟ। ଯେଉଁ ପୋଲିସ କର୍ମଚାରୀ ଏଭଳି ହୀନ କାର୍ଯ୍ୟ କରିଛନ୍ତି ତାଙ୍କୁ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ତୁରନ୍ତ କାର୍ଯ୍ୟରୁ ନିଲମ୍ବିତ କରି ଗିରଫ କରିବା ଉଚିତ୍।

- ସୁବ୍ରତ କର, ସମାଜସେବୀ ତଥା ବରିଷ୍ଠ ରୋଟାରିୟାନ୍

## କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ

ପୁରୀଠାରେ କାର୍ଯ୍ୟରତ ଧରିତ୍ରୀର ଖବରଦାତାଙ୍କ ଉପରେ ଯୋଜନାବଦ୍ଧଭାବେ କରାଯାଇଥିବା ମରଣାନ୍ତକ ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାସହ ଖବରଦାତାମାନଙ୍କୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରୁଛି। ନଚେତ ଆଗାମୀ ଦିନରେ ଖବରଦାତା ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ।

- ବଲ୍ଲଭ ଚରଣ ପଲେଇ, ବରିଷ୍ଠ ଖବରଦାତା, ନିଶ୍ଚିନ୍ତକୋଇଲି

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଖବରଦାତାମାନେ ଖବର ସଂଗ୍ରହ କରୁଛନ୍ତି। ଏଭଳି ସମୟରେ ପୁରୀରେ କାର୍ଯ୍ୟରତ ଧରିତ୍ରୀର ଖବରଦାତାଙ୍କୁ ମାଡ଼ ଦିଆଯିବା ଘଟଣାକୁ ଆଠଗଡ଼ ପ୍ରେସ କ୍ଲବ ପକ୍ଷରୁ ନିନ୍ଦା କରାଯାଉଛି। ଏନେଇ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କ୍ଲବ ପକ୍ଷରୁ ଦାବି କରାଯାଇଛି।

- ବିଭୂତି ଭୂଷଣ ଖଟୁଆ, ସମ୍ପାଦକ, ଆଠଗଡ଼ ପ୍ରେସ କ୍ଲବ

## ପୋଲିସର ବର୍ବରୋଚିତ ଆକ୍ରମଣ ନିନ୍ଦନୀୟ

ପୁରୀ ଜିଲାରେ "ଧରିତ୍ରୀ"ର କାର୍ଯ୍ୟରତ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସର ବର୍ବରୋଚିତ ଆକ୍ରମଣ ଓ ଅଭଦ୍ରୋଚିତ ବ୍ୟବହାରକୁ ପ୍ରେସ୍ କ୍ଲବ ରାହାମା, ଜଗତ୍‌ସିଂହପୁର ପକ୍ଷରୁ ନିନ୍ଦା କରାଯାଉଛି। ଗଣମାଧ୍ୟମ ପ୍ରତି ଏ ହୀନ ଆଚରଣକୁ ସଭ୍ୟ ସମାଜ କେବେ ବରଦାସ୍ତ କରିବ ନାହିଁ। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆମେ ଦାବି କରୁଛୁ।

- ମାନସ ରଞ୍ଜନ ମହାନ୍ତି, ସଭାପତି, ପ୍ରେସ୍ କ୍ଲବ ରାହାମା, ଜଗତ୍‌ସିଂହପୁର

## ଖବରଦାତାଙ୍କ କାର୍ଯ୍ୟକୁ ଲଗାମ ଉଦ୍ୟମ ନିନ୍ଦନୀୟ

ପୁରୀରେ ଜଣେ ଖବରଦାତାଙ୍କ ଉପରେ ଆକ୍ରମଣ କରାଯାଇ ସେମାନଙ୍କ କାର୍ଯ୍ୟକୁ ଲଗାମ ଦେବାକୁ ଉଦ୍ୟମ କରାଯାଉଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଧରିତ୍ରୀ ଖବରଦାତା ଖବର ସଂଗ୍ରହ ବେଳେ ପୋଲିସ ଯେଉଁଭଳି ଭାବେ ତାଙ୍କୁ ଆକ୍ରମଣ କରିଥିଲା ତାହାକୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ବିରୋଧ କରୁଛି। ତୁରନ୍ତ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କୁ ଚାକିରିରୁ ନିଲମ୍ବିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଉଛି।

- ହୃଷୀକେଶ ମଲ୍ଲିକ, ସମ୍ପାଦକ, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ

## ପୋଲିସ ଗୁଣ୍ଡାର ପରିଚୟ ଦେଇଛି

କାର୍ଯ୍ୟରତ ପୁରୀ ଜିଲା ଖବରଦାତା ଓ ପଥପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀଙ୍କୁ ପୋଲିସର ଆକ୍ରମଣ ନିନ୍ଦନୀୟ। ଏପରି କରି ପୋଲିସ ଏକ ସରକାରୀ ଗୁଣ୍ଡାର ପରିଚୟ ଦେଇଛି। ଏହା ଭାରତୀୟ ଦଣ୍ଡ ସଂହିତା ଓ ପୋଲିସ ଆଇନର ବିରୁଦ୍ଧାଚରଣ କରୁଛି। ଏଭଳି ଗୁଣ୍ଡା ପୋଲିସଙ୍କ ଯୋଗୁ ଚତୁର୍ଥ ସ୍ତମ୍ଭ ବିପଦ ମୁହାଁ। ତୁରନ୍ତ ଏମାନଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଉ।

- ରାମ ପ୍ରସାଦ ପାତ୍ର, ନବରଙ୍ଗପୁର ଜିଲା ଓକିଲ ସଂଘ ସମ୍ପାଦକ

## ଦୁଃଖଦାୟକ, ନିନ୍ଦନୀୟ ଘଟଣା

ପୁରୀ ଜିଲା ଧରିତ୍ରୀର ସାମ୍ବାଦିକ ନାୟକ ଓ ଜଣେ ପରିବାବିକାଳିଙ୍କୁ ପୋଲିସ ମାଡ଼ମାରିବା ଘଟଣାକୁ ଘୋର ନିନ୍ଦା କରୁଛି। ସାମ୍ବାଦିକ ପୋଲିସକୁ ପଚାରିବାରୁ ପୋଲିସ ତାଙ୍କୁ ମାଡ଼ ମାରିବା ଅତି ଦୁଃଖଦାୟକ ଓ ନିନ୍ଦନୀୟ ଘଟଣା। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛୁ।

- ଉମାଶଙ୍କର ସାହୁ, ସଭାପତି ଜିଲା କଂଗ୍ରେସ କମିଟି ତଥା ସଭାପତି ବଣିକ ସଂଘ, ଦେବଗଡ଼

## ଯେତେ ନିନ୍ଦା କଲେ କମ୍ ହେବ

ଖବରଦାତାମାନେ ଅନେକ ସମୟରେ ପୋଲିସ, ସରକାରୀ ଅଧିକାରୀ ଓ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଦେଶରେ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷା ପାଇଁ ଯେଭଳି ଆଇନ କରାଯାଇଛି, ସେହିଭଳି କାର୍ଯ୍ୟରତ ଖବରଦାତାଙ୍କ କ୍ଷେତ୍ରରେ ଆଇନ୍ ଲାଗୁହେବା କଥା। ପୁରୀ ପୋଲିସ ଧରିତ୍ରୀ ଖବରଦାତାଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରିଛି ତାହା ନିନ୍ଦନୀୟ ଘଟଣା। ଏହାର ତଦନ୍ତ କରାଯାଇ ଦୋଷୀ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

- ରବି ସୋନୀ, ସାମାଜିକ କର୍ମୀ, ଝାରସୁଗୁଡ଼ା

## ପୋଲିସର ଏଭଳି ଆଚରଣ ଅଗ୍ରହଣୀୟ

ପୁରୀରେ ଧରିତ୍ରୀ ଖବରଦାତା ଖବର ସଂଗ୍ରହ କରୁଥିବା ବେଳେ ପୋଲିସ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ମାଡ ମାରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା ପୋଲିସର ଏଭଳି ବିଶୃଙ୍ଖଳିତ ଆଚରଣକୁ ସଭ୍ୟ ସମାଜ କେବେବି ଗ୍ରହଣ କରିବନି। ବୌଦ୍ଧ ଜିଲା ସାମ୍ବାଦିକ ସଂଘ ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି। ସମ୍ପୃକ୍ତ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଗୃହ ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର।

- ରତ୍ନାକର ବେହେରା, ସଭାପତି, ବୌଦ୍ଧ ଜିଲା ସାମ୍ବାଦିକ ସଂଘ

## ଓଡ଼ିଶା ପୋଲିସ କ୍ଷମା ମାଗୁ

ପୁରୀ ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ଧରିତ୍ରୀ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଓଡିଶା ପୋଲିସର ଛବିକୁ ସମଗ୍ର ଦେଶରେ ନିନ୍ଦିତ କରିଛି। ତୁରନ୍ତ ସରକାର ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରନ୍ତୁ। ଏହାସହ ଓଡିଶା ପୋଲିସ ଏଭଳି ଅକ୍ଷମଣୀୟ ଅପରାଧ ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ଆମେ ଦାବି କରୁଛୁ।

-ଅବକାଶ ସାହୁ, ଏଆଇୱାଇଏଫ୍, ଓଡିଶା ରାଜ୍ୟ ସମ୍ପାଦକ

## ଖବରଦାତାଙ୍କୁ ମାଡ଼ ମାରିବା ନିନ୍ଦନୀୟ ଘଟଣା

ବର୍ତ୍ତମାନ ମାନବ ସମାଜ ମହାମାରୀ କରୋନା ସହ ଲଢୁଥିବା ବେଳେ ପୋଲିସ ଗଣମାଧ୍ୟମ ପ୍ରତି ଏଭଳି ବ୍ୟବହାର କାର୍ଯ୍ୟ କରିବା ଲଜ୍ୟାଜନକ ଅଟେ। ଖବରଦାତାଙ୍କୁ ପୋଲିସର ମାଡ଼ ମାରିବା ଏକ ନିନ୍ଦନୀୟ ଘଟଣା। ଏହି ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍।

- ହିମାଂଶୁ ଶେଖର ବରାଡ, ବରିଷ୍ଠ ଆଇନଜୀବୀ, ଜୁନାଗଡ ଓକିଲ ସଂଘ

## ପୋଲିସର ବର୍ବରତା ଗଣତନ୍ତ୍ରର କଣ୍ଠରୋଧର ପ୍ରତୀକ

ପୁରୀରେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛି। ପୋଲିସର ଏପରି ବର୍ବରତା କାର୍ଯ୍ୟକଳାପ ଗଣତନ୍ତ୍ରର କଣ୍ଠରୋଧ କରିବାର ପ୍ରତୀକ। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

- ସୁବାସ ସ୍ୱାଇଁ, ସାମାଜିକ କର୍ମୀ, ନାଉଗାଁ, ଜଗତ୍‌ସିଂହପୁର

## ଖବରଦାତାଙ୍କ ଉପରେ ଆକ୍ରମଣ ନିନ୍ଦନୀୟ

ପୁରୀରେ ଖବର ସଂଗ୍ରହ କରୁଥିବା ବେଳେ ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ବିରୋଧରେ ପୋଲିସ ଯେଭଳି ଅମାନବୀୟ କାର୍ଯ୍ୟ କରିବା ସହ ମାଡ଼ ମାରିଛି ତାହା ଚତୁର୍ଥ ସ୍ତମ୍ଭର ସ୍ୱାଧୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ କର୍ତ୍ତବ୍ୟରତ ସାମ୍ବାଦିକ ଖବର ସଂଗ୍ରହ କରୁଥିବା ସମୟରେ ତାଙ୍କୁ ବାଧା ଉପୁଜାଇବା ଓ ମାଡ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ତୁରନ୍ତ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

-ଶଶାଙ୍କ ଶେଖର ମିଶ୍ର, ସାମ୍ବାଦିକ, ବୌଦ୍ଧ

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆସୁ

ପୋଲିସ ନିଜର ଅପାରଗତା ଏବଂ ପରିବା ବିକାଳିଙ୍କ ଉପରେ ନିର୍ଯାତନାକୁ ଘଣ୍ଟ ଘୋଡାଇବାକୁ ଯାଇ ସାମ୍ବାଦିକଙ୍କୁ ଏଭଳି ବ୍ୟବହାର କରିଛି। ତେଣୁ ରାଜ୍ୟ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣନ୍ତୁ। ଏହାସହିତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ସାମ୍ବାଦିକଙ୍କ ଆନ୍ଦୋଳନ ସରକାରଙ୍କ ପାଇଁ ଚିନ୍ତାର କାରଣ ହେବ।

- କୈଳାସ ନାଏକ, ସାଧାରଣ ସମ୍ପାଦକ, ରାଜ୍ୟ ସାମ୍ବାଦିକ ସଂଘ

## ପୋଲିସର ଅସଲ ଚରିତ୍ର ପଦାରେ ପକାଇଛି

ପୁରୀରେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ଯେଉଁଭଳି ମାଡ଼ ମାରିଲା ତାହା ଅତ୍ୟନ୍ତ ଅମାନୁଷିକ ଓ ନିନ୍ଦନୀୟ। ଏପରି ଘଟଣା ପରେ ବି ଜିଲା ଆରକ୍ଷୀ ଅଧୀକ୍ଷକ ଚୁପ ରହିବା ଓ ବିଭିନ୍ନ ସ୍ତରରୁ ଚାପ ପରେ ପୋଲିସ ମହାନିର୍ଦ୍ଦେଶକ ହସ୍ତକ୍ଷେପ କରିବା ଯାଏ କଥା ଯିବା ପୋଲିସ ପ୍ରଶାସନର ଅସଲ ଚରିତ୍ର ପଦାରେ ପକାଇଛି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ଏତାଦୃଶ ପୋଲିସ ଅତ୍ୟାଚାରରେ ରୋକ ଲାଗିପାରିବ। ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରି ଏହି ଘଟଣାର ତଦନ୍ତ କରନ୍ତୁ।

- ଏନ୍. ଏ. ଶାହ ଅନ୍‌ସାରୀ, ମାନବାଧିକାର କର୍ମୀ

## ସାମ୍ବାଦିକ ସୁରକ୍ଷା ଆଇନ ଆବଶ୍ୟକ

ପୁରୀରେ ଧରିତ୍ରୀ ପ୍ରତିନିଧିଙ୍କୁ ପୋଲିସର ମାଡ଼ ଘଟଣାକୁ କୋଣାର୍କ ପ୍ରେସ କ୍ଲବ ତୀବ୍ର ନିନ୍ଦା କରୁଛି। ସମ୍ପୃକ୍ତ ପୋଲିସ ଅଧିକାରୀ ହୁଅନ୍ତୁ ବା କର୍ମଚାରୀ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଉ। ସମାଜ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଓ ମାଗଣା ଆଇନ ସେବା ଯୋଗାଇଦେବା ନିତାନ୍ତ ଆବଶ୍ୟକ। ଏଣୁ ଆଶା କରୁଛୁ ସରକାର ଏ ସମ୍ପର୍କରେ ଶୀଘ୍ର ବିଚାର କରିବେ। ଆମେ ଆଶା କରୁଛୁ ପୁରୀ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ନିଃସର୍ତ୍ତ ଭାବେ ରାଜ୍ୟର ସମସ୍ତ ଖବରଦାତାଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ହେବେ।

- ସଞ୍ଜୟ ପତି, ସଭାପତି, କୋଣାର୍କ ପ୍ରେସ୍ କ୍ଲବ, କୋଣାର୍କ

## ଏଭଳି ଆଚରଣ ଗ୍ରହଣୀୟ ନୁହେଁ

ପୁରୀରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ପୋଲିସ ଯେଉଁ ନିର୍ମମ ଆଚରଣ କରିଛି ତାହା ଅତ୍ୟନ୍ତ ବର୍ବରୋଚିତ। କରୋନା ସମୟରେ ଶୃଙ୍ଖଳା ରକ୍ଷକଙ୍କଠାରେ ଏପରି ବିଶୃଙ୍ଖଳିତ ଆଚରଣ କେବେ ବି ଗ୍ରହଣୀୟ ନୁହେଁ। ବାଲିପାଟଣା ପ୍ରେସ କ୍ଲବ ଏହାର ଦୃଢ଼ ନିନ୍ଦା କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

- ଦିଲୀପ ଓଝା, ସଭାପତି, ବାଲିପାଟଣା ପ୍ରେସ୍ କ୍ଲବ, ଖୋର୍ଦ୍ଧା

## ଖବରଦାତାଙ୍କ ସହ ରହିବ ଓକିଲ ସଂଘ

ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ଆକ୍ରମଣ ନିନ୍ଦନୀୟ, ଅକ୍ଷମଣୀୟ ଅପରାଧ। ପୋଲିସ ନିଜ କ୍ଷମତାର ଅପବ୍ୟବହାର କରି ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ଜୋର ଜବରଦସ୍ତି ଗାଡ଼ିରେ ବସାଇବା ଗଣତନ୍ତ୍ର ରାଷ୍ଟ୍ରରେ ଆଦୌ ଠିକ୍ ନୁହେଁ। ଖବରଦାତାଙ୍କ ଉପରେ ଆକ୍ରମଣର ଗଞ୍ଜାମ ଓକିଲ ସଂଘ ନିନ୍ଦା କରୁଛି। ଆକ୍ରମଣକାରୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଓକିଲ ସଂଘ ଖବରଦାତାଙ୍କ ସହ ରହି ଆନ୍ଦୋଳନକୁ ଓହ୍ଲାଇବ।

- ପ୍ରଦୀପ ବେହେରା, ସମ୍ପାଦକ, ଗଞ୍ଜାମ ଓକିଲ ସଂଘ

## ଗଣତନ୍ତ୍ର ପ୍ରତି ବିପଦ

ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଭାବେ ଜନସାଧାରଣଙ୍କୁ ଜାଗ୍ରତ କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ପୋଲିସର ଆକ୍ରମଣ ଗଣତନ୍ତ୍ର ପ୍ରତି ବିପଦ ଆଶଙ୍କା ସୃଷ୍ଟି କରୁଛି। କର୍ତ୍ତବ୍ୟ ସମ୍ପାଦନ କରୁଥିବା 'ଧରିତ୍ରୀର'ପୁରୀ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ।

-ପ୍ରଭାତ କୁମାର ପାଢୀ, ଆଇନଜୀବୀ ,ସୋରଡ଼ା

## ସାମ୍ବାଦିକଙ୍କୁ ମାଡ଼ ଦୁର୍ଭାଗ୍ୟଜନକ

ପୁରୀରେ ଆଗଧାଡିର ଖବରକାଗଜ ଧରିତ୍ରୀର ସାମ୍ବାଦିକଙ୍କୁ ଯେଭଳି ମାଡ଼ ମରାଗଲା ତାହା ନିଶ୍ଚିତ ଭାବେ ନିନ୍ଦନୀୟ। କରୋନା ଭଳି ଜଟିଳ ପରିସ୍ଥିତିରେ ଜୀବନ ଏବଂ ଜୀବିକା ପାଇଁ ସମସ୍ତେ ସଂଘର୍ଷ କରୁଛନ୍ତି। ନିକଟରେ କର୍ଣାଟକ ହାଇକୋର୍ଟ ଲକ୍‌ଡାଉନ ସମୟରେ କାହା ଉପରେ ଲାଠି ନ ଉଠାଇବାକୁ କହିଛନ୍ତି। ଏଭଳି ସ୍ଥିତିରେ ଜଣେ ସାମ୍ବାଦିକଙ୍କୁ ଲାଠି ପାହାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

- ବିଜୟକୃଷ୍ଣ ପଟ୍ଟନାୟକ, ଆଇନଜୀବୀ, ଫୁଲବାଣୀ

## ପାଟି ଚୁପ୍ କରିବାକୁ ଚେଷ୍ଟା

ଜଣେ ସାମ୍ବାଦିକ ସମୟ, ଅସମୟ, ଦିନ ରାତି ଖବର ପଛରେ ଗୋଡାଏ। ହେଲେ ଆଜିକାଲି କୌଣସି ଲୋକ ନିଜର ତ୍ରୁଟି ଦେଖିବାକୁ ଚାହୁଁନାହାନ୍ତି। ଯେ କୌଣସି ଉପାୟରେ ସାମ୍ବାଦିକଙ୍କ ପାଟି ଚୁପ୍ କରିବାକୁ ଚେଷ୍ଟା କରୁଛନ୍ତି। ଏଭଳି ମାନସିକତାର ଲୋକ ଖାକି ପୋଷାକ ପିନ୍ଧିଦେଲେ କଥା ସରିଲା। ପୁରୀରେ ପୋଲିସ ଯେଉଁଭଳି ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ କଲା, ତାହା ଆଦୌ ଗ୍ରହଣୀୟ ନୁହେଁ।

-ଡ. ଜ୍ୟୋତି ପ୍ରକାଶ ମହାପାତ୍ର, ସହକାରୀ ପ୍ରଫେସର, ଆଇଆଇଏମ୍‌ସି, ଢେଙ୍କାନାଳ




'ଧରିତ୍ରୀ' ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କ ଉପରେ ପୋଲିସର ଆକ୍ରମଣକୁ ନିନ୍ଦାକରି କଳିଙ୍ଗ କନ୍ୟା ପାଇକ ଆଖଡ଼ା ପକ୍ଷରୁ ପ୍ରତିବାଦ।



ପୁରୀ ଜିଲା ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ହରିନାରାୟଣ ପୂଜାରୀ, ସମ୍ପାଦକ ବଳରାମ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଚଞ୍ଚଳ ରାଣାଙ୍କୁ ପ୍ରଦାନ କରୁଛନ୍ତି।




ଆସିକା ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସଦାନନ୍ଦ ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ସରକାରଙ୍କ ଦୋମୁହାଁ ନୀତି

ରାଜ୍ୟ ସରକାର ଖବରଦାତାଙ୍କୁ କରୋନା ଯୋଦ୍ଧା ଘୋଷଣା କରିଛନ୍ତି। ହେଲେ ପୋଲିସ କର୍ମଚାରୀ ଖବରଦାତାଙ୍କୁ ଆକ୍ରମଣ କରିଥିଲେ ମଧ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସରକାରଙ୍କ ଦୋମୁହାଁ ନୀତି ପରି ଅନୁଭବ ହେଉଛି। ସରକାର ଏଭଳି ପୋଲିସ କର୍ମଚାରୀଙ୍କୁ ସୁରକ୍ଷା ଦେବା ଯୋଗୁ ରାଜ୍ୟରେ ବହୁ ନିର୍ଯାତିତ ଲୋକଙ୍କ ମଧରେ ପୋଲିସ ପ୍ରତି ଘୃଣା ଭାବ ସୃଷ୍ଟି ହେଉଛି।

-ଉଦୟନାଥ ସାହୁ, ବରିଷ୍ଠ ଆଇନଜୀବୀ, ଚଣ୍ଡିଖୋଲ

## ଘଣ୍ଟ ନ ଘୋଡ଼ାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

କରୋନା ସମୟରେ ଲୋକେ ବଞ୍ଚିବା ପାଇଁ ସଂଗ୍ରାମ ଜାରି ରଖିଥିବା ବେଳେ ସରକାର ସେମାନଙ୍କ ସହ ଉତ୍ତମ ବୁଝାମଣାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଫାଇଦା ଉଠାଇ ପୋଲିସ ଜନସାଧାରଣଙ୍କ ଉପରେ ଜୁଲୁମ୍ ଚଳାଉଛି। ଜଣେ ଖବରଦାତା ଏହାକୁ ନେଇ ପ୍ରଶ୍ନ କରିବାରୁ ତାଙ୍କୁ ଆକ୍ରମଣର ଶୀକାର ହେବାକୁ ପଡ଼ିଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ।

- ଉଜ୍ଜଳ ଚନ୍ଦ୍ର କର, ସଭାପତି, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ, ବାଲେଶ୍ୱର

## ରାଜ୍ୟରେ ଚାଲିଛି ପୋଲିସରାଜ୍

ରାଜ୍ୟରେ ବର୍ତ୍ତମାନ ପୋଲିସରାଜ୍ ଚାଲିଛି । ପୋଲିସକୁ କେହି କିଛି କହିବାର ଅଧିକାର ନାହିଁ କିମ୍ବା ଏହା କେହି ବୁଝିବାକୁ ମଧ ନାହିଁ । ରାଜ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥା ବୋଲି କିଛି ନାହିଁ । ଖବରଦାତାଙ୍କ ଉପରେ ପୋଲିସର ଏହି ଆକ୍ରମଣ ବାସ୍ତବରେ ଦୁଃଖଦାୟକ ଓ ଦୁର୍ଭାଗ୍ୟପୂର୍ଣ୍ଣ । ମୁଁ ଏହି ଘଟଣାର ବିଧିବଦ୍ଧ ତଦନ୍ତ ସହ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

-ସରୋଜ କୁମାର ପାଢ଼ୀ, ପୂର୍ବତନ ବିଧାୟକ, ଆସିକା

## ଆକ୍ରମଣକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଗଣତନ୍ତ୍ରରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ପ୍ରମୁଖ ଭୂମିକା ରହିଛି। ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ପୋଲିସ ଦୁର୍ବ୍ୟବହାର ସହ ଆକ୍ରମଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆକ୍ରମଣକାରୀ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ।

-ଅରୁଣ କୁମାର ପଣ୍ଡା, ସଭାପତି ବରିଷ୍ଠ ନାଗରିକ ସଂଘ, ପୁରୁଷୋତ୍ତମପୁର

## ଆଇନର ରକ୍ଷକ ଭକ୍ଷକ ସାଜିଲେ

ଆଇନର ରକ୍ଷକମାନେ ଯଦି ଭକ୍ଷକ ସାଜିବେ ଭରସା କରିବା କାହାକୁ ? ପୁରୀରେ କାର୍ଯ୍ୟରତ ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସର ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ସାମ୍ବାଦିକଙ୍କ ଉପରେ ପୋଲିସର ଏପରି ବର୍ବରୋଚିତ କାର୍ଯ୍ୟକୁ ଆର.ଉଦୟଗିରି ପ୍ରେସ୍ କ୍ଲବ ବିରୋଧ କରୁଛି।

-ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ, ସାମ୍ବାଦିକ ସଂଘ ସଭାପତି, ଆର.ଉଦୟଗିରି

## ପୋଲିସର ଆଚରଣ ଅଶୋଭନୀୟ

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସୁରକ୍ଷା ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ବଦଳରେ ଆକ୍ରମଣ କରୁଛି। ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ପ୍ରତି ପୋଲିସର ଏଭଳି ଆଚରଣ ଅଶୋଭନୀୟ। ଖବରଦାତାଙ୍କ କର୍ତ୍ତବ୍ୟ ପଥରେ ସହାୟକ ହେବା ସେମାନଙ୍କର ନୈତିକ କର୍ତ୍ତବ୍ୟ ।

-ଜୟନ୍ତ ବିଶ୍ୱାଳ, ସଭାପତି, ପାରାଦୀପ ଶ୍ରମିକ ସଂଘ, ଜଗତ୍‌ସିଂହପୁର

## ଆକ୍ରମଣକୁ କଡ଼ା ନିନ୍ଦା

ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବେ ସ୍ୱୀକୃତି ଦେଇଥିବାବେଳେ ପୁରୀ ଜିଲାର ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣ କରିବା ଘଟଣାକୁ ଓଜେୟୁ (ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ)ର ତିର୍ତ୍ତୋଲ ଶାଖା ପକ୍ଷରୁ କଡ଼ା ନିନ୍ଦା କରାଯାଉଛି। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି।

-ଶ୍ରୀକାନ୍ତ ଦାଶ, ସଭାପତି, ଓଜେୟୁ ତିର୍ତ୍ତୋଲ ଶାଖା, ଜଗତ୍‌ସିଂହପୁର



ବାଲେଶ୍ୱର ଜିଲା ତାଳସାରୀ ବେଳାଭୂମିରେ ଜୁଆରମାଡ଼ରେ ଝାଉଁ ଜଙ୍ଗଲ ଧରାଶାୟୀ।



ସାମୁଦ୍ରିକ ଜୁଆର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗାଁ ନିକଟରେ ଥିବା ଲୁଣା ଘେରି ବନ୍ଧରେ ଘାଇ।



ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରୁ ମହିଳା ପୋଲିସ ଶିଶୁକୁ ଆଶ୍ରୟସ୍ଥଳୀକୁ ନେଉଛି।



ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସମୁଦ୍ରକୂଳିଆ ଗାଁର ଜଣେ ଗର୍ଭବତୀଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଉଛି।



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଜଣେ ବୃଦ୍ଧାଙ୍କୁ ଭାରରେ ସ୍ଥାନାନ୍ତର କରୁଛନ୍ତି।




ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ।



ବାଲେଶ୍ୱର ଜିଲା ନୀଳଗିରି କଲେଜ ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନେ।



ଜଗତ୍‌ସିଂହପୁର ଜିଲା ପାରାଦୀପସ୍ଥିତ ଷଣ୍ଢକୁଦବସ୍ତିରେ ଓଡ୍ରାଫ୍ ଟିମ୍ ଉଦ୍ଧାର କାର୍ଯ୍ୟ କରୁଛନ୍ତି।

# ବାତ୍ୟା ୟାସ୍ ପୂର୍ବରୁ...



ଜଗତ୍‌ସିଂହପୁର ଜିଲା ପାରାଦୀପ ମହାନଦୀ ମୁହାଣଠାରେ ଅଶାନ୍ତ ସମୁଦ୍ର ପଥରରେ ମାଡ଼ ହେଉଛି।



ପ୍ରବଳ ପବନ ଯୋଗୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବଡାଡ଼ିଆ ବିଦ୍ୟୁତ୍ ସେକ୍ସନର ଗ୍ରୀଡ୍ କ୍ଷତିଗ୍ରସ୍ତ ହେବା ସହ କଚ୍ଚା ଘର ଭାଙ୍ଗିଯାଇଛି।



ବାଲେଶ୍ୱର ଜିଲା ଚନ୍ଦନେଶ୍ୱର ନିକଟସ୍ଥ ଏକ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।




ଭଦ୍ରକ ଜିଲା ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଜଣେ ଦିବ୍ୟାଙ୍ଗଙ୍କୁ ଆଶ୍ରୟସ୍ଥଳକୁ ନେଉଛନ୍ତି।




ଚିଲିକାସ୍ଥିତ ମା' କାଳିଜାଈ ପୀଠ ପାହାଚରେ ଢେଉ ମାଡ଼ ହେଉଛି।

**ଆଜିର ମନ୍ତବ୍ୟ**
"କେନ୍ଦ୍ର ସରକାରଙ୍କ ଯୋଗୁ କରୋନାରେ ଅସଂଖ୍ୟ ଲୋକଙ୍କ ଜୀବନ ଯାଇଛି। ସରକାରଙ୍କୁ ଏହି ମୃତ୍ୟୁ ପାଇଁ ଉତ୍ତରଦାୟୀ କରାଯିବା ଜରୁରୀ।
–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................
ବୟସ:..........................
ଜନ୍ମ ତାରିଖ: ..........................


ଆର୍ୟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ବାତ୍ୟା ପରିଚାଳନା**

## କେନ୍ଦ୍ରାପଡ଼ା ଜିଲା ପାଇଁ ୨ ଆଇଏଏସ୍ ଅଫିସର ନିଯୁକ୍ତ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ବାତ୍ୟା 'ୟାସ୍' ପରବର୍ତ୍ତୀ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭେ ନିର୍ଦ୍ଦେଶକ ଶଶଧର ନାୟକ ଏବଂ ଓଡ଼ିଶା ଟେକ୍ସଟ ବୁକ୍ ପ୍ରଡକ୍ସନ ଓ ମାର୍କେଟିଂ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ରଙ୍କୁ ବାତ୍ୟା ପରବର୍ତ୍ତୀ ରିଲିଫ୍, ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ସହାୟତା କରିବାକୁ ନିୟୋଜିତ କରାଯାଇଛି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ଶିଳ୍ପ ବିଭାଗ ନିର୍ଦ୍ଦେଶକ ମହମ୍ମଦ ସଦିକ ଆଲମଙ୍କୁ ଶକ୍ତି ବିଭାଗରେ ନିଯୁକ୍ତି ଦିଆଯାଇଛି। ସେ ୧୦ ଜୁନ୍ ୨୦୨୧ ପର୍ଯ୍ୟନ୍ତ ନିଜ ଦାୟିତ୍ୱ ସହ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ୨୭ ଯାଏ ବିମାନ ଚଳାଚଳ ବନ୍ଦ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**


ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ସମସ୍ତ ବିମାନ ଚଳାଚଳକୁ ମଙ୍ଗଳବାର ରାତି ୧୧ଟାରୁ ୨୭ ତାରିଖ ସକାଳ ୫ଟା ଯାଏ ବାତିଲ କରାଯାଇଛି। ଏନେଇ ମଙ୍ଗଳବାର ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।


ଆସନ୍ନ ବାତ୍ୟା ପ୍ରଭାବରେ ମଙ୍ଗଳବାର ପାରାଦୀପର ଅଠରବାଙ୍କିସ୍ଥିତ ନେହେରୁ ବଙ୍ଗଳା ରାସ୍ତାରେ ଗଛ ଭାଙ୍ଗି ପଡ଼ିଛି।


ପାରାଦୀପ ମାଛଧରା ବନ୍ଦରରେ ବିପଦସଙ୍କେତ ଉପରେ ପାଣି।

# ଭିତରକନିକାକୁ ବାତ୍ୟା ବିପଦ

**କେନ୍ଦ୍ରାପଡ଼ା ଅଫିସ, ୨୫।୫**



ସମ୍ଭାବ୍ୟ ବାତ୍ୟା ୟାସ୍ ଅତିଭୟଙ୍କର ଭାବେ ଉପକୂଳ ଆଡ଼କୁ ମାଡ଼ିଆସୁଛି। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ଏଥିରେ ବିଶେଷ ଭାବେ ପ୍ରଭାବିତ ହେବ। ରାଜନଗର ସମେତ ମହାକାଳପଡ଼ା, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳବାସୀ ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଧିକ କ୍ଷତିଗ୍ରସ୍ତ ହେବେ। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ୭୮,୩୯୦ ଲୋକଙ୍କୁ ୮୯୮ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜିଲା ଅଗ୍ନିଶମ ବାହିନୀ, ପୋଲିସ ବଳ ସହ ଓଡ୍ରାଫ୍, ଏନ୍‌ଡିଆରଏଫ୍, ଓଏଫ୍‌ଡିସିର ୨୨ ଟିମ୍‌କୁ ମୁତୟନ କରାଯାଇଛି। ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଆଳି ବିଧାୟକ ପ୍ରତାପ ଦେବ ପ୍ରମୁଖ ଜିଲା ଓ ବ୍ଲକସ୍ତରର ପ୍ରଶାସନିକ କାର୍ଯ୍ୟାଳୟରେ ପହଞ୍ଚି ପରିଚାଳନା ସ୍ଥିତିର ସମୀକ୍ଷା କରିଛନ୍ତି। ଏଥିସହ ୬ଜଣ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ମଙ୍ଗଳବାର ପ୍ରଦାନ କରାଯାଇଛି। ଜିଲା ଜରୁରିକାଳୀନ ବିଭାଗ ଅଧିକାରୀ ସମ୍ବିତ୍ କୁମାର ଶତପଥୀ କହିଛନ୍ତି, ୟାସ୍ ବାତ୍ୟା ପରିଚାଳନା ପାଇଁ ପ୍ରାଥମିକ ସ୍ତରରେ କୋଭିଡ୍-୧୯ ଗାଇଡ୍‌ଲାଇନ ସହ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଆଶ୍ରୟସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୮୯ ଆଶ୍ରୟସ୍ଥଳକୁ ୧୬,୫୧୨ ଜଣ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଆଳିର ୬୨ ଆଶ୍ରୟସ୍ଥଳରେ ୪,୮୧୧ ଜଣ, ଡେରାବିଶରେ ୭୩ ଆଶ୍ରୟସ୍ଥଳରେ ୬,୩୮୦ ଜଣ, ଗରଦପୁରରେ ୬୯ ଆଶ୍ରୟସ୍ଥଳରେ ୨,୩୮୪ ଜଣ, କେନ୍ଦ୍ରାପଡ଼ାରେ ୯୮ ଆଶ୍ରୟସ୍ଥଳରେ ୫,୦୬୫ ଜଣ, ମାର୍ଶାଘାଇରେ ୪୩ ଆଶ୍ରୟସ୍ଥଳରେ ୨,୩୩୩ ଜଣ, ପଟ୍ଟାମୁଣ୍ଡାଇରେ ୧୦୦ ଆଶ୍ରୟସ୍ଥଳରେ ୯,୨୩୫ ଜଣ, ରାଜକନିକାରେ ୭୭ ଆଶ୍ରୟସ୍ଥଳରେ ୬,୫୫୮ ଜଣ, ରାଜନଗରରେ ୧୬୨ ଆଶ୍ରୟସ୍ଥଳରେ ୨୩,୫୦୭ଜଣ, କେନ୍ଦ୍ରାପଡ଼ା ପୌରାଞ୍ଚଳରେ ୧୪ ଆଶ୍ରୟସ୍ଥଳରେ ୭୪୨ ଜଣ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୧୧ ଆଶ୍ରୟସ୍ଥଳରେ ୮୨୩ ଜଣ ରହିଛନ୍ତି। ରାତି ସୁଦ୍ଧା ଜିଲାର ସମସ୍ତ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବ ବୋଲି ଜିଲା ଜରୁରିକାଳୀନ ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ, ବୁଦ୍ଧିଜୀବୀ କ୍ଷିତୀଶ କୁମାର ସିଂହ, ପ୍ରତାପ କୁମାର ପାଢ଼ୀ କହିଛନ୍ତି, ୟାସ୍‌ର ପ୍ରଭାବ ଯୋଗୁ ସମୁଦ୍ର ଅଶାନ୍ତ ହୋଇଛି। ବଡ଼ବଡ଼ ଢେଉ ମାଡ଼ ହେବା ଯୋଗୁ ଗହୀରମଥା ରେଞ୍ଜ ଅଧୀନ ଅଗରନାଶୀ, ବାବୁବାଲି, ଚିଞ୍ଚିରି ଦ୍ୱୀପ ସମୂହ ସହ ପଠା, ଚଟକା ଆଦିରେ ତଟକ୍ଷୟ ଆରମ୍ଭ ହୋଇଛି। ଅଶାନ୍ତ ସମୁଦ୍ରର ଢେଉ ତାଳଚୁଆ, ପୁରୁଷୋତ୍ତମପୁର ଆଦି ଲୁଣାବନ୍ଧକୁ ଭାଙ୍ଗି ଦେଇଛି। ବିଭିନ୍ନ ନଦୀରେ ଜୁଆର ପାଣି ଯୋଗୁ କୂଳ ଅଞ୍ଚଳ ପ୍ରତି ବିପଦ ଅଧିକ ହୋଇଛି। ସେହିପରି ସାତଭାୟାର ବରାହୀପୁର ଅଞ୍ଚଳକୁ ସମୁଦ୍ରପାଣି ମାଡ଼ିଆସିଛି। ୟାସ୍ ପ୍ରଭାବ ସହ ପୂର୍ଣ୍ଣିମା ପାଇଁ ସମୁଦ୍ରରେ ଅଧିକ ଉତ୍ତାଳ ଜୁଆର ହେବା ସମ୍ଭାବନା ଅଛି। ଆକଳନ ଅନୁଯାୟୀ, ୨ରୁ ୪ ମିଟର ଉଚ୍ଚର ଜୁଆର ଉପକୂଳକୁ ଆସିଲେ ଭିତରକନିକା ସଂରକ୍ଷିତ ଜାତୀୟ ଉଦ୍ୟାନ ଅଧିକ କ୍ଷତିଗ୍ରସ୍ତ ହେବ। ମହାକାଳପଡ଼ା ବ୍ଲକ ସୁନୀତି, ବାବର, ଜମ୍ବୁ ପଞ୍ଚାୟତ ସହ ରାଜନଗରର ୪୩ଟି ରାଜସ୍ୱ ଗ୍ରାମ ବୁଡ଼ିଯିବାର ଆଶଙ୍କା ଦେଖାଦେଇଛି।

**ପ୍ରଥମ ପୃଷ୍ଠାରୁ...**

### ଧାମରା ନିକଟରେ...

କୁହାଯାଇଛି ଯେ, ଉତ୍ତର ଧାମରା ଓ ଦକ୍ଷିଣ ବାଲେଶ୍ୱର ଦେଇ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟା ଆକଳନ ସ୍ପଷ୍ଟ ହେଉ ନ ଥିବାରୁ ରାଜ୍ୟ ପ୍ରଶାସନ ପୂର୍ବ ପ୍ରସ୍ତୁତି ନେଇ ମଧ୍ୟ ଅଡୁଆରେ ପଡୁଛନ୍ତି। ଉପକୂଳବର୍ତ୍ତୀ ୭ରୁ ୮ଟି ଜିଲାରେ ପ୍ରସ୍ତୁତି କରିବାକୁ ପଡୁଛି। ସେଥିପାଇଁ ବାତ୍ୟା ଯେଉଁ ଅଞ୍ଚଳ ଦେଇ ଯିବ ସେହି ଅଞ୍ଚଳ ବା ଜିଲାକୁ ଅଗ୍ରାଧିକାର ଭିତ୍ତିରେ ପୂର୍ବ ପ୍ରସ୍ତୁତି କରାଯାଇ ପାରୁ ନାହିଁ। ବାତ୍ୟା ଅତିକ୍ରମ କରିବା ପରେ ମଧ୍ୟ ସେହି ସବୁ ସ୍ଥାନରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ମଧ୍ୟ ବିଳମ୍ବିତ ହେବା ଆଶଙ୍କା ରହିଛି। ଆଗୁଆ ଠିକ୍ ସୂଚନା ମିଳୁ ନ ଥିବାରୁ ଧନଜୀବନ କ୍ଷତିର ଆଶଙ୍କା ଅଧିକ ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବାତ୍ୟା 'ୟାସ୍' ଦକ୍ଷିଣପୂର୍ବ ଦିଗରେ ପାରାଦୀପଠାରୁ ୨୦୦ କିଲୋମିଟର ଏବଂ ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୨୯୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏଥିସହ ଦୀଘାଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗର ୨୯୦ କିଲୋମିଟର ଦୂରରେ ସ୍ଥଳଭାଗ ଆଡ଼କୁ ମୁହାଁଇଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗ ଦେଇ ଘଣ୍ଟା ପ୍ରତି ୧୫ କି.ମି. ବେଗରେ ଗତି କରୁଛି। ୨୬ ତାରିଖ ମଧ୍ୟାହ୍ନରେ ଏହା ଉତ୍ତର ଓଡ଼ିଶାର ଭଦ୍ରକ ଜିଲା ଧାମରାର ଉତ୍ତର ଏବଂ ଦକ୍ଷିଣ ବାଲେଶ୍ୱର ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୨୬ ତାରିଖରେ ବାତ୍ୟା ଅତି ଭୟଙ୍କର ହୋଇ ଘଣ୍ଟା ପ୍ରତି ୧୫୫ରୁ ୧୬୫ କି.ମି . ଏବଂ ସ୍ଥଳବିଶେଷରେ ଏହା ୧୮୫ କି.ମି. ବେଗରେ ଉପକୂଳରେ ପିଟି ହେବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଉପକୂଳରେ ଏହା ୧୫୫ରୁ ୧୬୫ ଏବଂ ବେଳେ ବେଳେ ୧୮୫ କି.ମି.ର ଝଟକା ଦେବ। ପୁରୀ, କଟକ, ଖୋର୍ଦ୍ଧା, ଯାଜପୁର ଏବଂ ନୟାଗଡ଼ ଜିଲାରେ ଘଣ୍ଟା ପ୍ରତି ୮୦ରୁ ୯୦ କି.ମି., ଉତ୍ତର ଓଡ଼ିଶାର ଅନ୍ୟ ଜିଲା ଓ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲାରେ ୬୦ରୁ ୮୦ କି.ମି. ବେଗରେ ପବନ ବହିବା ନେଇ ଅନୁମାନ କରାଯାଇଛି।

ଏହାର ପ୍ରଭାବରେ ମଙ୍ଗଳବାର ରାତିରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଜାରି ରହିଛି । ମୟୂରଭଞ୍ଜ, ଢେଙ୍କାନାଳ ଏବଂ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ବୁଧବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ବର୍ଷା ହୋଇପାରେ। ଏପରିକି କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ବାତ୍ୟା ପ୍ରଭାବରେ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ପାରାଦୀପରେ ୮ ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ପୁରୀ ଓ ଗୋପାଳପୁରରେ ୪ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

ବାତ୍ୟା ପ୍ରଭାବରେ ମଙ୍ଗଳବାର ଉପକୂଳବର୍ତ୍ତୀ ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର ଜିଲାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଦୁହାକୁ ଦୁହା ପବନ ଓ ଝିପିଝିପି ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ପାରାଦୀପରେ ସର୍ବାଧିକ ୧୬୧.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୦୪.୯, କଟକ ୧୭.୬, ଭୁବନେଶ୍ୱର ୩୭.୧, ପୁରୀ ୪୮.୫, ଅନୁଗୋଳ ୪, ବାରିପଦା ୨୦.୨, କେନ୍ଦୁଝରରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ୨.୫ ଲକ୍ଷ ଲୋକ...

କାର୍ଯ୍ୟ ଶେଷ ହେବ। ସ୍ଥାନାନ୍ତର ପ୍ରକ୍ରିୟାରେ ଜନସାଧାରଣଙ୍କ ସହଯୋଗ ମିଳୁଛି। ସୁନ୍ଦରଗଡ଼ ଜିଲାର ଲହୁଣୀପଡ଼ା ଓ ବଣେଇ, ଢେଙ୍କାନାଳ ଜିଲାର କଙ୍କଡ଼ାହାଡ଼, ଭୁବନ ଓ କାମାକ୍ଷାନଗର ବ୍ଲକ୍‌କୁ ଆଲର୍ଟ କରାଯାଇଛି। ଅନୁଗୋଳ ଜିଲାର ପାଲଲହଡ଼ା ଓ କଣିହାଁ ବ୍ଲକ୍‌କୁ ମଧ୍ୟ ଆଲର୍ଟ ପାଇଁ କୁହାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ଛଡ଼ା ଅନ୍ୟ ସ୍ଥାନରେ ମଧ୍ୟ ଲୋକମାନଙ୍କୁ ରଖିବା ବ୍ୟବସ୍ଥା କରାଯାଇଛି। ଏସ୍‌ଆରସି କହିଛନ୍ତି ଯେ ୪୫୦୦ ଗର୍ଭବତୀଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମଧ୍ୟରୁ ୪୦୦୦ଙ୍କର ପ୍ରସବ ହୋଇସାରିଛି। ବାତ୍ୟା ସମୟରେ ବାହାରେ ବୁଲାବୁଲି ନ କରିବା ଏବଂ ବାତ୍ୟା ବେଳେ ୪ରୁ ୬ ଘଣ୍ଟା ଛାତଘରେ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ବିଦ୍ୟୁତ୍ ବ୍ୟାଘାତ ଯୋଗୁ ଜଳ ଯୋଗାଣରେ ଅସୁବିଧା ଘଟିପାରେ। ଲୋକମାନେ ୨/୩ ଦିନ ପର୍ଯ୍ୟନ୍ତ ଘରେ ପିଇବା ପାଣି ସାଇତି ରଖିବା ଦରକାର। କଟକ ଓ ଭୁବନେଶ୍ୱରରେ ପବନର ବେଗ ୬୦ରୁ ୯୦ କିମି ରହିବ ବୋଲି ଏସ୍‌ଆରସି କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବାତ୍ୟା ବେଳେ ଆମ୍ବ, ପଣସ, ନଡ଼ିଆ ନ ଗୋଟାଇବାକୁ ଏସ୍‌ଆରସି ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

### ପରିସ୍ଥିତି ଉପରେ...

ବାସୁଦେବପୁର ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଶେଷ ସୂଚନା ମିଳିଛି। ପାନୀୟ ଜଳ, କୋଭିଡ ହସ୍ପିଟାଲଗୁଡ଼ିକ ପାଇଁ ସ୍ୱତନ୍ତ୍ରବ୍ୟବସ୍ଥା, ଅକ୍ସିଜେନ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ଯୋଗାଯୋଗ ନେଟୱାର୍କ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପ୍ରକ୍ରିୟା ପୂରା ଜୋରସୋରରେ ଚାଲିଛି। ରିଲିଫ ଓ ପୁନଃରୁଦ୍ଧାର କାର୍ଯ୍ୟ ପୂର୍ବ ପ୍ରସ୍ତୁତି ଯୋଜନା ଅନୁଯାୟୀ କରାଯାଉଛି ବୋଲି ଏସ୍‌ଆରସି ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।

### ପେଟ୍ରୋଲ ୨୪...

ପେଟ୍ରୋଲ ଓ ଡିଜେଲ ଯଥାକ୍ରମେ ୯୩.୪୪ ଟଙ୍କା ଓ ୮୪.୩୨ ଟଙ୍କାକୁ ବୃଦ୍ଧି ଘଟିଛି। ଚଳିତ ମାସ ଅଦ୍ୟାବଧି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୩.୦୪ ଟଙ୍କା ଏବଂ ଡିଜେଲ ୩.୫୯ ଟଙ୍କା ଊର୍ଦ୍ଧ୍ୱରେ ରହିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ- ୯୫.୦୬ ଟଙ୍କା, ୯୩.୪୯ ଟଙ୍କା ଏବଂ ୯୯.୭୧ ଟଙ୍କାରେ ପହଞ୍ଚିଛି। ଏହିସବୁ ସହରରେ ଡିଜେଲ ଲିଟର ପିଛା ୮୯.୧୧ ଟଙ୍କା, ୮୭.୧୬ ଟଙ୍କା ଏବଂ ୯୧.୫୭ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇନ୍ଧନ ଦର ଉପରେ ଲାଗୁ କରାଯାଇଥିବା ବର୍ଦ୍ଧିତ ଟିକସ ଯୋଗୁ ପେଟ୍ରୋଲ ଏବଂ ଡିଜେଲ ମୂଳ ମୂଲ୍ୟ ତୁଳନାରେ ରିଟେଲ ମୂଲ୍ୟ ଢେର ଅଧିକ ରହୁଛି। କୋଭିଡ୍ କଟକଣା ପାଇଁ ଗାଡ଼ି ଚଳାଚଳ ହ୍ରାସ ପାଇଛି ; ଯାହାର ପ୍ରଭାବ ତୈଳ ବଜାର ଉପରେ ସିଧାସଳଖ ପଡୁଛି ବୋଲି ପେଟ୍ରୋଲିୟମ ଡିଲରମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ତେଲ ଦର ଉଚ୍ଚରେ ରହିବା ସହ ଡିଜେଲ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ବଢୁଥିବା କୁହାଯାଇଛି।

### ପଳାତକ ମେହୁଲ...

ଅଫିସିଆଲ ଭାବେ ଚୋକ୍‌ସି ନିଖୋଜ ହେବା ନେଇ ଘୋଷଣା ହୋଇନାହିଁ। ଏ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ପ୍ରୟାସ କରାଯାଉଛି। ୨୦୧୮ରେ ଇଣ୍ଟରପୋଲ ପକ୍ଷରୁ ଚୋକ୍‌ସିଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରାଯାଇଥିଲା। ଆଣ୍ଟିଗୁଆର ଏକ ସ୍ଥାନୀୟ ମିଡିଆ ରିପୋର୍ଟ ମୁତାବକ, ଭାରତରେ ପ୍ରତ୍ୟର୍ପଣ ମାମଲା ସାମ୍ନା କରୁଥିବା ଚୋକ୍‌ସି କ୍ୟୁବାକୁ ପଳାଇଥାଇପାରନ୍ତି। ଏହା ହୋଇଥାଇପାରେ ବୋଲି ଗଣମାଧ୍ୟମ ରିପୋର୍ଟରେ ଅନୁମାନ କରାଯାଉଛି। ଯଦି କେହି ବ୍ୟକ୍ତି ଚୋକ୍‌ସିଙ୍କ ସମ୍ପର୍କରେ କିଛି ସୂଚନା ପାଆନ୍ତି ତେବେ ଜଣାଇବା ଲାଗି ଆଣ୍ଟିଗୁଆର ଜନ୍‌ସନ ପୋଲିସ ଷ୍ଟେଶନ ପକ୍ଷରୁ ଲୋକଙ୍କୁ କୁହାଯାଇଛି।

ଗଣମାଧ୍ୟମ ରିପୋର୍ଟ ମୁତାବକ, ଚୋକ୍‌ସି ରବିବାର ଅପରାହ୍ନ ୫.୧୫ରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କ କାର୍ ଠାବ କରାଯାଇଥିବା ବେଳେ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ଭାରତକୁ ପ୍ରତ୍ୟର୍ପଣ ରୋକିବା ଲାଗି ସେ ଦୀର୍ଘଦିନ ହେବ ଆଇନଗତ ମାମଲା ଲଢୁଛନ୍ତି। ତାଙ୍କ ନିକଟରେ ବର୍ତ୍ତମାନ ଆଣ୍ଟିଗୁଆର ନାଗରିକତ୍ୱ ରହିଛି। ଆର୍ଥିକ ଅପରାଧରେ ଜଡ଼ିତ ଥିବା ଲୋକଙ୍କୁ ଆଣ୍ଟିଗୁଆରେ ରହିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ସେଠାକାର ପ୍ରଧାନମନ୍ତ୍ରୀ ଗଷ୍ଟନ ବ୍ରାଉନେ ଗତବର୍ଷ କହିଥିଲେ। ଚୋକ୍‌ସିଙ୍କ ନାଗରିକତ୍ୱ ରଦ୍ଦ କରାଯାଇ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ ବୋଲି ମଧ୍ୟ ବ୍ରାଉନେ ସ୍ପଷ୍ଟ କରିଥିଲେ। ହୁଏତ ଏହି ଭୟରେ ସେ କ୍ୟୁବାକୁ ପଳାୟନ କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାରଣ ସେହି ଦେଶରେ ରହିଲେ ପ୍ରତ୍ୟର୍ପଣ କଷ୍ଟକର ହେବ। ଚୋକ୍‌ସିଙ୍କ ଆଣ୍ଟିଗୁଆ ନାଗରିକତ୍ୱ ରଦ୍ଦ ନେଇ ଗଣମାଧ୍ୟମର ଏକ ରିପୋର୍ଟକୁ ତାଙ୍କ ଓକିଲ ମାର୍ଚ୍ଚରେ ଖଣ୍ଡନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚୋକ୍‌ସି ପୂର୍ବରୁ ଏକ ସାକ୍ଷାତ୍‌କାରରେ କହିଥିଲେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା। ଏହାର କୌଣସି ସତ୍ୟତା ନାହିଁ ଏବଂ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସେହିଭଳି ପିଏନ୍‌ବି ଋଣ ଠକେଇ ମାମଲାରେ ଚୋକ୍‌ସିଙ୍କ ଭଣଜା ନୀରବ ମୋଦି(୫୦) ମଧ୍ୟ ୨୦୧୮ରେ ଭାରତ ଛାଡ଼ି ଲଣ୍ଡନ ପଳାୟନ କରିଥିଲେ। ତାଙ୍କ ପ୍ରତ୍ୟର୍ପଣକୁ ବ୍ରିଟେନ ସରକାର ଗତ ମାସରେ ମଞ୍ଜୁର ଦେଇଛନ୍ତି। ଏହା ବିରୋଧରେ ସେ ବ୍ରିଟେନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇପାରନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସିବୁ ଯିବୁରେ କଳାମାଣିକ**
**ଦିଶୁ ନାହିଁ ମୋତେ ବାଟ,**
**ତୋହରି ନାଗି ମୋ ନିତି ଗଞ୍ଜଣା**
**ପିଠିରେ ତେନ୍ତୁଳି ଛାଟ।**

ପ୍ରେମୀ ଯୁଗଳ ପାଇଁ ଏ ସମାଜ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ, ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ପରି ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇଯାଇଥାଏ। ମନର ମଣିଷକୁ ଆପଣାର କରିବାକୁ ଯାଇ ଚାରିଆଡେ ଚର୍ଚ୍ଚା ଓ ବଦନାମ। ଫଳସ୍ୱରୂପ ଘରର ଗୁରୁଜନମାନଙ୍କଠାରୁ ମାଡ଼ଗାଳି, ଭର୍ତ୍ସନା ଆଦି ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡିଥିବା ପ୍ରେମୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଆରତ**
**ଗାଈ ଦୁହୁଁ ଦୁହୁଁ ମାଇଲା ନାତ।**

ଗାଈ ଦୁହିଁ ଜାଣି ନ ଥିବା ବ୍ୟକ୍ତି ଗାଈ ଦୁହିଁବସିଲେ ପ୍ରଥମେ ପ୍ରଥମେ ନାତ ଖାଇଥାଏ। ପରୋକ୍ଷରେ କେତେଜଣ ବ୍ୟକ୍ତି ଅତ୍ୟନ୍ତ ଅଯୋଗ୍ୟ ଅପଦାର୍ଥ ହୋଇଥାନ୍ତି। ତାଙ୍କ ହାତରେ ଖଡ଼ା ବି ସିଝି ନ ଥାଏ। ଯେଉଁ କାମରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**classifieds** Everyday 0674-2580101, 2549302




**GROOM WANTED**

Oriya brahmin groom for Bangalore working brahmin Engineer girl, 33, 11lakhs, Own flat. Mutually separated after short marriage. 9437488512. D-70706

56ବୟସ୍କା, Caste, Widow, Govt. Lecturer ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। ଯୋଗାଯୋଗ: 7606067313. D-67594




**SALE**

Residential Cum commercial plots at Nakhara to Adaspur road. 8249851363, 8118078023. D-70450

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମ ଚନ୍ଦ୍ର ହେତୁ ଯାହା କରିବେ ତାହା ନିର୍ବିଘ୍ନରେ ସମ୍ପନ୍ନ ହେବା କଷ୍ଟକର ହେବ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ସମ୍ଭାବନା ପ୍ରତି ସତର୍କତା ବିଧେୟ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ।

**ବୃଷ**
ଗ୍ରହଯୁଦ୍ଧ ପ୍ରଭାବରେ ସାଧାରଣ କଥାରେ ଉତ୍ତେଜନା କିମ୍ବା ଭାବପ୍ରବଣତା ସୃଷ୍ଟି ହୋଇପାରେ। ଆଲୋଚନା ଅବସରରେ ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ମନଟା ବିଗିଡି ଯାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଷଷ୍ଠାଧିପ ମଙ୍ଗଳ ରାଶିରେ ରହିଥିବାରୁ ଦିନଟି କିଛି ଭଲ ଓ କିଛି ସମସ୍ୟା ଭିତରେ କଟିବ। କାର୍ଯ୍ୟବ୍ୟସ୍ତତା ଲାଗି ରହିବ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଭଲ। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବାର ସମ୍ଭାବନା ରହିଛି। ମାଲି କମଦ୍ଦମା, ପ୍ରଶାସନ, ରାଜନୀତି, ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ।

**କର୍କଟ**
ଆଜି ଦିନ ଭିତରେ ବିଶେଷ କିଛି ଅସୁବିଧା ହେବନି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଚନ୍ଦ୍ର ରାଶ୍ୟାଧିପ ହୋଇ ନୀଚସ୍ଥ ଯୋଗୁଁ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯାଇପାରେ। ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିବ।

**ସିଂହ**
ଏକାଧିକ ଗ୍ରହ ସନ୍ନିବେଶ କାରଣରୁ କର୍ମକ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପୂର୍ବାଫାଲଗୁନୀର ପ୍ଲଟିଙ୍ଗ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା କ୍ଷେତ୍ର ଉନ୍ନତ ରହିବ। ଦ୍ରୁତୋନ୍ନତି ସଙ୍ଗକୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୂର୍ବ ଶତ୍ରୁତା ହେତୁ କଳହର ଆଶଙ୍କା ରହିଛି।

**କନ୍ୟା**
ଚନ୍ଦ୍ର ପାପଗ୍ରହ କେତୁଯୁକ୍ତ ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେବ। ପ୍ରତ୍ୟୁଷ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯାତ୍ରାରେ ବିଳମ୍ବ ଘଟିପାରେ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ, ଅର୍ଥ ଲାଭରୁ ଖୁସି ରହିବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିପାରନ୍ତି।

**ବିଛା**
ଦୁଃସ୍ଥାନସ୍ଥ ରାଶ୍ୟାଧିପ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିର ଫଳ ପାଇବା ଯୋଗୁ ବିଭିନ୍ନ ଦୁର୍ଭାବନାରେ ମନ ବିଚଳିତ ରହିବ। ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଘରୋଇ କାମରେ ବନ୍ଧୁମାନେ ସହଯୋଗ ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ**
ରାଶିର ଉଭୟ ପାର୍ଶ୍ୱରେ ପାପଗ୍ରହ ଥିବାରୁ ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ବଢିଯିବାରୁ ମାନସିକ ସ୍ଥିତି ବିଗିଡି ଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଅତି ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ହତାଦର କରିବେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ।


**ମକର**
ସ୍ୱଗୃହୀ ଶୁକ୍ର ପ୍ରଭାବରୁ ଆଜି ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ । ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ**
ଆଜି କର୍ମକ୍ଷେତ୍ର, ପରିବାର, ଯାନ ବାହନ, ବନ୍ଧୁ ସମ୍ପର୍କକୁ ଦୃଢୀଭୂତ କରିବ। ଚତୁର୍ଥଭାବରେ ଗ୍ରହପ୍ରଭାବରୁ ବିନା ଆହ୍ୱାନରେ ଅନ୍ୟମାନଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସକାଳୁ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡିବ। ଶିକ୍ଷା, ଗବେଷଣା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ**
ଦ୍ୱାଦଶସ୍ଥ ବୃହସ୍ପତି ହେତୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ।

ଆଜି ଚନ୍ଦନପୂର୍ଣ୍ଣିମା, ବୈଶାଖବ୍ରତ ସମାପନ, ବୁଦ୍ଧ ଜୟନ୍ତୀ, ସନ୍ଥକବି ଭୀମଭୋଇ ଜୟନ୍ତୀ। ମେ ୨୬ ତାରିଖ, ବୁଧବାର, ହଜରତ୍‌ମିର୍ଜା ଗୁଲାମ ଅହମଦ୍‌ଙ୍କ ମୃତ୍ୟୁ ଦିବସ, ରାଶିନକ୍ଷତ୍ର-ଅନୁରାଧା/ବିଛା, କର୍କଟ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୮ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୧.୫୪ମି. ଗତେ ଘ.୦୫.୨୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୮୨,୬୩,୯୯୭ | ୩୪,୯୨,୭୫୨ | ୧୪,୯୭,୧୦,୭୨୧ |
| ଭାରତ | ୨,୭୧,୨୨,୧୫୮ | ୩,୧୦,୪୧୬ | ୨,୪୨,୭୮,୭୩୫ |
| ଓଡ଼ିଶା | ୭,୧୪,୩୮୦ | ୨୫୪୯(+୫୩) | ୬,୧୨,୯୯୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ମୃତ୍ୟୁରେ ପୁଣି ସର୍ବକାଳୀନ ରେକର୍ଡ

- ୩୩ ମୃତ, ୧୧୦୫୯ ଆକ୍ରାନ୍ତ
- ଖୋର୍ଦ୍ଧାରୁ ସର୍ବାଧିକ ୭ ଜୀବନ ଗଲା

ଭୁବନେଶ୍ୱର, ୨୫।୫(ବ୍ୟୁରୋ) ରାଜ୍ୟରେ ପୁଣି ସର୍ବକାଳୀନ ରେକର୍ଡ କରିଛି କରୋନା ମୃତ୍ୟୁ। ଗତ ୨୪ ଘଣ୍ଟାରେ ସର୍ବାଧିକ ୩୩ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧାରେ ସର୍ବାଧିକ ୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନୁଗୋଳ, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୪ଜଣ ଲେଖାଏ ରହିଛନ୍ତି। ସେହିପରି ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ୩ଜଣ ଲେଖାଏ ଥିବାବେଳେ ଗଞ୍ଜାମ ଓ କେନ୍ଦୁଝରରେ ୨ଜଣ ଲେଖାଏ, ଦେବଗଡ଼, ଯାଜପୁର, କନ୍ଧମାଳ ଓ କୋରାପୁଟରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୨,୫୪୯କୁ ବୃଦ୍ଧି ପାଇଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୪୮ଜଣ ଆଖି ବୁଜିଥିବାବେଳେ ଗଞ୍ଜାମରେ ୨୭୯, ସୁନ୍ଦରଗଡ଼ରେ ୨୪୮, କଟକ ୧୫୪, ପୁରୀ ୧୫୩ ଓ ବାଲେଶ୍ୱରରେ ୧୦୫ଜଣଙ୍କ ମୃତ୍ୟୁ ହୋଇଛି। ବାକି ସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଶହେ ତଳକୁ ରହିଛି ଓ ଦେବଗଡ଼ରେ ସର୍ବନିମ୍ନ ୧୧ଜଣଙ୍କ ଜୀବନ ଯାଇଛି। ଅପରପକ୍ଷେ ଗତ ଦୁଇଦିନ ହେବ ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିବା ଦେଖାଯାଇଛି। ୨୩ ତାରିଖରେ ୧୨,୮୫୨ଜଣ ଚିହ୍ନଟ ହୋଇଥିବାବେଳେ ୨୪ରେ ୧୧,୦୫୯ଜଣ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟାରେ ମୋଟ ୬୨,୨୬୧ ନମୁନା ପରୀକ୍ଷା ହୋଇଥିବାବେଳେ ୧୦,୯୩୯ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୧,୨୯୮ଜଣ ଓ କଟକରେ ୯୨୨ଜଣ ରହିଛନ୍ତି। ସେପଟେ ଅନୁଗୋଳ ସ୍ଥିତି ଏବେ ଭୟଙ୍କର ହେବାରେ ଲାଗିଛି। ଗତ କିଛିଦିନ ତଳେ ସର୍ବାଧିକ ଦୈନିକ ସଂକ୍ରମିତ ଜିଲା ସୁନ୍ଦରଗଡ଼କୁ ବି ପଛରେ ପକାଇ ଦେଇଛି ଅନୁଗୋଳ। ଏଠାରେ ଏବେ ଦୈନିକ ୮ଶହ ଉପରେ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ଜିଲାରୁ ୮୧୯ଜଣ ଥିବାବେଳେ ଢେଙ୍କାନାଳ ୭୬୩, ମୟୂରଭଞ୍ଜ ୬୦୪, ଯାଜପୁର ୫୪୧, ସୁନ୍ଦରଗଡ଼ ୫୧୨, ପୁରୀ ୪୫୬, ବୌଦ୍ଧ ୩୮୫, ନବରଙ୍ଗପୁର ୩୬୨, ବାଲେଶ୍ୱର ୩୬୧, ବରଗଡ଼ ଓ କେନ୍ଦ୍ରାପଡ଼ାରେ ୩୨୩ଜଣ ଲେଖାଏ, ସମ୍ବଲପୁର ୩୧୯, ଜଗତ୍ସିଂହପୁର ୨୯୧, ଗଞ୍ଜାମ ୨୫୪, କଳାହାଣ୍ଡି ୨୪୪, କୋରାପୁଟରେ ୨୪୨, ସୋନପୁର ୨୩୧ ଓ ନୟାଗଡ଼ ୨୨୫ଜଣ ରହିଛନ୍ତି। ବାକିସବୁ ଜିଲାରେ ୨ଶହ ତଳକୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭,୧୪,୩୮୦ରେ ପହଞ୍ଚିଛି।



## ସଂକ୍ଷେପରେ

### ମେଣ୍ଟାଲ ହେଲ୍ଥ ହଷ୍ଟେଲ, ଅନାଥ ଆଶ୍ରମ ପାଇଁ ଏସ୍ଓପି

ଭୁବନେଶ୍ୱର,୨୫।୫(ବ୍ୟୁରୋ): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଥିବା ମେଣ୍ଟାଲ ହେଲଥ ବା ମାନସିକ ସ୍ୱାସ୍ଥ୍ୟ ହଷ୍ଟେଲ, ଶର୍ଟ ଷ୍ଟେ ହୋମ୍, ଅନାଥ ଆଶ୍ରମ, ଡାଇଲୁ କେୟାର ହୋମ୍ ପାଇଁ ଏସ୍ଓପି ଜାରି କରିଛନ୍ତି ରାଜ୍ୟ ସରକାର। ଉକ୍ତ ଏସ୍ଓପି ଅନୁସାରେ, ଏ ସମସ୍ତ ସ୍ଥାନରେ କୋଭିଡ୍ ୧୯ରେ ସମସ୍ତ ନିୟମାବଳୀ କଡ଼ାକଡ଼ି ପାଳନ ହେବ। ଏଥିସହିତ ଲକ୍ଷଣ ଥିବା ଅନ୍ତେବାସୀ ବା ସନ୍ଦିଗ୍ଧ ଆକ୍ରାନ୍ତ ରହିବା ପାଇଁ ଏକ ଆଇସୋଲେସନ ରୁମ୍ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଅନ୍ତେବାସୀଙ୍କ ଦିନକୁ ଦୁଇଥର ସକାଳେ ଓ ସନ୍ଧ୍ୟାରେ ଥର୍ମାଲ ସ୍କ୍ରିନିଂ କରାଯିବ ଏବଂ ୱାର୍ଡେନ ଏହାର ରେକର୍ଡ ରଖିବା ପାଇଁ କୁହାଯାଇଛି। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ କଟକ ଏସ୍ସିବିର ଏମ୍ଏଚ୍ଆଇ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି।

### କଏଦୀଙ୍କୁ ମାଡ଼ ଘଟଣା: ୨ ୱାର୍ଡରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୫।୫(ବ୍ୟୁରୋ): ୨ଜଣ କଏଦୀଙ୍କୁ ମାଡ଼ ମାରିବା ଘଟଣାରେ ପାଟଣାଗଡ ସବ୍ ଜେଲର ଦୁଇ ୱାର୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୱାର୍ଡର ଅବିନାଶ ରଥଙ୍କୁ ନିଲମ୍ବିତ କରାଯାଇଥିବାବେଳେ ମୁଖ୍ୟ ୱାର୍ଡରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସମ୍ବଲପୁର ରେଞ୍ଜ ଡିଆଇଜି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣାର ତଦନ୍ତ ପାଇଁ ସମ୍ବଲପୁର ଜେଲର ସିନିୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପାଟଣାଗଡ଼ ସବ୍ଜେଲ୍ର ସୁପରିଣ୍ଟେଣ୍ଡେଣ୍ଟ ପାଟଣାଗଡ ଥାନାରେ ଅଭିଯୋଗ କରିବା ସହ ପୋଲିସ ସହଯୋଗରେ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି। ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶ ଆଧାରରେ ଯେଉଁ ଜେଲ୍ କର୍ମଚାରୀ କାର୍ଯ୍ୟରତବେଳେ କୌଣସି ଭୁଲ୍ କରୁଛନ୍ତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜେଲ ବିଭାଗ ମୁଖ୍ୟାଳୟ ତରଫରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

# ଉଦ୍ଧାର, ଥଇଥାନ ପାଇଁ ଅଗ୍ନିଶମ ଅଧିକାରୀଙ୍କ ନମ୍ବର ଜାରି

**ବାତ୍ୟା 'ୟାସ୍' ମୁକାବିଲା**

ଭୁବନେଶ୍ୱର,୨୫।୫(ବ୍ୟୁରୋ) ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଉଦ୍ଧାର ଓ ଥଇଥାନ କରିବା ପାଇଁ ୧୦ ଜିଲାରେ ଅଗ୍ନିଶମ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ସାଧାରଣ ଲୋକେ ଆବଶ୍ୟକସ୍ଥଳେ ଯୋଗାଯୋଗ କରିପାରିବେ। ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ନିମିତ୍ତ କାର୍ଯ୍ୟରତ ଅଗ୍ନିଶମ ଅଧିକାରୀଙ୍କ ଫୋନ ନମ୍ବର ଜାରି କରାଯାଇଛି।


ବାଲେଶ୍ୱର ଜିଲା ପାଇଁ ଅରୁଣ ଷଡ଼ଙ୍ଗୀ ନଂ.୯୪୩୭୮୦୪୯୯୧, ସତ୍ୟପୀର ବେହେରା ୭୦୦୮୩୨୯୮୭୮, ପୋରାଣ ସୋରେନ ୮୨୪୯୩୪୨୨୮୯, ଭଦ୍ରକ ପାଇଁ ସଲିଳ ପ୍ରକାଶ କିଣ୍ଡୋ ୮୯୧୭୫୨୩୦୪୬, ପ୍ରଶାନ୍ତ ଧଳ ୯୭୭୬୪୨୫୭୧୧, କେନ୍ଦ୍ରାପଡା ପାଇଁ ତ୍ରିଲୋକ କୁମାର ବାବୁ ନଂ.୯୮୫୩୧୧୭୦୦୧, ବୀରଭଦ୍ର ଟୁଡୁ ୯୪୩୭୯୩୫୯୯୧, ଜଗତ୍ସିଂହପୁର ପାଇଁ ଶରତ ମଲ୍ଲିକ ୯୪୩୭୪୬୪୫୮୪, ତେଜ କୁମାର ଏକ୍କା ୮୭୬୩୪୪୩୪୫୮, ଯାଜପୁର ପାଇଁ ସୀମାଞ୍ଚଳ ପାତ୍ରୀ ନଂ.୯୪୩୮୦୦୪୧୩୯, ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ୮୨୪୯୪୦୮୧୦୭, ମୟୂରଭଞ୍ଜ ଜିଲା ପାଇଁ ବିନୋଦ ସିଂ ନଂ.୯୪୩୭୩୫୦୯୮୩, ଭବେନ୍ଦ୍ରନାଥ ଦେ ୯୪୩୮୬୫୦୧୪୦, କୃଷ୍ଣଚନ୍ଦ୍ର ସାମଲ ୯୯୩୭୦୧୦୯୫୯, କଟକ ପାଇଁ ଅବନୀ ସ୍ୱାଇଁ ନଂ.୯୯୩୮୩୮୨୦୧୦, ପୁରୀ ପାଇଁ ବିଚିତ୍ର କୁମାର ପଣ୍ଡା ନଂ.୮୮୯୫୫୫୬୩୦୦, ପ୍ରଦୀପ ରାଉତ ୯୮୬୧୨୧୮୩୧୦, ଖୋର୍ଦ୍ଧା ଓ ଭୁବନେଶ୍ୱର ପାଇଁ ରମେଶ ଚନ୍ଦ୍ର ମାଝି ନଂ.୯୪୩୭୨୨୧୫୨୦, ସୁଶାନ୍ତ ବିଶ୍ୱାଳ ୮୮୯୫୯୪୫୧୦୮, ସନାତନ ମହାପାତ୍ର ୭୦୦୮୫୧୩୦୯୬, ଗଞ୍ଜାମ ପାଇଁ ପ୍ରଶାନ୍ତ ଦାଶ ନଂ.୯୭୭୬୨୭୨୨୮୮, ଜିତେନ୍ଦ୍ର ଦାସ ୯୧୭୮୧୫୯୦୦୫ ଓ ବିଶ୍ୱନାଥ ମହାନ୍ତି ୯୪୩୭୩୭୧୮୯୭ଙ୍କୁ ଦାୟିତ୍ୱ ଦିଆଯାଇଛି।

# ଶ୍ରେଷ୍ଠ ପ୍ରଦର୍ଶନକାରୀ ହସ୍ପିଟାଲକୁ ମିଳିବ ପୁରସ୍କାର

ଭୁବନେଶ୍ୱର, ୨୫।୫(ବ୍ୟୁରୋ) ରାଜ୍ୟ ସରକାର ପ୍ରତିବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ହସ୍ପିଟାଲକୁ ପୁରସ୍କୃତ କରିବେ। ପୁରସ୍କୃତ ହସ୍ପିଟାଲକୁ ମିଳିବ ଆର୍ଥିକ ସହାୟତା। ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ(ଏମ୍ସିଏଚ୍), ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍), ସବ୍ ଡିଭିଜନାଲ ହସ୍ପିଟାଲ (ଏସ୍ଡିଏଚ୍) ଏବଂ ପ୍ରଥମ ରେଫରାଲ ୟୁନିଟ୍ ଭାବେ କାର୍ଯ୍ୟ କରୁଥିବା କମ୍ୟୁନିଟି ହେଲ୍ଥ ସେଣ୍ଟର(ସିଏଚ୍ସି)କୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ସରକାର ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଦେଖି ଗ୍ରେଡିଂ କରିବେ। ନିର୍ଦ୍ଦିଷ୍ଟ ପାରାମିଟରଗୁଡ଼ିକ ଆଧାରରେ ଗ୍ରେଡିଂ କରାଯିବ। ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା, ଟ୍ରାନ୍ସପରେନ୍ସି ଏବଂ ଏକ ସମୟସୀମା ମଧ୍ୟରେ ପରିବର୍ତ୍ତନ ମାଧ୍ୟମରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶ୍ୱବ୍ୟାପୀ ଏକାଭିମୁଖୀ ହାସଲ କରିବା ପାଇଁ ଏହି ଗ୍ରେଡିଂ ସିଷ୍ଟମ ରାଜ୍ୟ ସରକାରଙ୍କ ୫-ଟି ଅଭିଯାନର ଏକ ଅଂଶ। ସ୍କୋର୍‌କୁ ଆଧାର କରି ର୍ୟାଙ୍କ ପ୍ରଦାନ କରାଯିବ। ଆଉ ର୍ୟାଙ୍କ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରେଷ୍ଠ ପ୍ରଦର୍ଶନକାରୀକୁ ସମ୍ମାନିତ କରିବେ ଓ ଅର୍ଥରାଶି ମଧ୍ୟ ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଏମ୍ସିଏଚ୍‌ଗୁଡ଼ିକୁ ୩ କୋଟି (ର୍ୟାଙ୍କ-୧), ୧.୫୦ କୋଟି (ର୍ୟାଙ୍କ-୨) ଏବଂ ୧ କୋଟି (ର୍ୟାଙ୍କ-୩)ଟଙ୍କା ପ୍ରଦାନ କରାଯିବ। ସେହିଭଳି ଶ୍ରେଷ୍ଠ ୩ ଡିଏଚ୍ଏଚ୍‌ଗୁଡ଼ିକୁ ଯଥାକ୍ରମେ ୧ କୋଟି, ୫୦ ଲକ୍ଷ ଏବଂ ୩୦ ଲକ୍ଷ ଟଙ୍କା ଏବଂ ଏସ୍ଡିଏଚ୍/ ସିଏଚ୍ସିକୁ ପ୍ରତିବର୍ଷ ୫୦ ଲକ୍ଷ, ୨୫ ଲକ୍ଷ ଟଙ୍କା ଏବଂ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ରଙ୍କ ପରଲୋକ

ଭଞ୍ଜନଗର,୨୫।୫(ଡି.ଏନ.ଏ.) ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ର (୮୧)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କରୋନାରେ ସଂକ୍ରମିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଉମାକାନ୍ତ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ କଂଗ୍ରେସରୁ ବିଧାୟକ ହୋଇଥିଲେ। ସେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ଜ୍ୱାଇଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉମାକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି। ଉମାକାନ୍ତ ବିଭିନ୍ନ



ସମୟରେ ଭଞ୍ଜନଗର କଲେଜ ପରିଚାଳନା କମିଟି ସଭାପତି, ଜିଲା କଂଗ୍ରେସ କମିଟି ସଭାପତି, ବ୍ଲକ ଓ ଏନ୍ଏସି ଅଧ୍ୟକ୍ଷ, ନିଖିଳ ଓଡ଼ିଶା ଆଇନଜୀବୀ ମହାସଂଘ ରାଜ୍ୟ ସଭାପତି ଏବଂ ସମ୍ପାଦକ ପଦବୀରେ ରହିଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଅମଡ଼ାବାଟ' ଓ 'ଅଭିନେତ୍ରୀ'ରେ ହିରୋ ଏବଂ ହିନ୍ଦୀ ସିନେମା 'ଭିଗି ପଲ୍‌କେ'ରେ ଚର୍ଚ୍ଚ ଫାଦର ଭୂମିକାରେ ମଧ୍ୟ ସେ ଅଭିନୟ କରିଥିଲେ।

# ବାତ୍ୟା ପାଇଁ ଭୁବନେଶ୍ୱରରେ ଟିକାକରଣ ବନ୍ଦ

ଭୁବନେଶ୍ୱର, ୨୫।୫ (ବ୍ୟୁରୋ) ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ୨୬ ତାରିଖ ବୁଧବାର ଭୁବନେଶ୍ୱରରେ ହେବାକୁ ଥିବା ଟିକାକରଣ ବନ୍ଦ ରହିବ। ଏହିଦିନ ପାଇଁ ସ୍ଲଟ୍ ବୁକିଂ କରିଥିବା ହିତାଧିକାରୀମାନେ ଆସନ୍ତା ୨୯ ତାରିଖରେ ଟିକା ନେଇ ପାରିବେ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ବୁଧବାରଠାରୁ ୩ଦିନ ଟିକାକରଣ ବନ୍ଦ ରହୁଥିବାରୁ ଲୋକମାନେ ଅଯଥାରେ ଟିକାକରଣ ସ୍ଥାନକୁ ଆସି ଭିଡ ନ କରିବା ପାଇଁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ରାଜଧାନୀର ୨୮ ଟିକା କେନ୍ଦ୍ର ସହ ୫ ସ୍ଥାନରେ ଡ୍ରାଇଭ୍ ଇନ୍ ଭାକ୍ସିନେଶନ କାର୍ଯ୍ୟକ୍ରମ ଜାରି ରହିଛି। ପୂର୍ବାହ୍ନରେ ୧୮ରୁ ୪୪ବର୍ଷର ବ୍ୟକ୍ତିମାନେ ଟିକା ନେଉଥିବାବେଳେ ଅପରାହ୍ନରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟିକା ପ୍ରଦାନ କରାଯାଉଛି।

# କୋଭିଡ୍ ଡାକ୍ତରଖାନାରେ ହାତ କାଟି ରୋଗୀଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ, ୨୫।୫ ରାୟଗଡ଼ା ଜିଲା ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ ହାତ କାଟି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଲ୍ୟାଣସିଂପୁର ବ୍ଲକ କରଞ୍ଜି ଗାଁର ଅଭିମନ୍ୟୁ କୁରୁଡ଼ିଆ(୩୫)। ଅଭିମନ୍ୟୁ କରୋନାରେ ସଂକ୍ରମିତ ହୋଇ ଜେକେପୁରସ୍ଥିତ କୋଭିଡ୍ ହେଲ୍ଥ ସେଣ୍ଟରରେ ଚିକିତ୍ସିତ ହେଉଥିଲେ। ସୋମବାର ବିଳମ୍ବିତ ରାତିରେ ସେ ନିଜ ଦୁଇ ହାତର ଶିରା କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ଦେଖି ଅନ୍ୟ ରୋଗୀମାନେ ଡାକ୍ତରଙ୍କୁ ଜଣାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ମୃତଦେହକୁ କୋଭିଡ୍ ହସ୍ପିଟାଲକୁ ଅଣାଯାଇଥିଲା। ମୃତକଙ୍କ ମା' ଭାଇ ପିପିଇ କିଟ୍ ପିନ୍ଧି ମୃତଦେହ ପାଖକୁ ଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଚାଲିଛି। ଏସମ୍ପର୍କରେ ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକଙ୍କୁ ୯୪୩୯୯୮୩୫୦୧ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ଈଶ୍ୱରଙ୍କ ଦହିବରାକୁ ଝୁରୁଛନ୍ତି କଟକବାସୀ

କଟକ ଅଫିସ,୨୫।୫ ଆଉ ମିଳିବନି କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍‌ର ସ୍ୱାଦ। ବିଜୁ ପଟ୍ଟନାୟକ ଛକ ନିକଟ ଠେଲାଗାଡି ଚାରିପାଖେ ଆଉ ଆଗଭଳି ଗହଳି ଚହଳି ହେବନି କି କଟକରୁ ଦିଲ୍ଲୀଯାଏ ପହଞ୍ଚିବନି ନିଆରା ବ୍ୟଞ୍ଜନର ବାସ୍ନା। କାରଣ ଦହିବରା ଆଳୁଦମରେ ହୃଦୟ ଜିଣୁଥିବା ସେହି ସୁଆଦିଆ ଖାଦ୍ୟର ବିଧାତା ଈଶ୍ୱର ବେହେରା (୭୨) ଆଉ ନାହାନ୍ତି। ରବିବାର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ସାରା ସହରବାସୀ ତାଙ୍କୁ ଝୁରି ହେଉଛନ୍ତି।



ଈଶ୍ୱର ବେହେରା

ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ପ୍ରକାର ଖାଦ୍ୟର ସ୍ୱତନ୍ତ୍ର ପରିଚୟ ରହିଛି। କେନ୍ଦ୍ରାପଡାର ରସାବଳୀ, ଢେଙ୍କାନାଳର ବରା, ନିମାପଡ଼ାର ଛେନାଝିଲ୍ଲୀ ଭଳି କଟକର ଦହିବରା ଆଳୁଦମ୍ ରାଜ୍ୟ ସମେତ ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ତେବେ ଏହି ସୁସ୍ୱାଦ ଖାଦ୍ୟକୁ ରାଜ୍ୟ ବାହାରେ ଲୋକପ୍ରିୟ କରାଇବାରେ ଈଶ୍ୱରଙ୍କ ପ୍ରମୁଖ ଭୂମିକା ରହିଥିଲା। କଟକ ତୁଳସୀପୁର ହିନ୍ଦୋଳକୋଠି ଛକ ରେଭିନ୍ୟୁ କଲୋନୀ ପଛପଟ ଘରେ ରହି ଆସୁଥିଲେ। ୯ ବର୍ଷର ହୋଇଥିବାବେଳେ ତାଙ୍କ ମାଆବାପାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେ କଟକ ବିଡାନାସିସ୍ଥିତ ଭଉଣୀ ଘରେ ରହି ଦହିବରା ଆଳୁଦମ ପ୍ରସ୍ତୁତି ଶିଖିଥିଲେ। ୧୫ ବର୍ଷ ବୟସରୁ ନିଜେ କାନ୍ଧରେ ଦହିବରା ଆଳୁଦମ ବୋହି ସହରର ବିଭିନ୍ନ ସ୍ଥାନକୁ ବିକ୍ରି କରିବାକୁ ଯାଉଥିଲେ। ପରେ ସାଇକେଲରେ ଏହି ବ୍ୟବସାୟ ଚଳାଇଥିଲେ। ପରବର୍ତ୍ତୀ ସମୟରେ ଷ୍ଟାଡିୟମ ଓ ବିଜୁ ପଟ୍ଟନାୟକ ଛକ ନିକଟରେ ଠେଲାଗାଡିରେ ଦହିବରା ରଖି ବ୍ୟବସାୟକୁ ଆଗେଇ ନେଇଥିଲେ। କଟକ ସହରବାସୀ ଈଶ୍ୱରଙ୍କ ଦହିବରା ଆଳୁଦମ୍‌କୁ ବେଶ୍ ପସନ୍ଦ କରୁଥିଲେ। ସେହିପରି ବୁଲିବାକୁ ଆସୁଥିବା ଦିଲ୍ଲୀ, ବମ୍ବେ, ଗୁଜରାଟ, ବାଙ୍ଗାଲୋରର ଲୋକମାନେ ଈଶ୍ୱରଙ୍କର ଏହି ସୁସ୍ୱାଦୁ ଖାଦ୍ୟ ଖାଇବା ସହ ସାଥିରେ ପାର୍ସଲ ନେଇଯାଉଥିଲେ। ଏବେ ତାଙ୍କ ଘରେ ସ୍ତ୍ରୀ, ଦୁଇ ପୁଅ ଓ ନାତୁଣୀନାତି ଅଛନ୍ତି।

ଏ ସମ୍ପର୍କରେ ଈଶ୍ୱରଙ୍କ ପୁଅ ଗଣେଶ ବେହେରା କହିଛନ୍ତି, ବାପା ପ୍ରାୟ ୫୭ ବର୍ଷ ହେବ ଏହି ବ୍ୟବସାୟ କରିଆସୁଥିଲେ। ତାଙ୍କୁ ଦହିବରା ତିଆରିରେ ପରିବାର ଲୋକେ ସାହାଯ୍ୟ କରୁଥିଲେ। ପରେ ତାହା ବିକ୍ରି ହେବା ପାଇଁ ଯାଉଥିଲା। ଏହାକୁ ଖାଇବାକୁ ଛୋଟଠାରୁ ବଡ ସମସ୍ତେ ଛୁଟି ଆସୁଥିଲେ। ପାଖରେ ଟଙ୍କା ନ ଥାଇ ଯଦି ଗରିବ ପିଲାଟିଏ ତାଙ୍କ ଦୋକାନକୁ ଆସୁଥିଲା ଈଶ୍ୱର ତାଙ୍କ ପିଲାଦିନର ସଂଘର୍ଷମୟ ସମୟକୁ ଦେଖୁଥିଲେ। ପରେ ନ ଖୁଆଇ ତାଙ୍କୁ ଛାଡୁ ନଥିଲେ। ଏପରି କି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁଅ ଈଶ୍ୱରଙ୍କ ହାତ ତିଆରି ଦହିବରା ଆଳୁଦମ୍ ଖାଇବାକୁ ଆସିଥିଲେ। ମୁଁ ଏବେ ତାଙ୍କ ପଦାଙ୍କ ଅନୁସରଣ କରୁଛି ବୋଲି ଗଣେଶ କହିଛନ୍ତି।




**एलास्टिक्स कंपनी में नौकरी**

यह एक एलास्टिक्स बनाने का यूनिट हैं। जो भाई, ओडिशा के आस पास के रहने वाले हैं, वह निचे दिए गए नंबर पर तुरंत संपर्क करें, इतनी दूर अपने गांव को छोड़कर जाने की जरुरत नहीं हैं, अब नजदीक रह कर नौकरी करें, सुनहरे मौका का लाभ उठाएं आने जाने का समय बचाएँ, परिवार के पास रहे, महामारी के समय अपने गांव में तुरंत पहुंच सकते हैं। आवश्कता हैं कुशल कारीगरों की मास्टर (3), जक्वार्ड और प्लेन फोरमैन (5), एवं ऑपरेटर (20) जो के प्लेन और जैक्वॉड एलास्टिक्स चला सके।

शीघ्र संपर्क करें
9810354808
तुलिप एलास्टिक्स प्राइवेट लिमिटेड
C-15 Hoisery Complex
Phase 2 Extn Noida-201305



**PN SERVICES**

Authorised Collection Agency

POST: 1. SUPERVISOR, 2. TEAM LEADER, 3. COLLECTION EXECUTIVE. Qualification: 10th Pass. Required location: All Odisha, specifically (Keonjhar, Sundargarh, Sambalpur, Jeypur & Malkangiri). Salary: Fix + Commission + Incentive.

Contact No.: 9438485456, 8114381002 8114381003, 8114381004



**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

1) TPWODL/SD/O/SER/010/Corrigendum/001–Rate Contract for Enforcement Activities

The time period is hereby extended for Submission of Tender Participation Fee and Authorization Letter through e-mail till 29th May 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website: www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd/- Chief Contracts and Stores



GOVERNMENT OF ODISHA

**OFFICE OF THE EXECUTIVE ENGINEER, KANUPUR REHABILITATION, CAMPS & BUILDING DIVISION**

At/P.O.- Basudevpur, Dist.- Keonjhar, PIN - 758047

**e-PROCUREMENT NOTICE**

Bid Identification No. EE, KRC & BD - 04/2021-22

No. A-143

Email: eekrcbdbasudevpur@gmail.com

| Sl. No. | Name of Work | Approx. Value of Work (Rs. in lakh) | E.M.D./ Bid Security | Cost of Bid Document | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Anganwadi Centre and Boundary Wall with Internal Electrical Installation at Naradapur R & R Colony of KIP". | 17.52 | NIL/ Security Declaration | 6,000.00 | 6 (Six) Calendar Months | D & C | Kanupur Reh. Camps & Building Division, At/P.O.-Basudevpur, Dist.-Keonjhar |
| 02 | "Construction of Anganwadi Centre with boundary wall at Dhobalabeda (Daduan) R & R Colony for the DPs of village Daduan of KIP ". | 16.88 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 03 | "Construction of Play ground at Birikala R & R Colony for DPs of village Birikala and Gobindapur of KIP ". | 16.54 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 04 | "Construction of Anganwadi Centre at Kumulanali (Dhobakuchuda) R & R Colony for the DPs of village Dhobakuchuda of KIP ". | 15.76 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 05 | "Construction of Market Complex with internal electrical installation at Naradapur R & R Colony of KIP ". | 15.29 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 06 | "Construction of Thakurani Ghar and pindi with boundary wall and an approach at Kumulanali (Dhobakuchuda) R & R Colony for the DPs of village Dhobakuchuda under KIP ". | 12.81 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 07 | "Construction of Post Office with boundary wall at Dhobalabeda (Daduan) R & R Colony for the DPs of village Daduan of KIP ". | 12.59 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 08 | "Construction of Waiting shed at Smasan, Boundary wall with an approach at Mukundapur R & R Colony for the DPs of village Murusuan under KIP". | 11.65 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 09 | "Construction of Waiting shed at Smasan, Boundary wall with an approach Jagannathpur Cluster for the DPs of village Rugudi under KIP". | 11.58 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 10 | "Construction of Community Centre at Dhobalabeda (Daduan) R & R Colony for the DPs of village Daduan of KIP ". | 11.32 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |
| 11 | "Construction of Community Centre at Kumulanali (Dhobakuchuda) R & R Colony for the DPs of village Dhobakuchuda of KIP ". | 11.13 | NIL/ Security Declaration | 6,000.00 | 6 (Six) Calendar Months | D & C | - do - |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Executive Engineer, Kanupur Reh, C. & B. Division, Basudevpur, Dist.- Keonjhar. | EE, KRC & BD - 04/2021-22 | 27.05.21 From 10.00 hours | 07.06.21 upto 17.00 hours | 08.06.21 | 11.00 hours | Office of the F.A. & C.A.O, Kanupur Irrigation Project, Keonjhar. |

Sd./- Executive Engineer, Kanupur Reh. C & B Division, Basudevpur

OIPR-32053/11/0004/2122



**ODISHA POLICE, OISF, HEADQUARTERS**
PLOT NO. 139 (P), KESHARI NAGAR, UNIT - V, BHUBANESWAR

**ବିଜ୍ଞାପନ**

କନେଷ୍ଟବଳ ନମ୍ବର - ୧୧୪୬ ବିଷ୍ଣୁପ୍ରିୟା ପାତ୍ର
ପିତା - ଶ୍ରୀ ହୃଷୀକେଶ ପାତ୍ର
ଗ୍ରାମ - କୋରାବନ୍ଧି, ପୋ. - ରଗଡ଼ି
ଥାନା - କୋରେଇ, ଜିଲ୍ଲା - ଯାଜପୁର

No. D-25: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓଏମ୍ସି, ଗନ୍ଧମାର୍ଦ୍ଦନ, କେନ୍ଦୁଝର ସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରରୁ ତା୦୧।୧୨।୨୦୨୦ରିଖ ଅପରାହ୍ନଠାରୁ ତା୩୧।୧୨।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୩୦ ଦିନ ଅର୍ଜିତ ଛୁଟିରେ ଯାଇଥିଲେ ଏବଂ ଆପଣଙ୍କର ତା୦୧।୦୧।୨୦୨୧ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଗନ୍ଧମାର୍ଦ୍ଦନ, କେନ୍ଦୁଝରସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା



**ODISHA POLICE, OISF, HEADQUARTERS**
PLOT NO. 139 (P), KESHARI NAGAR, UNIT - V, BHUBANESWAR

**ବିଜ୍ଞାପନ**

କନେଷ୍ଟବଳ ନମ୍ବର - ୪୯୭ ତରଣୀ ମିଞ୍ଜ
ପିତା - ଶ୍ରୀ କମଳ ମିଞ୍ଜ
ଗ୍ରାମ - ସାନଫିରିଙ୍ଗ୍ ବାହାଲ, ପୋ. - କୁତରିମାଲ
ଥାନା - ଗୋବିନ୍ଦପୁର, ଜିଲ୍ଲା - ସମ୍ବଲପୁର
ପିନ୍ - ୭୬୮୨୨୧

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ଼, କଳାହାଣ୍ଡିସ୍ଥିତ ଓ.ଆଇ.ଏସ୍.ଏଫ୍. କ୍ୟାମ୍ପରେ ଅନୁଷ୍ଠିତ ହୋଇଥିବା ତା୩୦।୦୧।୨୦୨୧ରିଖ ସନ୍ଧ୍ୟା ରୋଲକଲ୍ ସମୟରେ ଆପଣ ଅନୁପସ୍ଥିତ ଥିଲେ। ଆପଣ କୌଣସି ପ୍ରକାର ଛୁଟି କିମ୍ବା କ୍ୟାମ୍ପର ଉପରିସ୍ଥ ଅଫିସରଙ୍କ ଅନୁମତି ନ ନେଇ ଆପଣ ସ୍ୱଇଚ୍ଛାରେ ଏପର୍ଯ୍ୟନ୍ତ ଫେରାର ରହିଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏ ପର୍ଯ୍ୟନ୍ତ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଫେରାର ଜନିତ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତବାଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବେଦାନ୍ତ ଆଲୁମିନା ଲାଞ୍ଜିଗଡ଼ସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରର କାର୍ଯ୍ୟାଳୟରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
OIPR-12029/11/0006/2122 ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

ଧରିତ୍ରୀ
DHARITRI
ବୁଧବାର, ୨୬ ମେ, ୨୦୨୧

“ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ଼ୁ– ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। –ଶ୍ରୀଅରବିନ୍ଦ



# ବ୍ୟସ୍ତ ହୁଅନାହିଁ

ଓଡ଼ିଶା ଉପକୂଳ ଅଞ୍ଚଳରେ ପ୍ରାୟତଃ ଅକ୍ଟୋବରରେ ଝଡ଼ବାତ୍ୟା ଦେଖାଦେଇ ଆସୁଥିଲା। ଗତ କିଛିବର୍ଷ ହେବ ମେ' ମାସରେ ଅର୍ଥାତ୍ ଗ୍ରୀଷ୍ମ ସମୟରେ ବାତ୍ୟା ଆସି ବହୁ କ୍ଷୟକ୍ଷତି ଘଟାଉଛି। ମେ' ୨୦୧୯ 'ଫନୀ'ରେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ୨୬ ମେ'୨୦୨୧ରେ 'ୟାସ୍' ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ସର୍ବାଧିକ କ୍ଷତି ପହଞ୍ଚାଇବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି। ଉପକୂଳ ଅଞ୍ଚଳର ଅନ୍ୟାନ୍ୟ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି। ୟାସ୍ ଭୟଙ୍କର ରୂପ ଧାରଣ କରିଥିବାର ସଙ୍କେତ ୨୫ ମେ'ରେ ଆରମ୍ଭ ହୋଇଯାଇଥିବା ପବନ ଓ ବର୍ଷାରୁ ଅନୁମାନ କରାଯାଇପାରେ। ତେଣୁ ଧରିନେବାକୁ ହେବ ଯେ, ବର୍ଷକୁ ଅନ୍ୟୂନ ଦୁଇ ଥର ବାତ୍ୟାକୁ ସାମ୍ନା କରିବା ଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯେଭଳି ଭାବେ ଘଟିଚାଲିଛି ଭବିଷ୍ୟତରେ ଏହାର ଫ୍ରିକ୍ୱେନ୍ସି ବା ବାରମ୍ବାରତା ବଢ଼ିପାରେ।

୧୯୯୯ ମହାବାତ୍ୟା ଓଡ଼ିଶାରେ ବହୁ ଧନଜୀବନ ହାନି ଘଟାଇଥିଲା। ସେତେବେଳେ ଆଜିଭଳି ବୈଷୟିକ ଜ୍ଞାନକୌଶଳ ସହ ଉଚ୍ଚପ୍ରଶିକ୍ଷିତ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍) ନ ଥିଲା। ଅନ୍ୟପକ୍ଷରେ ଏସବୁ ସାଧନ ସହିତ ପାଣିପାଗ ବିଭାଗର ଅନୁମାନ ପୂର୍ବାପେକ୍ଷା ଅନେକାଂଶରେ ଠିକ୍ ହେଉଥିବା ସତ୍ତ୍ୱେ ଫନୀରେ ଲୋକଙ୍କ ଜୀବନ ଯିବା ସହିତ ବିଦ୍ୟୁତ୍, ଟେଲି ଯୋଗାଯୋଗ ଓ ଇଣ୍ଟରନେଟ୍ ସେବା ଭଳି ଭିତ୍ତିଭୂମି ଛିନ୍‌ଛତ୍ର ହୋଇଯାଇଥିଲା। ଫନୀ ପରେ ଅନେକ ଅଞ୍ଚଳରେ ବିଦ୍ୟୁତ୍ ସେବା ପୁନଃସଂସ୍ଥାପିତ କରିବା ଲାଗି ୩ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଯାଇଥିଲା। ୟାସ୍ ଭଦ୍ରକ ଜିଲାର ଧାମରାଠାରୁ ବାଲେଶ୍ୱର ମଧ୍ୟରେ ସ୍ଥଳଭାଗ ଛୁଇଁବା ପରେ ତାହାର ପ୍ରଭାବ କିଭଳି ରହିବ ଜଣାପଡ଼ିବ। ପ୍ରତିଥର ଭଳି ରାଜ୍ୟ ସରକାର ଜିରୋ କାଜୁଆଲ୍‌ଟି ବା ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟବାସୀ ମଧ୍ୟ ଏହା ଆଶା ରଖିବା ସ୍ୱାଭାବିକ। କିନ୍ତୁ ୟାସ୍ ଯୋଗୁ ଘଣ୍ଟା ପ୍ରତି ୧୬୫ ଓ ସର୍ବାଧିକ ୧୮୫ କିଲୋମିଟର ବେଗରେ ପବନ ବହିବ ବୋଲି ଆଇଏମ୍‌ଡି ଯେଉଁ ଆକଳନ କରିଛି, ତାହାଦ୍ୱାରା ଗଛ, ବିଦ୍ୟୁତ୍ ଓ ଟେଲିଫୋନ୍ ଟାୱାର ଭାଙ୍ଗିପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ଏଭଳି ସ୍ଥଳେ ସରକାର ବାତ୍ୟା ଭଳି ସ୍ଥଳଭାଗରେ ମାଡ଼ କରୁଥିବା ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ଲାଗି ମାଟି ତଳେ କେବୁଲ୍ ମାଧ୍ୟମରେ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗକୁ ବ୍ୟବସ୍ଥିତ କରିବାର ସମୟ ଆସିଛି। ଇତିମଧ୍ୟରେ ପରୀକ୍ଷାମୂଳକ ଭାବେ କେନ୍ଦ୍ରୀୟ ଭୁବନେଶ୍ୱରର ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାଟିତଳେ ବିଦ୍ୟୁତ୍ ତାର ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟ ସରକାର ଯେତେ ଥର ବିଭିନ୍ନ ଅଞ୍ଚଳରେ ଥିବା ଘରୋଇ ବିଦ୍ୟୁତ୍ ସରବରାହ ସଂସ୍ଥାକୁ ପ୍ରୋତ୍ସାହନ ଦେଉଛନ୍ତି, ସମସ୍ତଙ୍କଠାରେ ବିଫଳତା ଦେଖିବାକୁ ମିଳୁଛି। ଏବେ ଉତ୍ତର ଓ କେନ୍ଦ୍ରାଞ୍ଚଳ ଓଡ଼ିଶାର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା ପାୱାର ନେଇଛି। କିନ୍ତୁ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି କମ୍ପାନୀର କୌଣସି ପଦକ୍ଷେପ କେହି ଦେଖୁ ନ ଥିବେ। ବିପୁଳ ଅର୍ଥର ବିଲ୍ ଆଦାୟ କରି ପୂର୍ବରୁ ଘରୋଇ କମ୍ପାନୀ ଚମ୍ପଟ ମାରିଛନ୍ତି। ଟାଟା ପାୱାର ମଧ୍ୟ ତାହାର କୌଣସି ସ୍ଥାୟୀ କାର୍ଯ୍ୟ ଆରମ୍ଭ କରିଥିବା ଭଳି ମନେହେଉ ନାହିଁ। ତେବେ ଏହି ବାତ୍ୟା ପରବର୍ତ୍ତୀ ସମୟରେ ଟାଟା ପାୱାରର ଦକ୍ଷତା ଜଣାପଡ଼ିବ। ସେଥିପାଇଁ ମାଟି ତଳେ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇ ବିଭିନ୍ନ କାର୍ଯ୍ୟ ସକାଶେ ତାର ଓ କେବୁଲ ନିଆଗଲେ, ପ୍ରତ୍ୟେକ ବର୍ଷ ବାତ୍ୟା ପରବର୍ତ୍ତୀ ସଜଡ଼ାସଜଡ଼ି ଓ ମରାମତି ପାଇଁ କରାଯାଉଥିବା ବ୍ୟୟକୁ ରୋକାଯାଇ ପାରନ୍ତା।

ସାଧାରଣତଃ ବାତ୍ୟା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଘୋଷଣା ହେବା ପରେ ଜନସାଧାରଣଙ୍କ ଆଚରଣରେ ଏକ ଦୁଃଖଦାୟକ ଲକ୍ଷଣ ବାରମ୍ବାର ପରିଲକ୍ଷିତ ହେଉଛି। କାଳେ ଖାଇବା ଲାଗି ଜିନିଷପତ୍ରର ଅଭାବ ଦେଖାଦେବ ତାହାକୁ ଆଶଙ୍କା କରି ଲୋକେ ଅନାବଶ୍ୟକ ଭାବେ ସାମଗ୍ରୀ କିଣି ପକାଉଛନ୍ତି। ୟାସ୍ ପୂର୍ବରୁ ୨୪ ମେ'ରେ ଲୋକମାନେ କରୋନା ନିୟମ ଉଲ୍ଲଂଘନ କରି ଯେଭଳି ଲଗାଲଗି ହୋଇ ଜିନିଷପତ୍ର କିଣିବା ପାଇଁ ବ୍ୟସ୍ତ ହେଉଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି, ସେଥିରୁ ମନେହେଉଛି ଯେପରି ଜୀବନ ଦୁଇ ଚାରି ଦିନରେ ସରିଯାଉଛି। ଅନ୍ୟାନ୍ୟ ସହର ତୁଳନାରେ ଅପେକ୍ଷାକୃତ ଭାବେ ଭୁବନେଶ୍ୱର ଓ କଟକରେ ବାସ କରୁଥିବା ଶିକ୍ଷିତ ବର୍ଗଙ୍କ ଚରିତ୍ରରେ ଏ ଯେଉଁ ପ୍ରତିଫଳନ ଘଟୁଛି, ଏହାଦ୍ୱାରା ଲୋକେ କୌଣସି ବିଷୟରେ ସଚେତନ ଥିବା ପରି ମନେହେଉ ନାହିଁ। ମାନସିକ ଦାରିଦ୍ର୍ୟ ପ୍ରଦର୍ଶନ କରିବା ସହିତ ଏଠାରେ ଲୋକଙ୍କର ବିକଳ ଚିତ୍ର ପଦାରେ ପଡ଼ୁଛି।

ଆଜି ଯେଉଁ କରୋନା ମହାମାରୀକୁ ମଣିଷ ସାମ୍ନା କରୁଛି, ତାହା ଆମର ଏଭଳି ଚରିତ୍ର ରୋଗକୁ ବୃଦ୍ଧି କରାଉଛି। ବାତ୍ୟା ଓ ବାଦଲଫଟା ବର୍ଷା ଜଳବାୟୁ ପରିବର୍ତ୍ତନ ଓ ପ୍ରକୃତିର ଅସନ୍ତୁଳନତା ଯୋଗୁ ଘଟୁଛି। କିନ୍ତୁ ତଫାତ୍ ଯେ, ଏଗୁଡ଼ିକ ଏକାଥରକେ ଆସିବ ଓ କ୍ଷତି ଘଟାଇ ଚାଲିଯିବ। ଏହା ଏକ ଲିନିୟର ଡିଜାଷ୍ଟର ବା ରେଖାଙ୍କିତ ବିପତ୍ତି ଆଣି ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଭାବ ପକାଇଥାଏ। ଅନ୍ୟପକ୍ଷରେ ମହାମାରୀ ବର୍ଷ ବର୍ଷ ଧରି ମଣିଷର ସ୍ୱାସ୍ଥ୍ୟ ସହ ଅର୍ଥନୀତିକୁ ବିଗାଡ଼ି ଦିଏ। ତେଣୁ ମଣିଷର ଆଚରଣ ନିର୍ଣ୍ଣୟ କରେ କିଭଳି ତାହାକୁ ସାମ୍ନା କରିବ। ଏବେ କରୋନାର ପ୍ରକୋପ ଥିବା ବେଳେ ବାତ୍ୟା ଭଳି ଆଉ ଏକ ବିପର୍ଯ୍ୟୟ ସାମ୍ନାକୁ ଆସିଛି ମାନେ ତାହାକୁ ସମସ୍ତେ ବୁଦ୍ଧି ଖଟାଇ ସାମ୍ନା କରିବା କଥା। କରୋନା ମହାମାରୀ ପ୍ରତିହତ କରିବା ଲାଗି ଟିକାକରଣ ସହ ସାମାଜିକ ଦୂରତା ଓ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବାତ୍ୟା ସମୟରେ କାଳେ ଖାଇବା ଜିନିଷ ନ ମିଳିବ, ତାହାକୁ ଲକ୍ଷ୍ୟ କରି ଅସମ୍ଭାଳ ଭିଡ଼ ସୃଷ୍ଟି କରିବାରେ ଅନେକେ ବ୍ୟସ୍ତ। ଏହାଦ୍ୱାରା ଆମେ ଡବଲ ବିପଦକୁ ଡାକି ଆଣୁଛେ। ସମୟ ଆସିଛି, ବ୍ୟସ୍ତ ନ ହୋଇ ସଂଯତ ହେବା।

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | | 8 | | |
| | | | | | 3 | | | |
| | 1 | | 6 | | 4 | | | |
| | 5 | 1 | | | | 4 | | |
| 9 | | | 5 | | | | | |
| | | | 9 | 1 | | | | 8 |
| | 2 | 7 | | | | 3 | 5 | |
| | | | | | 7 | | | |
| 4 | | 8 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 2 | 1 | 7 | 5 | 3 | 4 | 6 |
| 4 | 7 | 6 | 3 | 9 | 8 | 2 | 1 | 5 |
| 1 | 3 | 5 | 2 | 4 | 6 | 8 | 7 | 9 |
| 2 | 5 | 1 | 6 | 3 | 7 | 9 | 8 | 4 |
| 7 | 9 | 3 | 5 | 8 | 4 | 6 | 2 | 1 |
| 8 | 6 | 4 | 9 | 2 | 1 | 7 | 5 | 3 |
| 5 | 2 | 7 | 4 | 6 | 3 | 1 | 9 | 8 |
| 6 | 1 | 9 | 8 | 5 | 2 | 4 | 3 | 7 |
| 3 | 4 | 8 | 7 | 1 | 9 | 5 | 6 | 2 |

ଗତକାଲିର ଉତ୍ତର

# ପରାର୍ଥ ପଥିକ



ଡ.ପ୍ରଫୁଲ୍ଲ କୁମାର ସାହୁ

ମହିମା ଧର୍ମର ମହାନ୍ ଭକ୍ତ ଓ ପରମ ପ୍ରବକ୍ତା ସନ୍ଥକବି ଭୀମ ଭୋଇ। ବିଶ୍ୱପ୍ରାଣତାର ଏକ ନିଃସର୍ତ୍ତ ଅଙ୍ଗୀକାର। କବିଙ୍କ ଜନ୍ମ ଜାତକ ଯେତିକି ରହସ୍ୟମୟ, କର୍ମମୟ ଜୀବନ ସେତିକି ସଂଘର୍ଷପୂର୍ଣ୍ଣ। କିଏ ତାଙ୍କୁ ଅନ୍ଧକବି କହେ ତ କିଏ କହେ କନ୍ଧକବି। କିନ୍ତୁ ନିଃସ୍ୱ ଜୀବନ ନେଇ ବିଶ୍ୱ ଧର୍ମ ସାହିତ୍ୟକୁ ଯେଉଁ ଶାଶ୍ୱତ ଅବଦାନ ସେ ଦେଇ ଯାଇଛନ୍ତି, ତାହା ହିଁ ତାଙ୍କ ପରମ ପରିଚୟର ପୁଣ୍ୟ ପରିଧି।

କବିତ୍ୱ ଥିଲା ଭୀମ ଭୋଇଙ୍କ ସହଜାତ ପ୍ରତିଭା। ପ୍ରାରମ୍ଭିକ ଅବସ୍ଥାରେ ନିଜ ରଚନାରୁ ଗାଉଥିଲେ ରସଲକେଲି, ଡାଲଖାଇ ଓ ଜାଇଫୁଲ ଆଦି ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ସଂଗୀତ। ମାତ୍ର ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ରଷ୍ଟା ପ୍ରାଣରେ ଆସିଲା ଅବିଶ୍ୱସନୀୟ ପରିବର୍ତ୍ତନ। ତାଙ୍କ କବିତାର ଶିରାରେ ଶିରାରେ ପ୍ରବାହିତ ହେଲା ଜଣେ ସମର୍ପିତ ଭକ୍ତର ସ୍ୱକୀୟ ଭାବାବେଗ। ଗୁରୁ ଆଶୀର୍ବାଦରୁ ତାଙ୍କ କବିତ୍ୱରେ ବୋଳି ହୋଇଗଲା ଜଣେ ଦାର୍ଶନିକର ପ୍ରଜ୍ଞା, ଜଣେ ସଂସ୍କାରକର ସାହସିକତା ଓ ଜଣେ ପରାର୍ଥ ପଥିକର ଭାକ୍ତିକ ଶ୍ରଦ୍ଧା ଓ ଜିଜ୍ଞାସା।

ସମସ୍ତଙ୍କ ସେବା କରିବା ହେଉଛି ମହିମା ଧର୍ମର ପ୍ରାଣକେନ୍ଦ୍ର। ମହିମା ଧର୍ମଦର୍ଶନ କହେ ସମଷ୍ଟିର ମଙ୍ଗଳରେ ବ୍ୟଷ୍ଟିର ମଙ୍ଗଳ। ପରସ୍ପର ଶାନ୍ତି, ସମତା ଓ ମମତାରେ ବାନ୍ଧି ହୋଇ ରହିଲେ ମଧୁମୟ ହୋଇ ଉଠିବ ସମଗ୍ର ଜଗତ। ସମସ୍ତଙ୍କ ଭିତରେ ବିରାଜମାନ କରିବ ଶାନ୍ତି। କବି ଆପଣା ଉପଲବ୍ଧି ପ୍ରତି ସତ୍ୟଶୀଳ ରହି ମହିମା ଧର୍ମ ଦର୍ଶନକୁ ଅନ୍ତର୍ଦୃଷ୍ଟି ବଳରେ ନିରୀକ୍ଷଣ କରିଛନ୍ତି ଏବଂ ଏକ କଲ୍ୟାଣକାରୀ ଆକାଂକ୍ଷା ନେଇ ଚାହିଁଛନ୍ତି ସମାଜରୁ ଦୂର ହେଉ ମଣିଷ ମଣିଷ ଭିତରେ ଥିବା ସକଳ ପ୍ରକାର ଭେଦ, ବାଦ ଓ ବିସଙ୍ଗତି। କବି ଭୀମ ଭୋଇ ମଣିଷ ଭୋଗୁଥିବା ଦୁଃଖର ଅନ୍ତ ପାଇଁ ଶୂନ୍ୟ ପୁରୁଷଙ୍କ ପାଖରେ ବାଢ଼ିଛନ୍ତି ଆକୁଳ ନିବେଦନ। ପୀଡ଼ିତ ଆତ୍ମାର ଉଦ୍ଧାର ପାଇଁ ଏକ ଅବିଶ୍ୱସନୀୟ ପ୍ରସ୍ତାବନା ରଖି ଗାଇଛନ୍ତି–''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।''

ଏ କେମିତି କଥା! ନିଜକୁ ନରକ ନିକ୍ଷେପ କରି କେହି କ'ଣ ଚାହିଁପାରେ ଜଗତ ଉଦ୍ଧାର ହେଉ ବୋଲି ? ସମଗ୍ର ବିଶ୍ୱବାସୀଙ୍କ ଚେତନାକୁ ଚହଲେଇ ଦେଇଥିବା ଏଭଳି ଅତିକ୍ରମଣୀୟ ତ୍ୟାଗର ମହିମା କଥା ଭାବିବା ମାତ୍ରେ ବିସ୍ମୟ ପ୍ଳାବିତ ଶ୍ରଦ୍ଧାରେ ପୂରିଉଠେ ଅନ୍ତରର କୋଣ ଅନୁକୋଣ। ବୁଝି ହୁଏନାହିଁ ଏହା ଜଣେ ମାନବବାଦୀ କବିପ୍ରାଣର ଗୀତିମୟ ଉଚ୍ଚାରଣ ନା କେହି ଆର୍ଯ୍ୟ ଋଷି କଣ୍ଠରୁ ଝରି ଆସିଥିବା ବିଶ୍ୱ କଲ୍ୟାଣକାରୀ ମନ୍ତ୍ର। ରେଢାଖୋଲର କେଉଁ ଅଖ୍ୟାତ ଗାଁର ଗୋଟେ ନିଗୃହୀତ କନ୍ଧ ପରିବାରରେ ଜନ୍ମ ନେଇଥିବା ଭୀମ ଭୋଇଙ୍କ ପ୍ରାଣକୁ କେମିତି ଛୁଇଁଲା ଏ ଉଦାର ବିଶ୍ୱମୟ ଭାବନା ? ପିଲାଟି ବେଳୁ ଦାରିଦ୍ର୍ୟର କଷାଘାତ ସହି ସହି କେମିତି ସେ ନିଜ ଭିତରେ ଠୁଳ କରିପାରିଲେ ସାରା ଜଗତର ଦୁଃଖ ବୋଝକୁ ଏକା ଏକା ବୋହି ନେବାର ସାମର୍ଥ୍ୟ ? ଏବେ ସୁଦ୍ଧା ଗବେଷକମାନଙ୍କ ପାଇଁ ଦୁର୍ଭେଦ୍ୟ ହୋଇ ରହିଛି କବିଙ୍କର ଏଭଳି ଉତ୍ସର୍ଗୀକୃତ ଭାବନା ଓ ଦମ୍ଭିଲାପଣର ରହସ୍ୟ।

ମହିମା ଧର୍ମମତ ଅନୁସାରେ ମହିମା ଶବ୍ଦର ଅର୍ଥ ଐଶ୍ୱର୍ଯ୍ୟମୟ। ଯିଏ ଅନନ୍ତ ଐଶ୍ୱର୍ଯ୍ୟ ଓ ଅନନ୍ତ ବିଭୂତିର ଆଧାର ସେ ମହିମାମୟ। ତେଣୁ ମହାଶୂନ୍ୟର ମହା ବିସ୍ତୃତିକୁ ମହିମା ବୋଲି କହିଲେ ମହିମା ସ୍ୱାମୀ। ତାଙ୍କ ମତରେ ବିଶ୍ୱ ନିୟନ୍ତା ହେଉଛନ୍ତି ଶୂନ୍ୟ ପୁରୁଷ। ସେ ସର୍ବବ୍ୟାପି, କିନ୍ତୁ ନିରାକାର। ସେହି ଶୂନ୍ୟ ପୁରୁଷଙ୍କ ନିକଟରେ ଆତ୍ମସମର୍ପଣ ପୂର୍ବକ ବ୍ରହ୍ମ ଉପାସନା ହିଁ ମହିମା ଧର୍ମ ଦର୍ଶନର ପରମ ବିଧି। ଅଲେଖ ନିରଞ୍ଜନଙ୍କ ନାମ କୀର୍ତ୍ତନ ଭଜନ ଓ ମନନ ହିଁ ତା'ର ଆଚରିତ ପନ୍ଥା। ଏହି ଦର୍ଶନ ତତ୍ତ୍ୱକୁ ଆଧାର କରି ଭୀମ ଭୋଇ ଲେଖିଲେ ଭଜନ ଓ ଜଣାଣ। ଭୀମ ଭୋଇ କେବଳ କବି ନୁହନ୍ତି, ସେ ଏକାଧାରରେ ସଂଗୀତଜ୍ଞ ଓ ସ୍ୱର ସମ୍ରାଟ। ପଲ୍ଲୀବାଦ୍ୟ ଖଞ୍ଜଣିକୁ ସାଧନାର ଏକ ସାଧନ ଭାବରେ ଗ୍ରହଣ କରି ତିଆରି କଲେ ଭଜନର ଛନ୍ଦ। ସେଥିରେ ପ୍ରକାଶ ପାଇଲା ତାଙ୍କ ଅତୁଳନୀୟ ଆଧ୍ୟାତ୍ମିକ ଅଭୀପ୍ସା। ଜନ ମାନସକୁ ଛୁଇଁଲା ତାଙ୍କ ଭଜନର ଭାକ୍ତିକ ଆବେଦନ।

ଯୁଗେ ଯୁଗେ ଭକ୍ତି ଆନ୍ଦୋଳନକୁ ନେଇ ସୃଷ୍ଟି ହୋଇଛି ସ୍ୱତନ୍ତ୍ର ଜନ ସ୍ରୋତ। ଏହି ଯେମିତି ମହିମା ଧର୍ମକୁ ନେଇ ଓଡ଼ିଶାରେ ଗଢ଼ିଉଠିଲା ମହିମା ମଣ୍ଡଳୀ। ସୃଷ୍ଟି ହେଲା ମହିମା ସାହିତ୍ୟ। ସେ ସାହିତ୍ୟର ଭଗୀରଥ ଭୀମ ଭୋଇଙ୍କ ଅମୃତସ୍ରାବୀ ଲେଖନୀରୁ ଆତ୍ମ ପ୍ରକାଶ କଲା ସ୍ତୁତି ଚିନ୍ତାମଣି, ଅଷ୍ଟକବିହାରୀ ଗୀତା, ବ୍ରହ୍ମ ନିରୂପଣ ଗୀତା, ଆଦିଅନ୍ତ ଗୀତା, ନିର୍ବେଦ ସାଧନା ଓ ଚଉତିଶା ମଧୁଚକ୍ର ଆଦି ଭକ୍ତି କବିତାର ଅନେକ କଳାମୟୀ କୋଣାର୍କ।

ବିଶେଷକରି ତାଙ୍କ ପ୍ରଜ୍ଞାର ପୂଜାପାଠ ବୋଲି କୁହାଯାଉଥିବା 'ସ୍ତୁତି ଚିନ୍ତାମଣି' ଭକ୍ତି ସାହିତ୍ୟର ଏକ ଅମୂଲ୍ୟ ସଂପଦ। ତା'ର ପ୍ରତ୍ୟେକଟି ପଦରେ ରହିଛି ଚିରକାଳ ପାଇଁ ମାନବାତ୍ମାକୁ ପ୍ରେମ ଓ କରୁଣାରେ ଭିଜେଇ ଦେବାର ମହାର୍ଘ ମନ୍ତ୍ର।

ମହିମା ଗୋସେଇଁ ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଲେ ବି ମହିମା ଧର୍ମର କଠୋରତା ଓ ଜଟିଳତାରେ ପରିବର୍ତ୍ତନ ଆଣି ତାକୁ ଗଣଧର୍ମୀ କରିବାରେ ଭୀମ ଭୋଇଙ୍କ ଅବଦାନ ଅତୁଳନୀୟ। ଗୃହକୁ ସାଧନା ଓ ସିଦ୍ଧର ମନ୍ଦିର ରୂପେ ଗ୍ରହଣ କରି ଧର୍ମ ଆନ୍ଦୋଳନରେ ସେ ହିଁ ଯୋଡ଼ିଲେ ନୂଆ ଅଧ୍ୟାୟ। ମହିମା ଧର୍ମରେ ନାରୀକୁ ପ୍ରବେଶାଧିକାର ଦେବାକୁ ଯାଇ ବଜ୍ର କଣ୍ଠରେ ଘୋଷଣା କଲେ–'ଯେସନେକ ଜଳ ପବନର ଭେଦ ନାହିଁ, ପୁରୁଷ ଯେଣିକି ଯିବ ସ୍ତିରୀ ଯିବ ତହିଁ।'' କେବଳ କବି ଭାବରେ ନୁହେଁ, ଜଣେ ଆଚାରସିଦ୍ଧ ଋଷି ଓ ପରିବ୍ରାଜକ ଭାବରେ ଯାଯାବରୀ ଜୀବନର ଗଭୀର ଜିଜ୍ଞାସା ନେଇ ସେ ଭେଦିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟ। ସର୍ବ ଜନ ନିକଟରେ ମହିମା ଧର୍ମ ଦର୍ଶନ ବା ପ୍ରେମ ଓ କରୁଣାର ସନ୍ଦେଶ ପହଞ୍ଚାଇବା ପାଇଁ ବରଡ଼ା ଛତା ଧରି ଗୈରିକ ବସନରେ ଚାଲିଛନ୍ତି ସହସ୍ର ସହସ୍ର କୋଶ ବାଟ। ଚାରିଆଡ଼େ ବୁଲି ବୁଲି ଗାଇଛନ୍ତି ଶୂନ୍ୟ ବ୍ରହ୍ମର ମହିମା। ପୂର୍ଣ୍ଣଗର୍ଭା ନଦୀ କୂଳ ଲଂଘିଲା ପରି ଓଡ଼ିଶା ମାଟିରେ ଜନ୍ମ ନେଇଥିବା ମହିମା ଧର୍ମ ତେଣୁ ଓଡ଼ିଶା ସୀମା ଡେଇଁ ପ୍ରସରି ଯାଇଛି ଆସାମ, ଆନ୍ଧ୍ରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଆଦି ଅନେକ ରାଜ୍ୟକୁ। ସବୁଠି ଗଢ଼ି ଉଠିଛି ଶହ ଶହ ମହିମା ଟୁଙ୍ଗି। ସଞ୍ଜ ନଇଁଲେ ଯେଉଁ ମହିମା ଟୁଙ୍ଗିରେ ହୁଏ ଖଞ୍ଜଣି ମାଡ଼। ଭାସିଆସେ ମହିମା ଭଜନ 'ବନ୍ଦନା ପାଦ ପଦ୍ମକୁ ଧ୍ୟାୟୀ ଅରୂପାନନ୍ଦଙ୍କ...' ଇତ୍ୟାଦି। ଭୀମ ଭୋଇଙ୍କ ଏ ଭଜନର ଅନାହତ ଆତ୍ମ ନିବେଦନ ଓ ସଂଗୀତର ଅନୁପମ ସ୍ୱର ବିଷୟାସକ୍ତ ମନକୁ ନେଇ ପହଞ୍ଚାଇ ଦିଏ କେଉଁ ଅତୀନ୍ଦ୍ରିୟ ରାଜ୍ୟରେ।

ପାର୍ଥିବ ଜୀବନରେ ନିତାନ୍ତ ନିଃସମ୍ବଳ ଥିଲେ ବି ଭୀମ ଭୋଇଙ୍କ କବିପ୍ରାଣ କେବେ ଲୋଡ଼ିନାହିଁ କୁବେର ସମ୍ପତ୍ତି କିମ୍ବା ରାଜ ଐଶ୍ୱର୍ଯ୍ୟ। ଶୂନ୍ୟ ବ୍ରହ୍ମଙ୍କଠାରେ ଆତ୍ମସମର୍ପଣ କରି ପାଇଛନ୍ତି କରୁଣାର ଝର ଭଳି ହୃଦୟ ଭର୍ତ୍ତି କରୁଣା ଓ ପ୍ରେମ ବିତରି ଯିବାର ପ୍ରେରଣା। ଆପଣା ଦିବ୍ୟ ଦୃଷ୍ଟି ଯୋଗୁ କେବେ ବି ଅମରାବତୀର ଜୟଗାନ କରି ନାହାନ୍ତି କି ଗାଇନାହାନ୍ତି କାଷ୍ଠ ପାଷାଣ ନିର୍ମିତ ଦେବତା ଉଦ୍ଦେଶ୍ୟରେ ବନ୍ଦନା। ପିତୁଳା ନୁହେଁ, କବି ଥିଲେ ସତ୍ୟର ଉପାସକ। ସତ୍ୟର ମହିମା ଗାନ କରିବାକୁ ଯାଇ ଲେଖିଛନ୍ତି–''ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ, କହେ ଭୀମ ଭୋଇ ଏ ମର୍ତ୍ତ୍ୟ ମଣ୍ଡଳେ ଯଶ ଅପଯଶ ଥାଉ।'' ଅନ୍ୟପକ୍ଷରେ ପୌତ୍ତଳିକତା ପରି ଏକ କୁସଂସ୍କାର ବିରୋଧ କରି ଲେଖିଛନ୍ତି– ''ଦେବଦେବୀଗଣ ମୃତ୍ତିକା ପାଷାଣ କାହାକୁ ନ ଭଜି ଚିତ୍ତେ, ମୁକତି କାଷ୍ଠାରେ ଏକାନ୍ତ ନିଷ୍ଠାରେ ଏକା ଧ୍ୟାୟୀ ଅଛି ତୋତେ।''

ଭୀମ ଭୋଇ ଶ୍ରେଣୀହୀନ ସମାଜ ଗଠନର ଜଣେ ମହାନ୍ ଉଦ୍‌ଗାତା। ସମାଜବାଦୀ ଆନ୍ଦୋଳନର ସୂତ୍ରଧର। ଏକ ସଂସ୍କାରସ୍ନାତ ଦୃଷ୍ଟିଭଙ୍ଗୀ ନେଇ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଧର୍ମ ନାମରେ ଚାଲିଥିବା ଅନାଚାର ବିରୋଧରେ ଶୁଣାଇଛନ୍ତି ତାଙ୍କ ବିଦ୍ରୋହୀ ଆତ୍ମାର ଉଚ୍ଚାରଣ। ଜାତିବାଦ ଓ ତଜ୍ଜନିତ ବୈରତାର ବିଲୋପ ପାଇଁ ଆହ୍ୱାନ ଦେଇ କହିଛନ୍ତି –''ଜାତି ଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ।'' ସମଗ୍ର ମଣିଷ ଜାତି ତଥା ଜୀବ ଜଗତ ପ୍ରତି ଅଶେଷ ଶ୍ରଦ୍ଧା ଯୋଗୁ ଶୋଷଣ କଷଣ ଓ ଜୀବହତ୍ୟା ଆଦି କବି ପ୍ରାଣରେ ଜଳାଇ ଦେଇଛି ବିଦ୍ରୋହର ନିଆଁ। ମାତ୍ର ଅହିଂସା ହେଉଛି ସତ୍ୟବଦ୍ଧ କବି ଭୀମ ଭୋଇଙ୍କ ସୃଜନଶୀଳ ଆତ୍ମାର ମୂଳପିଣ୍ଡ। ତେଣୁ ମାନବାତ୍ମାକୁ ଶୁଦ୍ଧ କରିବାର ବିନୀତ ଭାବ ନେଇ ସେ ଗାଇଛନ୍ତି– ''ଅହିଂସ ହୁଅ ସର୍ବଜନ, ହିଂସାରେ ନାହିଁ ବ୍ରହ୍ମଗାନ।''

ଐଶୀ ଚେତନା ଓ ମାନବ ପ୍ରେମର ଅପୂର୍ବ ସମନ୍ୱୟ ସୃଷ୍ଟି କରିଥିବା ଏହି କବିଙ୍କୁ ପୌତ୍ତଳିକତାବାଦୀ ସହି ପାରିନାହାନ୍ତି କି ସଂଖୋଳି ନେଇ ପାରି ନାହାନ୍ତି ସମକାଳୀନ ସାରସ୍ୱତ ପୁରୁଷମାନେ। ତଥାପି ସବୁ ବଞ୍ଚନାକୁ ବରଦାସ୍ତ କରି ଆନ୍ତରିକ ଭାବେ ଚାହିଁଛନ୍ତି ଜଗତ କଲ୍ୟାଣ। ଏଭଳି ଜଣେ ଅନାସକ୍ତ ସ୍ରଷ୍ଟା ପୁରୁଷଙ୍କୁ କେହି ଅଭିଜାତ ଓ ଶାସ୍ତ୍ରୀୟ ବର୍ଗର କବି ଭାବରେ ଗ୍ରହଣ କରୁ କି ନ କରୁ ତାଙ୍କ ଦୃଷ୍ଟି ଓ ଦର୍ଶନରେ ନିହିତ ବିଶ୍ୱ ଧର୍ମର ସାର ସର୍ବସ୍ୱ। ତେଣୁ ବିଶ୍ୱ ସାହିତ୍ୟରେ ତାଙ୍କ ପରିଚୟର ପୁଣ୍ୟ ପରିଧିକୁ କେବେ ବି ପୁରୁଣା କରିପାରିବନି କାଳର କରାଳ ଗତି।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଢ଼ା,ଠାକୁରମୁଣ୍ଡା,ମୟୂରଭଞ୍ଜ
ମୋ– ୯୪୩୮୪୫୦୮

# ମହାସମ୍ଭୂତି



ଡ. ଆଦିତ୍ୟ କୁମାର ମହାନ୍ତି

ସମାଜରେ ମୂଲ୍ୟବୋଧର ଅବକ୍ଷୟ ଘଟିଲେ ମଣିଷକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି ତାରକ ବ୍ରହ୍ମ। ୨୧ ମେ ୧୯୨୧ ମସିହାରେ ବିହାର ପ୍ରଦେଶର ଜମାଲପୁରଠାରେ ଲକ୍ଷ୍ମୀନାରାୟଣ ସରକାର ଓ ଆଭାରାଣୀ ସରକାରଙ୍କ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ପ୍ରଭାତ ରଞ୍ଜନ ସରକାର। ପରବର୍ତ୍ତୀ କାଳରେ ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତି ନାମରେ ସେ ବିଶ୍ୱବିଦିତ ହୋଇଥିଲେ। ଶୈଶବ କାଳରୁ ହିଁ ତାଙ୍କର ଅସାମାନ୍ୟତା ପରିଲକ୍ଷିତ ହୋଇଥିଲା। ଦର୍ଶନ, ବିଜ୍ଞାନ, ଇତିହାସ, ନୃବିଜ୍ଞାନ, ସାମାଜିକ ବିଜ୍ଞାନ ଆଦି ପ୍ରତ୍ୟେକ ଶାସ୍ତ୍ରରେ ତାଙ୍କର ଅସାଧାରଣ ଜ୍ଞାନ ଥିଲା। ପଶୁପକ୍ଷୀଙ୍କର ଭାଷା ଓ ଗତିକୁ ବୁଝିପାରିବାର ଅଲୌକିକ ଶକ୍ତି ତାଙ୍କର ଥିଲା। ସେ ନିର୍ଜନତାକୁ ଭଲ ପାଉଥିଲେ।

ବିଦ୍ୟାସାଗର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ କାଶୀମିତ୍ର ଘାଟଠାରେ ନିୟମିତ ସାଧନା କରୁଥିଲେ। ଶ୍ରାବଣୀ ପୂର୍ଣ୍ଣିମା ଦିନ ସେ କୁଖ୍ୟାତ ଡକାୟତ କାଳୀ ଚରଣ ବାନାର୍ଜୀକୁ ଆଧ୍ୟାତ୍ମିକ ଦୀକ୍ଷା ପ୍ରଦାନ କରିଥିଲେ। ସାଧନାରେ ପ୍ରତିଷ୍ଠିତ ହୋଇ ସେ ପରବର୍ତ୍ତୀ କାଳରେ କାଳିକାନନ୍ଦ ଅବଧୂତ ନାମରେ ପରିଚିତ ହୋଇଥିଲେ। ଏହି ସମୟରେ ପ୍ରଭାତ ଷ୍ଟେଟ୍‌ସ୍‌ମ୍ୟାନ, ସର୍ଚ୍ଚଲାଇଟ, ପ୍ରବାସୀ, ଇତେଫାକ୍ ଆଦି ଅନେକ ପତ୍ରିକାରେ ସ୍ତମ୍ଭ ରଚନା କରୁଥିଲେ। ଅନ୍ୟ ଏକ ଖବରକାଗଜରେ ସେ ସହସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ କରୁଥିଲେ। ଭାରତ ସ୍ୱାଧୀନତା ସଂଗ୍ରାମର ଦୁଇ ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଓ ଏମ୍.ଏନ୍. ରୟ ଅନେକ ସମୟରେ ତାଙ୍କର ପରାମର୍ଶ ଲୋଡ଼ୁଥିଲେ। ଏକଦା ଉଭୟଙ୍କ ମଧ୍ୟରେ ଅର୍ଥନୈତିକ ସ୍ୱାଧୀନତା ଓ ରାଜନୈତିକ ସ୍ୱାଧୀନତାକୁ ନେଇ ବିତର୍କ ହୋଇଥିଲା। ପ୍ରଭାତ ସେମାନଙ୍କୁ ବୁଝାଇ କହିଥିଲେ ଯେ, ଅର୍ଥନୈତିକ ସ୍ୱାଧୀନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ। ନୈତିକତା ଆଧାର, ସାଧନା ମାଧ୍ୟମ, ଦେବତ୍ୱରେ ପ୍ରତିଷ୍ଠିତ ହେବା ଜୀବନର ଲକ୍ଷ୍ୟ– ଏହା ଥିଲା ତାଙ୍କର ମୂଳମନ୍ତ୍ର।

'ଆତ୍ମମୋକ୍ଷାର୍ଥଂ ଜଗତ ହିତାୟ ଚ'– ଏହି ଆଦର୍ଶକୁ ପ୍ରଚାର କରିବା ପାଇଁ ୧୯୫୫ରେ ସେ 'ଆନନ୍ଦମାର୍ଗ ପ୍ରଚାରକ ସଂଘ' ପ୍ରତିଷ୍ଠା କରିଥିଲେ। ୧୯୫୮ରେ ଏକ କୁସଂସ୍କାର ଓ ଭାବଜଡ଼ତାମୁକ୍ତ ସମାଜ ପାଇଁ ସେ ରେନାସାଁ ୟୁନିଭର୍ସାଲ ମାଧ୍ୟମରେ ବୁଦ୍ଧିଜୀବୀମାନଙ୍କୁ ଆହ୍ୱାନ ଜଣେଇଥିଲେ। ୧୯୫୯ ମସିହାରେ ଆତ୍ମକୈନ୍ଦ୍ରିକ ତତ୍ତ୍ୱ 'ପୁଞ୍ଜିବାଦ' ଓ ବସ୍ତୁକୈନ୍ଦ୍ରିକ ତତ୍ତ୍ୱ 'ସାମ୍ୟବାଦ'କୁ ଅସମ୍ପୂର୍ଣ୍ଣ ଦର୍ଶାଇ ସେ ଏହାର ବିକଳ୍ପ ଭାବରେ ପ୍ରଗତିଶୀଳ ଉପଯୋଗ ତତ୍ତ୍ୱ ନାମକ ଏକ ନୂତନ ସମାଜ-ଅର୍ଥନୈତିକ ତତ୍ତ୍ୱର ଅବତାରଣା କରିଥିଲେ। ଏହି ତତ୍ତ୍ୱ ଏକ ଶୋଷଣମୁକ୍ତ, ବୈଷମ୍ୟମୁକ୍ତ ସୁସନ୍ତୁଳିତ ସମାଜ ଗଠନର ଲକ୍ଷ୍ୟ ରଖେ। ଏହି କାରଣରୁ ଆନନ୍ଦମାର୍ଗ ପୁଞ୍ଜିବାଦୀ ଓ ସାମ୍ୟବାଦୀ ଗୋଷ୍ଠୀଙ୍କର ଆକ୍ରୋଶର ଶିକାର ହୁଏ। ୧୯୬୨ ମସିହାରେ ଆନନ୍ଦନଗରଠାରେ ଆନନ୍ଦମାର୍ଗର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ସ୍ଥାପନ କରାଗଲା। ସ୍ଥାନୀୟ ଗ୍ରାମବାସୀଙ୍କୁ ଶିକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଶିକ୍ଷାନୁଷ୍ଠାନ, ବିବିଧ ଚିକିତ୍ସାକେନ୍ଦ୍ର, ଦିବ୍ୟାଙ୍ଗମାନଙ୍କ ପାଇଁ ନିୟୁଲାଇଟ୍ ଆସାଇଲମ୍, କୃଷକମାନଙ୍କ ଲାଗି ବିହନ ବିତରଣ କେନ୍ଦ୍ର ଆଦି ଅନେକ ଜନକଲ୍ୟାଣକାରୀ ଅନୁଷ୍ଠାନ ଗଢ଼ିଉଠିଲା। ଦେଶବିଦେଶରେ ଆନନ୍ଦମାର୍ଗର ପ୍ରଚାର ଓ ପ୍ରସାର ପୁଞ୍ଜିବାଦୀ ଓ ସାମ୍ୟବାଦୀ ଗୋଷ୍ଠୀଙ୍କ ନିଦ ହଜାଇଦେଲା। ଆନନ୍ଦମାର୍ଗକୁ ମୂଳପୋଛ କରିବା ପାଇଁ ସେମାନେ ଚକ୍ରାନ୍ତ କଲେ। ମିଥ୍ୟା ଅଭିଯୋଗରେ ଆନନ୍ଦମୂର୍ତ୍ତିଙ୍କୁ ବାଙ୍କିପୁର କେନ୍ଦ୍ରୀୟ କାରାଗାରକୁ ପଠାଇ ଦିଆଗଲା। ଔଷଧରେ ବିଷ ପ୍ରୟୋଗ କରାଗଲା। କିନ୍ତୁ ଅଧର୍ମ ଉପରେ ଧର୍ମର ଜୟ ହୋଇଥିଲା। ଶରୀରରେ ଏହାର ତୀବ୍ର ପ୍ରତିକ୍ରିୟା ସତ୍ତ୍ୱେ ସେ ଜୀବିତ ରହିଥିଲେ ଏବଂ ନ୍ୟାୟାଳୟରୁ ନିର୍ଦ୍ଦୋଷରେ ମୁକ୍ତ ହୋଇଥିଲେ।

ଆନନ୍ଦମୂର୍ତ୍ତିଙ୍କ ପ୍ରଦତ୍ତ ପ୍ରମାତତ୍ତ୍ୱ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରରେ ସମନ୍ୱିତ ବିକାଶକୁ ପ୍ରାଧାନ୍ୟ ଦିଏ। ସେ ନବ୍ୟମାନବତାବାଦର ଅବତାରଣା କରିଛନ୍ତି। ତାଙ୍କ ମତରେ ମଣିଷ କେବଳ ମଣିଷ ସହିତ ନୁହେଁ, ଅନ୍ୟାନ୍ୟ ମନୁଷ୍ୟେତର ସତ୍ତାଗୁଡ଼ିକ ସହ ସହାବସ୍ଥାନ କରିବା ଆବଶ୍ୟକ। ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ଭୋଜପୁରୀ, ମୈଥିଳୀ, ଅଙ୍ଗିକା ଓ ଇଂଲିଶ ଭାଷାରେ ସେ ୫୦୧୮ଟି ସଙ୍ଗୀତ ରଚନା କରିବା ସଙ୍ଗେ ସଙ୍ଗେ ତାହାର ସ୍ୱର ସଂଯୋଜନା କରିଥିଲେ ; ଯାହା ପ୍ରଭାତ ସଙ୍ଗୀତ ନାମରେ ନାମିତ। ୧୯୮୩ରେ ସେ ଅଣୁଜୀବତ୍ ପ୍ରସଙ୍ଗରେ କହିଥିଲେ ଯେ, ଏହା ବିଶ୍ୱବ୍ରହ୍ମାଣ୍ଡର ସୂକ୍ଷ୍ମତମ ସତ୍ତା। ମଣିଷର ଅସ୍ୱାଭାବିକ ଓ ତ୍ରୁଟିପୂର୍ଣ୍ଣ ଜୀବନଚର୍ଯ୍ୟା ଯୋଗୁ ପୃଥିବୀରେ ଋଣାତ୍ମକ ଅଣୁଜୀବତ୍‌ର ପ୍ରାଦୁର୍ଭାବରୁ ଅନେକ ଅଜଣା ଦୁଃସାଧ୍ୟ ରୋଗ ଦେଖାଦେବ ବୋଲି ସେ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ସେ ପୃଥିବୀରେ ମେରୁଚଳନ, ଜଳବାୟୁ ପରିବର୍ତ୍ତନ, ଚୁମ୍ବକୀୟ ମେରୁ ପରିବର୍ତ୍ତନ ଆଦି ବିଷୟରେ ମଧ୍ୟ ସୂଚିତ କରିଥିଲେ। ୧୯୯୦ରେ ସେ ଆନନ୍ଦମାର୍ଗ ଗୁରୁକୁଳର ପରିକଳ୍ପନା କରିଥିଲେ। ତାଙ୍କ ମତରେ ଶିକ୍ଷାର ବିଷୟବସ୍ତୁ ଓ ଶିକ୍ଷାପଦ୍ଧତି ମୂଲ୍ୟବୋଧଭିତ୍ତିକ ହେବା ଆବଶ୍ୟକ। ସେ କହୁଥିଲେ କଳା ଓ ସାହିତ୍ୟ ମାନବ ସମାଜର ସେବା ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ସେ ଅନେକ ପୁସ୍ତକ ରଚନା କରିଯାଇଛନ୍ତି। ସେଗୁଡ଼ିକ ମଧ୍ୟରୁ ନମଃ ଶିବାୟ ଶାନ୍ତାୟ, ନମାମି କୃଷ୍ଣ ସୁନ୍ଦରମ୍, ଆନନ୍ଦ ସୂତ୍ରମ୍, ଆନନ୍ଦମାର୍ଗ ପ୍ରାରମ୍ଭିକ ଦର୍ଶନ, ପ୍ରାଉଟ୍, ନବ୍ୟମାନବତାବାଦ, ଶବ୍ଦ ଚୟନିକା, ବର୍ଣ୍ଣ ବିଜ୍ଞାନ, ବର୍ଣ୍ଣ ବିଚିତ୍ରା, ଲଘୁ ନିରୁକ୍ତ, ଆଦର୍ଶ କୃଷି ପଦ୍ଧତି, ସୁଭାଷିତ ସଂଗ୍ରହ, ଆନନ୍ଦବଚନାମୃତମ୍ ଆଦି ଅନ୍ୟତମ।

ଆନନ୍ଦମୂର୍ତ୍ତି ତାଙ୍କର ମରଶରୀରକୁ ତ୍ୟାଗ କରିଯାଇଛନ୍ତି ସତ, କିନ୍ତୁ ମାନବ ସମାଜକୁ ସେ ଯେଉଁ ଅମୂଲ୍ୟ ସମ୍ପଦ ଦେଇଯାଇଛନ୍ତି ତାହାର ପ୍ରଚାର ଓ ପ୍ରସାର କରିବାର ଦାୟିତ୍ୱ ଉତ୍ତରସୂରୀର।

ପ୍ରଫେସର ଦର୍ଶନ ବିଭାଗ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ଅଗରତାଲା),
ତ୍ରିପୁରା, ମୋ: ୯୧-୯୪୩୮୪୭୧୪୮
adityaphilosophy@gmail.com

## ଏଇ ଭାରତରେ

କରୋନା ଦ୍ୱିତୀୟ ଲହର ଏବେ ଭୟଙ୍କର ହୋଇଛି। ଦେଶରେ ଦୈନିକ ହଜାର ହଜାର ଲୋକ ଏଥିରେ ପ୍ରାଣ ହରାଉଛନ୍ତି। ଏଭଳି ଏକ ସଙ୍କଟ ସମୟରେ ଉତ୍ତରପ୍ରଦେଶ ଏବଂ ହରିୟାଣାର ୩୫ରୁ ଅଧିକ ଦୁର୍ଗମ ଗାଁକୁ ଭୂତାଣୁ ମୁକ୍ତ କରିବା ପାଇଁ ଡ.ପ୍ରବୀଣ କୁଣ୍ଡୁଙ୍କ ନେତୃତ୍ୱରେ ମିଶନ ମଞ୍ଜରୀ ନାମକ ସିଟିଜେନ ଗ୍ରୁପ ଦିନରାତି କାମରେ ଲାଗିଛି। ଏହି ଅଭିଯାନରେ ଏହା ମଧ୍ୟ ସଫଳ ହୋଇପାରିଛି। ମାଗଣାରେ ଡାକ୍ତର ପରାମର୍ଶ କରାଇବା ସହ ଏମାନେ ଲୋକମାନଙ୍କୁ ଅକ୍ସିମିଟର, ମାସ୍କ ଏବଂ ଔଷଧ ବିତରଣ କରୁଛନ୍ତି। ଡ.ପ୍ରବୀଣଙ୍କ ସମେତ ବହୁ ପ୍ରତିଷ୍ଠିତ ହସ୍ପିଟାଲର ଚିକିତ୍ସକ ଏବଂ ତାଙ୍କ ଟିମ୍ ବିଗତ ୩-୪ ସପ୍ତାହ ମଧ୍ୟରେ ଉତ୍ତରପ୍ରଦେଶ ଏବଂ ହରିୟାଣାର ୩୫ରୁ ଊର୍ଦ୍ଧ୍ୱ ଗାଁରେ ଏ ବାବଦରେ ୨୦,୦୦,୦୦୦ ଟଙ୍କା ବ୍ୟୟ କରି ସାରିଲେଣି। ଏହି ସବୁ ଗାଁରେ ଟିକା ବିଷୟରେ ଲୋକମାନଙ୍କୁ ସଚେତନ କରାଯାଉଛି ଓ ବିଭିନ୍ନ ସାମାଜିକ ସମସ୍ୟା ତଥା ଟିକା ସମ୍ପର୍କିତ ନକାରାତ୍ମକ ଚିନ୍ତାଧାରା ପ୍ରତ୍ୟାଖ୍ୟାନ କରି ଲୋକମାନେ ଟିକା ନେବାକୁ ବାହାରି ଆସୁଛନ୍ତି। ପ୍ରତିଦିନ ଏହି ଗ୍ରୁପ ପାଳି କରି ୩-୪ଟି ଗାଁରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ସେମାନଙ୍କ ସେବା ଯୋଗାଇ ଦେଉଛନ୍ତି। ଡ. ପ୍ରବୀଣଙ୍କ ସହ କୋଭିଡ୍-୧୯ କେୟାର୍ ସେଣ୍ଟରରେ କାର୍ଯ୍ୟରତ ଡ. ସନ୍ଦୀପ ଅଗ୍ରୱାଲ ଏବଂ ମୁକେଶ ଧିଲନ ଭିଡିଓ କନ୍‌ସଲ୍‌ଟାଣ୍ଟ ପାଇଁ ସମୟ ବାହାର କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୯୬

- ବର୍ମାର ବିରୋଧୀଦଳ ନେତ୍ରୀ ଅଙ୍ଗସାନ ସୁ୍ୟ କିଙ୍କ ନେତୃତ୍ୱାଧୀନ ନାସନାଲ ଲିଗ୍ ଫର ଡେମୋକ୍ରାସି ପାର୍ଟିର ୨୫୬ ସମର୍ଥକଙ୍କୁ ଶାସକ ସାମରିକ ଜୁଣ୍ଟା ପକ୍ଷରୁ ଗିରଫ କରାଯାଇଛି।
- 'ତୁଷାର ବାଘ' ଭାବେ ପରିଚିତ ୪୮ ବର୍ଷୀୟ ଶେର୍ପା ଆଙ୍ଗରିଟା ୧୦ମ ଥର ପାଇଁ ପୃଥିବୀର ସର୍ବବୃହତ୍ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବୃକ୍ଷର ସୁରକ୍ଷା ପାଇଁ ଯତ୍ନଶୀଳ ହୁଅନ୍ତୁ

ମହାଶୟ,

ମଧ୍ୟପ୍ରଦେଶ ଆଗର ମାଲବା ଜିଲାର ଡା. ବ୍ରଜଭୂଷଣ ପାଟିଦାର ତାଙ୍କର ନିଜସ୍ୱ ଉଦ୍ୟମରେ ଏକ ସ୍ୱତନ୍ତ୍ର ଧରଣର ଅକ୍ସିଜେନ ମେଶିନ ତିଆରି କରିଥିବା ଖବର କିଛି ଦିନ ତଳେ ପ୍ରକାଶ ପାଇଥିଲା। ଏହା ଜରୁରୀ ଅବସ୍ଥାରେ ବାୟୁମଣ୍ଡଳରୁ ଅକ୍ସିଜେନ ଗ୍ରହଣ କରି ରୋଗୀଙ୍କୁ ଦେଇ ପାରିବ। ଦେଶର ଏହି ସଂକଟମୟ ପରିସ୍ଥିତିରେ ତାଙ୍କର ଏପରି ଉଦ୍ଭାବନ ନିଶ୍ଚିତ ରୂପେ ପ୍ରଶଂସନୀୟ ଏବଂ ଅନ୍ୟମାନଙ୍କ ପାଇଁ ଏହା ମଧ୍ୟ ପ୍ରେରଣା ଯୋଗାଇବ। ଆମେ ସମସ୍ତେ ଜାଣିଛେ ଯେ, ବୃକ୍ଷଗୁଡ଼ିକ ସେମାନଙ୍କର ଖାଦ୍ୟ ପ୍ରକ୍ରିୟା ପାଇଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରିଥା'ନ୍ତି ଓ ଅମ୍ଳଜାନ ପରିତ୍ୟାଗ କରନ୍ତି। ଫଳରେ ପ୍ରାଣିଜଗତ ଉପକୃତ ହୁଅନ୍ତି। ତଥ୍ୟ ଅନୁସାରେ ଜଣାଯାଇଛି ଯେ, ଗୋଟିଏ ଏକରରେ ଥିବା ବୃକ୍ଷଗୁଡିକ ୪ ଟନ ଅକ୍ସିଜେନ ଦେଇଥା'ନ୍ତି, ଯଦ୍ୱାରା ୧୮ ଜଣ ଲୋକ ଏକବର୍ଷ ବଞ୍ଚିବା ପାଇଁ ଯଥେଷ୍ଟ। ଦେଖିବାକୁ ଗଲେ ସବୁଜ ଉଦ୍ଭିଦ ଓ ସମସ୍ତ ଜୀବଜଗତର ଏହି ସମ୍ପର୍କ ହିଁ ଆମ ପାଇଁ ଏକ ବିରାଟ ଆଶୀର୍ବାଦ। ତେଣୁ ବୃକ୍ଷର ସୁରକ୍ଷା ପାଇଁ ଆମେ ସମସ୍ତେ ଯତ୍ନଶୀଳ ହେବା ଉଚିତ।

–ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଳା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ !
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଭୋଜି ବନ୍ଦ, ଗରିବଙ୍କୁ ବଣ୍ଟାଗଲା ଖାଦ୍ୟ

ଚିକିଟି,(ଡି.ଏନ.ଏ.): ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ବଡବାଡ ଗ୍ରାମରୁ ଆସି ଚିକିଟି ବ୍ଲକ୍ ବାରାହି ମନ୍ଦିର ପରିସରରେ ବାହାଘର ଚାଲିଥିଲା। ଏଥିରେ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ପ୍ରାୟ ୩୦୦ ଲୋକଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା। ଖବର ପାଇ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଚିକିଟି ବିଡିଓ ଫାଲଗୁନୀ ମାଝି, ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ଆୟୋଜକଙ୍କଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ କରିବା ସହିତ ରନ୍ଧା ହୋଇଥିବା ସମସ୍ତ ଖାଦ୍ୟକୁ ନେଇ ବାହାନପତି ଗ୍ରାମ ନିକଟସ୍ଥ ଆଶ୍ରମରେ ଥିବା ସମସ୍ତ ପିଲାଙ୍କୁ ବଣ୍ଟନ କରାଯାଇଥିଲା। ପୁଣି ମଧରାତ୍ରିରେ ଲିମ୍ବକୁଡିଆରେ ହେବାକୁ ଥିବା ବିବାହ ଭୋଜିକୁ ବନ୍ଦ କରି ଫେରିଥିବା ତହସିଲଦାର କହିଛନ୍ତି।

## ସଂକ୍ଷେପରେ

### ଜାମିନରେ ମୁକୁଳିବା ପରେ ସଙ୍ଗରୋଧକୁ ଗଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୨୫।୫:** ଦେଢ଼ ବର୍ଷ ପରେ କାରାଗାରରୁ ଜାମିନରେ ମୁକୁଳିଥିବା ଜଣେ ଅଭିଯୁକ୍ତ କରୋନା ସଂକ୍ରମିତ ଚିହ୍ନଟ ହେବାରୁ ତାଙ୍କୁ ୧୪ ଦିନିଆ ସଂଗରୋଧକୁ ପଠାଯାଇଛି। ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହିର ଜଣେ ଅଭିଯୁକ୍ତ ଆଜକୁ ଦେଢ଼ ବର୍ଷ ତଳେ ପୃଥକ ୩ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଅଦାଲତରେ ଜାମିନ ଆବେଦନ ପରେ ତାଙ୍କୁ ସୋମବାର ଜାମିନ ମିଳିଥିଲା। କାରାଗାରରୁ ବାହାରିବା ପୂର୍ବରୁ ତାଙ୍କର କରୋନା ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ ଥିବା ଜଣାପଡ଼ିଥିଲା। ତେଣୁ ଘର ବଦଳରେ ତାଙ୍କୁ ସଂଗରୋଧକୁ କେନ୍ଦ୍ରକୁ ପଠାଯାଇଛି।

### ୪୫ ଅକ୍ସିଜେନ କନ୍ସେଣ୍ଟ୍ରେଟର ଦେଲା ଗୋପାଳପୁର ପୋର୍ଟ

**ଛତ୍ରପୁର,୨୫।୫(ଡି.ଏନ.ଏ.):** ଗୋପାଳପୁର ପୋର୍ଟ ପକ୍ଷରୁ ଗଞ୍ଜାମ ଜିଲା ପ୍ରଶାସନକୁ ୪୫ଟି ଅକ୍ସିଜେନ କନ୍ସେଣ୍ଟ୍ରେଟର ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ଏଥିପାଇଁ ପୋର୍ଟ କର୍ତ୍ତୃପକ୍ଷଙ୍କୁ ସେ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଏହା କରୋନା ଲଢ଼େଇରେ ସହାୟକ ହେବ ବୋଲି କହିଛନ୍ତି। ଅକ୍ସିଜେନ କନ୍ସେଣ୍ଟ୍ରେଟର ପ୍ରଦାନ ବେଳେ ଗୋପାଳପୁର ପୋର୍ଟର ସିଇଓ ସନ୍ଦୀପ ଅଗ୍ରୱାଲ, ଭାଇସ ପ୍ରେସିଡେଣ୍ଟ ଅଜୟ୍ ମିଶ୍ର ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ପାରଳାଖେମୁଣ୍ଡି,୨୫।୫(ଡି.ଏନ୍.ଏ.):** ମୋହନା ଥାନା ଅନ୍ତର୍ଗତ କନ୍ଧଗଣି ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଅଟୋରୁ ୨୧୮ କିଲୋ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଘଡଙ୍ଗର ଗାଁର ଦିଲୀପ ପାଇକ (୩୭)। ଅଭିଯୁକ୍ତ ଜଣକ ଡୁମାଙ୍ଗପଦର ଅଞ୍ଚଳରୁ ଗଞ୍ଜେଇ ନେଇ ଗଞ୍ଜାମ ଜିଲା ଅଭିମୁଖେ ଚାଲାଣ କରୁଥିବା ବେଳେ ଲୁହାଗୁଡି ପଞ୍ଚାୟତ ଅଧୀନ କନ୍ଧଗଣି ଛକରେ ଧରାପଡ଼ିଥିଲେ। ଯାଞ୍ଚ ବେଳେ ଅଟୋରେ ୭ ବସ୍ତା ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମୋହନା ପୋଲିସ ନଂ. ୧୦୫/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### କୋଭିଡ୍ ନିୟମ ଉଲ୍ଲଂଘନ ଶୁଦ୍ଧିକ୍ରିୟା ଭୋଜିରୁ ଜରିମାନା

**ହିଞ୍ଜିଳିକାଟୁ,୨୫।୫(ଡି.ଏନଏ):** ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ଗ୍ରାମରେ ମଙ୍ଗଳବାର କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ ଶୁଦ୍ଧି କ୍ରିୟା ଭୋଜି ଆୟୋଜନ ହୋଇଥିଲା। ତହସିଲଦାର ପ୍ରଭାତ କୁମାର ପରିଡ଼ା ଓ ବିଡିଓ ସୁବ୍ରତ କୁମାର ଜେନା ଓ ଯାଞ୍ଚ ଟିମ ପହଞ୍ଚି ଆୟୋଜକଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଅନ୍ୟ ପକ୍ଷରେ ଗଣ୍ଡଳା, ଦୁର୍ବନ୍ଧ, ସମରଝୋଳକୁ ମିଳିତ ଚଢ଼ାଉ ଟିମ ଗସ୍ତ କରି ଲୋକଙ୍କୁ କରୋନା ସଚେତନତା କରିଥିଲେ।

### ବିଧାୟିକା ବାଣ୍ଟିଲେ ରନ୍ଧାଖାଦ୍ୟ

**ଆସିକା,୨୫।୫(ଡି.ଏନ.ଏ.):** ଲକ୍ଡାଉନରେ ଆସିକା ବିଜେଡି ପକ୍ଷରୁ ନିରାଶ୍ରୟ ଓ ଗରିବଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ମଙ୍ଗଳବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଦଳୀୟ କର୍ମୀଙ୍କ ସହ ବିଧାୟିକା ଆସିକା ଏନଏସିର ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ହସ୍ପିଟାଲ ଛକ, କୋର୍ଟ ଛକ ଆଦି ସ୍ଥାନରେ ଗରିବଙ୍କୁ ରନ୍ଧାଖାଦ୍ୟ ପ୍ୟାକେଟ ବାଣ୍ଟିଥିଲେ। ଏଥିସହ ବାତ୍ୟା ଭଳି ବିପତ୍ତିରେ ପରସ୍ପରକୁ ସହାୟତା ପାଇଁ ଆଗଭର ହେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରା, ରାଜେଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ସାମିଲ ଥିଲେ।

### ମହିଳାଙ୍କ ଭିଡିଓ ଭାଇରାଲ କରି ଯୁବକ ଅଟକ

**ବୁଗୁଡ଼ା,୨୫।୫(ଡି.ଏନ.ଏ.)**-ବୁଗୁଡା ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରଲ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ ଶିବ ପ୍ରଧାନ। ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବା ସୁଯୋଗ ନେଇ ଶିବ ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ଗତ ୨୦ ତାରିଖରେ ସେ ଶାରୀରିକ ସମ୍ପର୍କର ଭିଡିଓ ଉତ୍ତୋଳନ କରି ଭାଇରଲ କରିଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୨୪୩/୨୧ରେ ଏକ ମାମଲା ହୋଇଛି। ଅଭିଯୁକ୍ତ ଶିବଙ୍କୁ ଅଟକ ରଖାଯାଇଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି ପରଖିଲେ ଜିଲାପାଳ

## 'ୟାସ୍' ପ୍ରଭାବରେ ଝିପିଝିପି ବର୍ଷା, ପବନ



ବେଳାଭୂମିରେ ଜିଲାପାଳ ତଦାରଖ କରୁଛନ୍ତି।

**ବ୍ରହ୍ମପୁର ଅଫିସ୍/ ଗୋପାଳପୁର, ୨୫।୫**

ବାତ୍ୟା 'ୟାସ୍' ପ୍ରଭାବରେ ବ୍ରହ୍ମପୁର ମହାନଗରରେ ମଙ୍ଗଳବାରଠାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ମଧ୍ୟାହ୍ନରୁ ଝିପି ଝିପି ବର୍ଷା ସାଙ୍ଗକୁ ପବନ ମଧ ବହିଥିଲା। ସନ୍ଧ୍ୟା ଯାଏ ଝିପି ଝିପି ବର୍ଷା ଲାଗି ରହିଥିଲା। ଗୋପାଳପୁର ଡ଼ପଲର୍ ରାଡ଼ାରରୁ ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ବାତ୍ୟା ୟାସ୍‌ର ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି। ଏଥିସହ ମଝିରେ ମଝିରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିଛି। ବୁଧବାର ଜିଲାରେ ବର୍ଷା ଲାଗି ରହିବ। ଏଥିସହ ୬୦ରୁ ୯୦ କିଲୋମିଟର ବେଗରେ ପବନ ବହିବ। ବର୍ତ୍ତମାନ ଗଞ୍ଜାମ ଜିଲାକୁ ୟଲୋ ୱାର୍ନି ଜାରି କରାଯାଇଥିବା ବେଳେ ଆଗାମୀ ଦୁଇ ଦିନ ମଧ୍ୟମ ଧରଣର ବର୍ଷା ହେବ ବୋଲି ଡ଼ପଲର୍ ରାଡ଼ାର୍ ଇନ୍ଚାର୍ଜ ଏସ୍.କେ.ମୂର୍ତ୍ତି ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହା ଡ଼ପଲର୍ ରାଡ଼ାରର ପରିଧି ମଧ୍ୟକୁ ଆସି ନ ଥିବା ଇନ୍ଚାର୍ଜ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଏମ୍ସି ପକ୍ଷରୁ ପ୍ରସ୍ତୁତ ହୋଇଥିବା ୨୧ ବାତ୍ୟା ଆଶ୍ରୟ ସ୍ଥଳୀକୁ ଏଯାବତ୍ କୌଣସି ଲୋକଙ୍କୁ ସ୍ଥାନାନ୍ତର କରାଯାଇ ନାହିଁ। ବିଏମ୍ସି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୨୧ବାତ୍ୟା ଆଶ୍ରୟସ୍ଥଳୀରେ ୨୧ ଜଣ ନୋଡ଼ାଲ୍ ଅଫିସର୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ସେଠାରେ ପିଇବା ପାଣି, ଜେନେରେଟର ଓ ଶୌଚାଳୟ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବିଏମ୍ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି। ୟାସ୍ ପ୍ରଭାବରେ ଗୋପାଳପୁରରେ ଅପରାହ୍ନରୁ ବର୍ଷା ସାଙ୍ଗକୁ ପବନ ବହିଥିଲା। ଅପରାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୋପାଳପୁର ବେଳାଭୂମି ପରିଦର୍ଶନ କରିବା ସହ ଏନ୍ଏସିରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ସ୍ଥିତି ପରଖିଛନ୍ତି।

# ଡ୍ରାଇଭର କୋର୍ଟ ଚାଲାଣ

## ଦୁର୍ଘଟଣାରେ ବାପା ପୁଅ ମୃତ୍ୟୁ ଘଟଣା

**ବ୍ରହ୍ମପୁର ଅଫିସ,୨୫।୫**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନରଣପୁର ଛକରେ ସୋମବାର ରାତିରେ ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ ବାବୁଲା ସାହୁ (୩୭) ଓ ତାଙ୍କର ୬ ବର୍ଷର ପୁଅ ରିତେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍ଅପ୍ ଭ୍ୟାନ୍ ଡ୍ରାଇଭର ଶଙ୍କର ସାହୁ (୩୫)ଙ୍କୁ ମାମଲା ନମ୍ବର ୧୫୮/୨୧ ରେ ଗିରଫ କରିଛି। ବୁଧବାର ଶଙ୍କରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ଦୁର୍ଘଟଣାରେ ଆହତ ହୋଇଥିବା ମୃତ ବାବୁଲାଙ୍କ ସ୍ତ୍ରୀ ସଙ୍ଗୀତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ତାଙ୍କ ୮ ବର୍ଷର ଝିଅ ରଶ୍ମି ସାହୁ ଏବେ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

ଘଟଣାରୁ ପ୍ରକାଶ, ସୋମବାର ଦିଗପହଣ୍ଡି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର ବାବୁଲା ତାଙ୍କ ପରିବାର ସହ ଲାଞ୍ଜିଆ ଗ୍ରାମକୁ କୌଣସି କାମରେ ଆସିଥିଲେ। କାମସାରି ସେମାନେ ରାତିରେ ବାଇକରେ ଘରକୁ ଫେରୁଥିଲେ। ନରଣପୁର ଛକରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍ଅପ୍ ଭ୍ୟାନ (ନଂ ଓଡ଼ି ୦୭କେ – ୫୩୩୩) ବାବୁଲାଙ୍କ ବାଇକ୍ (ନଂ ଓଡ଼ି ୦୭ ଜେଡ ୨୩୬୪) କୁ ଧକ୍କା ଦେଇଥିଲା।

# ଏମ୍କେସିଜିରେ କାର୍ଯ୍ୟକ୍ଷମ ହେଲା ଅକ୍ସିଜେନ୍ ପ୍ଲାଣ୍ଟ

## କୋଭିଡ୍ ହସ୍ପିଟାଲକୁ ଯୋଗାଣ ହେଲା ଅମ୍ଳଜାନ



ପ୍ଲାଣ୍ଟରୁ କୋଭିଡ୍ ହସ୍ପିଟାଲକୁ ଅକ୍ସିଜେନ ଯୋଗାଣ କରାଯାଉଛି।

**ବ୍ରହ୍ମପୁର ଅଫିସ,୨୫।୫**

ବ୍ରହ୍ମପୁର ବଡ ମେଡିକାଲରେ ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍ (ଏଲ୍ଏମ୍ଓ) ପ୍ଲାଣ୍ଟ୍। ପ୍ରଥମ ପର୍ଯ୍ୟାୟରେ ସୁପର୍ ସ୍ପେସାଲିଟି ବ୍ଲକରେ କାର୍ଯ୍ୟକ୍ଷମ ଥିବା କୋଭିଡ୍ ହସ୍ପିଟାଲ୍-୨କୁ ଅକ୍ସିଜେନ୍ ଯୋଗାଣ ହୋଇଥିବା ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କୋଭିଡ୍ ହସ୍ପିଟାଲ୍-୧ ସହିତ ଅନ୍ୟାନ୍ୟ କୋଠାକୁ ଯୋଗାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜ ମଧ୍ୟରୁ ଏମ୍କେସିଜି ମେଡିକାଲରେ ପ୍ରଥମ ଅକ୍ସିଜେନ୍ ପ୍ଲାଣ୍ଟ୍ କାର୍ଯ୍ୟକ୍ଷମ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସୋମବାର ଯାଜପୁର ଲିଣ୍ଡେ କମ୍ପାନୀ ପ୍ଲାଣ୍ଟରୁ ୧୫ହଜାର ଲିଟର୍ ଲିକ୍ୱିଡ୍ ଅକ୍ସିଜେନ୍ ଏକ ଟ୍ୟାଙ୍କରରେ ଅଣାଯାଇଥିଲା। ତାହା ଅକ୍ସିଜେନ୍ ପ୍ଲାଣ୍ଟ ଟ୍ୟାଙ୍କରକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅକ୍ସିଜେନ୍ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ରାତିରେ ପରୀକ୍ଷାମୂଳକ ଭାବେ ଯୋଗାଣ ହୋଇଥିଲା। ଯୋଗାଣ ସମୟରେ କୌଣସି ସମସ୍ୟା ପରିଲକ୍ଷିତ ହୋଇ ନ ଥିଲା। ଏଣୁ ସୋମବାର ରାତିଠାରୁ ଡିସିଏଚ୍-୨କୁ ପାଇପ୍ ଯୋଗେ ଅକ୍ସିଜେନ୍ ଯୋଗାଣ ଜାରି ରହିଛି। ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗକୁ ଯୋଗାଣ କରାଯିବ। ଏଥିପାଇଁ ପାଇପ୍ ସଂଯୋଗ କାମ ଚାଲିଥିବା ସୂଚନା ଦିଆଯାଇଛି।

## ଗଞ୍ଜାମରୁ ଗଲା ଡିଜି ସେଟ, ୱାଟର ଟ୍ୟାଙ୍କର

### ଭୁବନେଶ୍ୱର ପଠାଗଲା ୨୦୦ ଅକ୍ସିଜେନ ସିଲିଣ୍ଡର

**ଛତ୍ରପୁର,୨୫।୫(ଡି.ଏନ.ଏ.)**

ବାତ୍ୟା ୟାସ୍‌ର ମୁକାବିଲା ଲାଗି ଗଞ୍ଜାମ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଛି। ଗଞ୍ଜାମରୁ ୨୦ଟି ଡିଜେଲ ଜେନେରେଟର(ଡିଜି) ସେଟ୍, ୧୦୦ଟି ୱାଟର ଟ୍ୟାଙ୍କର ଭୁବନେଶ୍ୱରକୁ ପଠାଯାଇଛି। ସେହିପରି ଭାଙ୍ଗିପଡ଼ିଥିବା ଗଛ କାଟିବା ପାଇଁ ୮୯ଟି କଟର ମେଶିନ ମଧ୍ୟ କଟକ ମଙ୍ଗୁଳିକୁ ପଠାଯାଇଛି । ବାତ୍ୟା ଓ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏସବୁ ବିଭିନ୍ନ ସ୍ଥାନକୁ ପଠାଯିବ। ଗତ ସୋମବାର ଜିଲାରୁ ୧୦୦ଟି ଆସ୍କା ଲାଇଟ ଭଦ୍ରକ ପଠାଯାଇଥିଲା। ଛତ୍ରପୁର ଅଷ୍ଟମ ବାଟାଲିୟନରୁ ୨ଟି ଓଡ୍ରାଫ ଟିମ ପୁରୀ ଓ ଯାଜପୁର ଜିଲାକୁ ଯାଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ରୋଗୀଙ୍କ ନିମନ୍ତେ ଗଞ୍ଜାମରୁ ୨୦୦ଟି ଅକ୍ସିଜେନ ସିଲିଣ୍ଡର ଭୁବନେଶ୍ୱର ପଠାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

# ପୋଲିସ ରିମାଣ୍ଡରେ ଅଭିଯୁକ୍ତ

## ଆୟକର ଅଧିକାରୀ ପରିଚୟ ଦେଇ ଠକେଇ ମାମଲା



ସୁନା ଦୋକାନରେ ଅଭିଯୁକ୍ତଙ୍କୁ ନେଇ ପୋଲିସ ଡେମୋ କରୁଛି।

**ବ୍ରହ୍ମପୁର ଅଫିସ,୨୫।୫**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଏକ ସୁନା ଦୋକାନରୁ ଗହଣା କ୍ରୟ କରି ଟଙ୍କା ଠକେଇ ଘଟଣାର ଅଧିକ ତଦନ୍ତ କରିବା ପାଇଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି କର୍ନାଟକ ବିଦାର ଅଞ୍ଚଳର ଆର୍.ଏନ. ବିଶାଲ। ନିଜକୁ ଜଣେ ଆୟକର ଅଧିକାରୀ ପରିଚୟ ଦେଇ ସେ ବଡ଼ବଜାରସ୍ଥିତ ଏକ ସୁନା ଦୋକାନରୁ ପ୍ରାୟ ୨ଲକ୍ଷ ଟଙ୍କାର ଗହଣା କ୍ରୟ କରି ଟଙ୍କା ଠକେଇ କରିଥିଲେ। ତାଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ପାଇଁ ପୋଲିସ ୫ଦିନ ପାଇଁ ଆବେଦନ କରିଥିଲା। କିନ୍ତୁ କୋର୍ଟ ଦିନିକିଆ ରିମାଣ୍ଡ ମଞ୍ଜୁର କରିଛନ୍ତି।

୨୦୧୯ ଡିସେମ୍ବର ୫ରେ ବିଶାଲ ନିଜକୁ ବିଶାଖାପାଟଣାର ଜଣେ ଆୟକର ଅଧିକାରୀ ପରିଚୟ ଦେଇ ବଡ଼ବଜାରର ଏକ ସୁନା ଦୋକାନ ଇପାରୀ ଗୋବିନ୍ଦମ୍ ଜୁଏଲେରିରୁ ପ୍ରାୟ ୨ଲକ୍ଷ ଟଙ୍କାର ଗହଣା କ୍ରୟ କରିଥିଲେ। ଟଙ୍କା ଦେବା ସମୟରେ ସେ ଏନ୍ଇଏଫ୍ଟି କରିଥିଲେ। କିଛି ସମୟ ପରେ ମାଲିକଙ୍କ ମୋବାଇଲକୁ ମେସେଜ୍ ମଧ ଆସିଥିଲା। ଏହା ପରେ ସେ ସୁନା ନେଇ ସେଠାରୁ ଚାଲି ଯାଇଥିଲେ। କିନ୍ତୁ ଦୋକାନ ମାଲିକଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିଲା। ଫଳରେ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନମ୍ବର ୨୧୫/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ସୁନା ସେ ମାଙ୍ଗାଲୋରର ନୀତିନ କୁମାରଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଶାଲ ସମ୍ବଲପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସେ ସମ୍ବଲପୁର ମଣ୍ଡଳ କାରାଗାରରେ ଥିଲେ। ପରେ ଉଭୟଙ୍କୁ ଗତ ୨୧ ରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଅଣାଯାଇଥିଲା।

# କରୋନା କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ




ଜନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ପ୍ରଶାସନିକ ଅଧିକାରୀ।


**ଦଶପଲ୍ଲା,୨୫।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଏବଂ ଏନ୍ଏସିର ବିଭିନ୍ନ ଅଞ୍ଚଳରେ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏନେଇ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନିକସ୍ତରୀୟ ଏକ ବୈଠକ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କରୋନା ସଂକ୍ରମଣକୁ କିପରି ମୁକାବିଲା କରାଯାଇପାରିବ ଏଥିନେଇ ଆଲୋଚନା ହୋଇଥିଲା । ବିଶେଷକରି କରୋନା ମୁକାବିଲା ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମସ୍ତେ ଠିକ୍ ଭାବେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯାଇଥିଲା । ଆବଶ୍ୟକ ନ ଥିଲେ କେହି ବାହାରେ ନ ବୁଲିବାକୁ ଅନୁରୋଧ କରାଯାଇଥିଲା । ସରକାରଙ୍କ କୋଭିଡ୍ ନିୟମକୁ ମାନିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ କୋଭିଡ୍ କଟକଣା ନ ମାନିବେ, ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୫ ଗାଡି ବିଭିନ୍ନ ଅଞ୍ଚଳରେ ବୁଲିବ । ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାମାନେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡି, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର, ମେଡିକାଲ ଅଫିସର ଡାକ୍ତର ରଶ୍ମିରଞ୍ଜନ ଭଦ୍ରା, ଥାନା ଭାରପ୍ରାପ୍ତ ଅଧିକାରୀ ସୁବାସ ଚନ୍ଦ୍ର ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋରୁ ଚାଲାଣ ଗାଡ଼ି ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୨୫।୫**

ବେଆଇନ ଗୋଚାଲାଣ ଅଭିଯୋଗରେ ନୟାଗଡ଼ ଜିଲା ଶରଣକୁଳ ଥାନା ପୋଲିସ ବୋଲଗଡ଼ ଥାନା ମାଣିକାଗୋଡ଼ା ଗାଁର ସରିଫ ଉଦ୍ଦିନ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସରିଫଙ୍କୁ ମଙ୍ଗଳବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ସରିଫ ଓଡି୨୫ ଡି ୨୪୮୦ ନମ୍ବର ବିଶିଷ୍ଟ ପିକ୍ଅପ୍ ଭ୍ୟାନରେ ୧୭ଟି ଗୋରୁ ନେଇ ଓଡ଼ଗାଁ ଅଞ୍ଚଳରୁ ଖୋର୍ଦ୍ଧାକୁ ଯାଉଥିଲା। ଦରପଦା ଛକରେ ସୋମବାର ଉକ୍ତ ଗୋରୁ ଭ୍ୟାନ୍ ଜବତ କରାଯିବା ସହ ସରିଫଙ୍କୁ ଗିରଫ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୭୨/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଜବତ ଗୋରୁଙ୍କୁ ଖଣ୍ଡପଡ଼ା କିଆଝରର ଗୋଶାଳାରେ ଛଡାଯାଇଥିବା ପୋଲିସ କହିଛି।



ମଙ୍ଗଳବାର କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠରେ ନୃସିଂହ ଜନ୍ମ ନୀତି ପାଳନ ଅବସରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ।

# କଣ୍ଟେନମେଣ୍ଟ ଜୋନ୍ କଟକଣା ମାନୁନାହାନ୍ତି ଅମାନିଆ

**ଖଣ୍ଡପଡା,୨୫।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ନୂଆସାହିରୁ ଏକାଧିକ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ରହିଛି । ହେଲେ କେତେଜଣ ସଂକ୍ରମିତ ବ୍ୟକ୍ତି କଣ୍ଟେନ୍‌ମେଣ୍ଟ ଜେନ୍ ବାଡ଼ ଡେଇଁ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ଅଭିଯୋଗ ହୋଇଛି । ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ,ଦିଅର ଗିରଫ



ଗିରଫ ୨ ଭାଇ।

**ଖଣ୍ଡପଡ଼ା,୨୫।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଶିଖରପୁର ଗ୍ରାମର ଭାଗୀରଥି ଚୌଧୁରୀଙ୍କ ବଡ଼ବୋହୂ ଝୁମୁରୀ ସାହୁ(୩୫)ଙ୍କୁ ରବିବାର ହତ୍ୟା କରାଯାଇଥିବା ତାଙ୍କ ବାପା ଯୋଗେନ୍ଦ୍ର ସାହୁ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ.୧୦୦/୨୧) ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ଝୁମୁରୀଙ୍କ ସ୍ୱାମୀ ସୁଶାନ୍ତ କୁମାର ଚୌଧୁରୀ ଓ ମଝିଆ ଦିଅର ପ୍ରଶାନ୍ତ କୁମାର ଚୌଧୁରୀଙ୍କୁ ପୋଲିସ ଶିଖରପୁର ଗ୍ରାମରୁ ସୋମବାର ରାତିରେ ଗିରଫ କରିଥିଲା । ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଢାବାରୁ ୨୧ ଗ୍ରାମ୍ ବ୍ରାଉନ ସୁଗାର ଜବତ

### ମାଲିକ ଗିରଫ, ବୁଲେଟ୍ ଓ ମୋବାଇଲ ଜବତ



**ଓଡ଼ଗାଁ,୨୫।୫(ସ୍ୱ.ପ୍ର.)**

ସୋମବାର ସ୍ଥାନୀୟ ଆଦର୍ଶ ଥାନା ପୋଲିସ ନିୟୁ କୋର୍ଟ ସମ୍ମୁଖ ଏକ ଢାବାରୁ ୨୧ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି । ଏହି ଘଟଣାରେ ପୋଲିସ ଢାବା ମାଲିକ ତଥା ସାକେରୀ ତଳସାହିର ପ୍ରକାଶ କୁମାର ପ୍ରଧାନ ଓରଫ ରାଜୁ(୪୫)ଙ୍କୁ ଗିରଫ କରିଛି। ସେ ବ୍ୟବହାର କରୁଥିବା ଏକ ବୁଲେଟ୍ (ନଂ. ଓଡି୦୨ଏୱାଇ ୭୩୭୪) ଓ ମୋବାଇଲକୁ ଜବତ କରିଛି। ରାଜୁ ବହୁଦିନ ହେଲା ସ୍ଥାନୀୟ ଯୁବକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇ ତାଙ୍କ ଉପରେ ନଜର ରଖିଥିଲା। ମଙ୍ଗଳବାର ଓଡ଼ଗାଁ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା, ଏସ୍ଆଇ ସୟ କୁମାର ପରିଡା, ଏସ୍ଆଇ ସ୍ନେହଲତା ପ୍ରଧାନ ପ୍ରମୁଖ ଢାବା ଉପରେ ଚଢାଉ କରି ୨୧ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି ।

# ଫଂନୀ ପରେ ୟାସ୍ ଆସିଲା, ବଦଳିଲାନି ଚିତ୍ର

## ଗରିବଙ୍କ ପାଇଁ ଆବାସ ଯୋଜନା ସାତସପନ



ସାନହାମରା ଗାଁର ଏକ ପରିବାର।

**ନୟାଗଡ଼ ଅଫିସ,୨୫।୫**

ଫନୀ ପରେ ୟାସ୍ ବାତ୍ୟାର ମାଡ । ହେଲେ ବଦଳି ପାରିନି ବିପନ୍ନଙ୍କ ଭଙ୍ଗା ଘରର ପାଲଟଣା ଚିତ୍ର। ବର୍ଷ ତମାମ ଭଙ୍ଗା ଘରେ ରହି ନୟାଗଡ଼ ଜିଲାର ଏକାଧିକ ଗରିବ ପରିବାର ଅଭିଶପ୍ତ ଜୀବନଯାପନ କରୁଛନ୍ତି । ବିପନ୍ନଙ୍କ ଘର ନିର୍ମାଣ ପାଇଁ ଆସିଥିବା ସହାୟତା କେମିତି ଖର୍ଚ୍ଚ ହେଉଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉକି ବିଜୁ ପକ୍କାଘର ଯୋଜନାରେ ଘର କିଏ ପାଉଛି ତାର ହିସାବ ନାହିଁ। ସରକାରୀ କଳର ସମୀକ୍ଷା ପରେ ସମୀକ୍ଷା ଚାଲିଛି । ହେଲେ କାହିଁକି ବଦଳି ପାରୁନାହିଁ ଗରିବଙ୍କ କୁଡିଆ ଘର ରୁପ ତା'ର ଉତ୍ତର କାହା ପାଖରେ ନାହିଁ ବୋଲି ମତ ପ୍ରକାଶ ପାଇଛି।

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ସାନହାମରା ଗାଁର ଆଶାଲତା ମଲ୍ଲିକ କୁହନ୍ତି, ଫନୀ ମୋର ଘର ଭାଙ୍ଗି ଦେଇଥିଲା । ଫନି ସହାୟତାରେ ଘରଟିଏ କରି ପାରିଲି ନାହିଁ । ଆବାସ ଯୋଜନାରେ ମଧ ମୋତେ ଘରଟିଏ ମିଳିଲା ନାହିଁ । ସେହି ଭଙ୍ଗା କୁଡିଆରେ ଅଟକି ରହିଛି । ସାନତଇଲା ଗାଁର କୌଶଲ୍ୟା ପ୍ରଧାନ କୁହନ୍ତି, ମେ ଗାଁରେ ୧୦ ଘରର ୪୫ ଆଦିବାସୀ ଲୋକ ବସବାସ କରନ୍ତି । ନୟାଗଡ଼ ବ୍ଲକର ପାଣିପୋଇଲାଠାରୁ ଆମ ଗାଁକୁ ପଡିଥିବା ରାସ୍ତାର ରୂପ ବଦଳୁ ନାହିଁ । ପୁଣି ଆମ ଗାଁର ପ୍ରାୟ ସବୁ ପରିବାର ଲୋକ ଗରିବ । ପ୍ରତି ପରିବାର ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ । ହେଲେ ଆମ ଭାଗ୍ୟରେ ଆବାସ ଯୋଜନାରେ ଘର ପାଇବା ଜୁଟିନାହିଁ। ଆବାସ ଯୋଜନାରେ ଘର ପାଇବା ପାଇଁ ବିଭିନ୍ନ ସମୟରେ ବିଡିଓ, ଉପଜିଲାପାଳ, ଜିଲାପାଳଙ୍କୁ ଭେଟି ଗୁହାରି କରିଛୁ । ସବୁବେଳେ ପ୍ରତିଶ୍ରୁତି ପାଇ ଆସିଛୁ । ଏବେ ବାତ୍ୟା ଯୋଗୁ ଭୟ ଲାଗୁଛି । ବାତ୍ୟା ପରେ ପୁଣି ଆମେ ସେହି ଭଙ୍ଗା ଘରେ ରହିବୁ ବୋଲି କହିଛନ୍ତି । ଓଡ଼ଗାଁ ବ୍ଲକର ପାଣ୍ଡେରୀପଡାର ହୃଷି ନାୟକ, ଭରତ ନାୟକ ଓ ହୀନ ନାହାକ କୁହନ୍ତି, ଆମେ ଭଙ୍ଗା ଘରେ ରହୁଛୁ । ହେଲେ ଆମକୁ ଆବାସ ଯୋଜନାରେ ଘର ମିଳିଲା ନାହିଁ। ଫନୀ କ୍ଷତିଗ୍ରସ୍ତ ହୋଇବି ଅଣଦେଖା ହୋଇ ରହିଗଲୁ । ଏବେ ପୁଣି ୟାସ୍‌ର ଶିକାର ହେଲୁଣି । ଯଦି ୟାସ୍‌ର ପ୍ରଭାବ ଆମ ଅଞ୍ଚଳରେ ପଡିବ ଆମ ଦୁଃଖ ବଳେଇଯିବ ବୋଲି ସେ କହିଛନ୍ତି । ଚକାପଥର ଗାଁର ସୁବାସ ପ୍ରଧାନ କୁହନ୍ତି, ମୋ ଘର ଫନୀରେ ଭାଙ୍ଗିଗଲା । ହେଲେ ମୋତେ ଘର ସହାୟତା ରାଶି ମିଳିଲା ନାହିଁ । ଆବାସ ଯୋଜନାରେ ମଧ ଘର ମିଳିଲା ନାହିଁ । ଆମ ପରି ଗରିବ ଲୋକଙ୍କ ପାଇଁ ସରକାରୀ ଯୋଜନା ସାତସପନ ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI
ବୁଧବାର, ୨୬ ମେ, ୨୦୨୧



କରୋନା ଷ୍ଟ୍ରେନ ବି.୧.୬୧୭କୁ 'ଭାରତ ଭାରିଏଣ୍ଟ' କହିଥିବାରୁ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କୁ ପାର୍ଲାମେଣ୍ଟରୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଦାବି କରିଛନ୍ତି। ଏ ନେଇ ସେ ଲୋକ ସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ଏପରି କରି ଥରୁର ଭାରତର ଛବି ମଳିନ କରିଥିବା ଦୁବେ ଅଭିଯୋଗ ଆଣିଛନ୍ତି।



## ସଂକ୍ଷେପରେ

### ଭାରତ ବାୟୋଟେକ୍‌କୁ ଅଧିକ ତଥ୍ୟ ମାଗିଲା ଡବ୍ଲ୍ୟୁଏଚ୍‌ଓ

ନ୍ୟୁୟର୍କ, ୨୫।୫: କରୋନା ଟିକା କୋଭାକ୍ସିନକୁ ଜରୁରିକାଳୀନ ବ୍ୟବହାର ତାଲିକାରେ ସାମିଲ କରିବା ପାଇଁ ଭାରତ ବାୟୋଟେକ୍‌କୁ ଅଧିକ ତଥ୍ୟ ଦେବାକୁ ପଡ଼ିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ମୂଲ୍ୟାଙ୍କନ ପ୍ରକ୍ରିୟାରେ କୋଭିଡ୍-୧୯ ଟିକାର ସ୍ଥିତି ସମ୍ପର୍କରେ ମେ' ୧୮ରେ ରିପୋର୍ଟ ପ୍ରକାଶ ପାଇଛି। କୋଭାକ୍ସିନକୁ ଜରୁରିକାଳୀନ ବ୍ୟବହାର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏପ୍ରିଲ ୧୯ରେ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ଆବେଦନ କରିଥିଲା। ହେଲେ ଏଥିପାଇଁ ଅଧିକ ସୂଚନା ଆବଶ୍ୟକ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ଏହି ତାଲିକାରେ ସାମିଲ ହେବାପାଇଁ କୋଭାକ୍ସିନ ଆବଶ୍ୟକ ମାନଦଣ୍ଡ ପୂରଣ କଲେ ସୂଚନାର ପ୍ରସାରଣ ବ୍ୟାପକ କରାଯିବ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ତେବେ ଜରୁରିକାଳୀନ ବ୍ୟବହାର ତାଲିକାଭୁକ୍ତ ହେବା ନିମନ୍ତେ ଡବ୍ଲ୍ୟୁଏଚ୍‌ଓକୁ ୯୦% ତଥ୍ୟ ପ୍ରଦାନ କରାଯାଇଛି। ବାକି ଡକ୍ୟୁମେଣ୍ଟ ଜୁନ ସୁଦ୍ଧା ଦାଖଲ କରାଯିବ ବୋଲି ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି।

### ଆଇସିୟୁରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ



କୋଲକାତା, ୨୫।୫: ନିକଟରେ କୋଭିଡ୍ ସଂକ୍ରମିତ ହୋଇଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବାମପନ୍ଥୀ ନେତା ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ କୋଲକାତାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ଇନ୍‌ସେଣ୍ଟିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖି ଚିକିତ୍ସା କରାଯାଉଛି। ମେ' ୧୮ରେ ବୁଦ୍ଧଦେବ କରୋନାରେ ଆକ୍ରାନ୍ତ ହେବା ପରେ ସେ ହୋମ୍ ଆଇସୋଲେଶନରେ ଥିଲେ। ତାଙ୍କ ଅକ୍ସିଜେନ ସ୍ତର ୯୦%ରୁ ତଳକୁ ଖସିବା ପରେ ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୭୭ ବର୍ଷୀୟ ବୁଦ୍ଧଦେବଙ୍କ ସ୍ତ୍ରୀ ମୀରା ଭଟ୍ଟାଚାର୍ଯ୍ୟ ମଧ କରୋନା ସଂକ୍ରମିତ ହୋଇ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ଆରୋଗ୍ୟ ଲାଭ ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି।

### ଜୟନ୍ତ ଚୌଧରୀ ଆର୍‌ଏଲ୍‌ଡି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୫।୫: ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଉପାଧ୍ୟକ୍ଷ ଜୟନ୍ତ ଚୌଧରୀଙ୍କୁ ମଙ୍ଗଳବାର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ମେ' ୬ରେ ୪୨ ବର୍ଷୀୟ ଜୟନ୍ତଙ୍କ ବାପା ତଥା ଦଳର ଅଧ୍ୟକ୍ଷ ଅଜିତ ସିଂ କରୋନାରେ ପ୍ରାଣ ହରାଇବା ପରେ ଦଳର ଭର୍ଚୁଆଲ ଜାତୀୟ କାର୍ଯ୍ୟକାରିଣୀରେ ନୂଆ ମୁଖିଆ ବଛାଯାଇଛି। ପୂର୍ବତନ ଏମ୍‌ପି ଜୟନ୍ତ ଦିଲ୍ଲୀ ୟୁନିଭର୍ସିଟିରୁ ସ୍ନାତକ ଡିଗ୍ରୀ ହାସଲ ପରେ ୨୦୦୨ରେ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ ପଲିଟିକାଲ ସାଇନ୍ସରୁ ଆକାଉଣ୍ଟିଂ ଓ ଫାଇନାନ୍ସରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲେ।

### ନାରଦା ମାମଲା: ସୁପ୍ରିମକୋର୍ଟରୁ ଆବେଦନ ପ୍ରତ୍ୟାହାର କଲା ସିବିଆଇ

ନୂଆଦିଲ୍ଲୀ, ୨୫।୫: ନାରଦା ଷ୍ଟିଙ୍ଗ୍ ମାମଲାରେ କାଲକାଟା ହାଇକୋର୍ଟଙ୍କ ରାୟ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସୁପ୍ରିମକୋର୍ଟରେ କରିଥିବା ଆବେଦନ ପ୍ରତ୍ୟାହାର କରିନେଇଛି। ମାମଲାରେ ଗିରଫ ହୋଇଥିବା ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗର ମନ୍ତ୍ରୀ ଫିରହଦ୍ ହାକିମ୍, ସୁବ୍ରତ ମୁଖାର୍ଜୀ, ବିଧାୟକ ମଦନ ମିତ୍ର ଏବଂ କୋଲକାତାର ପୂର୍ବତନ ମେୟର ଶୋଭନ ଚାଟାର୍ଜୀଙ୍କ ଜାମିନ ଆବେଦନର ଶୁଣାଣି କରି ସେମାନଙ୍କୁ ଗିରଫ ବଦଳରେ ଗୃହବନ୍ଦୀ ରଖିବାକୁ କାଲକାଟା ହାଇକୋର୍ଟ ଗତ ୨୧ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୫ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ ବୋଲି ହାଇକୋର୍ଟ ରାୟ ଦେଇଥିଲେ। ଏହି ରାୟକୁ ବାତିଲ କରିବା ପାଇଁ ସିବିଆଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲା।



## ପାକ୍‌ରେ ମିଆଙ୍କ ଟିକ୍‌ଟକ୍ ବ୍ୟାନ୍

ଆମେରିକୀୟ ପର୍ନଷ୍ଟାର ମିଆ ଖଲିଫାଙ୍କ ଟିକ୍‌ଟକ୍ ଆକାଉଣ୍ଟ ପାକିସ୍ତାନରେ ବ୍ୟାନ୍ କରିଦିଆଯାଇଛି। ଏ ନେଇ ମିଆ ଟୁଇଟ୍ ଯୋଗେ ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଟୁଇଟର ମାଧ୍ୟମରେ ସେ ତାଙ୍କ ପାକିସ୍ତାନୀ ଫ୍ୟାନଙ୍କ ସହ ଟିକ୍‌ଟକ୍ ଭିଡିଓ ଶେୟାର କରିବେ ବୋଲି ମିଆ କହିଛନ୍ତି। କାହିଁକି ମିଆଙ୍କ ଆକାଉଣ୍ଟ ବ୍ୟାନ୍ କରାଗଲା ସେ ନେଇ ପାକିସ୍ତାନ ଟେଲିକମ୍ୟୁନିକେଶନ ଅଧିକାରୀଙ୍କ ପକ୍ଷରୁ ଅଫିସିଆଲ ଭାବେ ଘୋଷଣା କରାଯାଇନାହିଁ। ଟିକ୍‌ଟକ୍‌ରେ ମିଆଙ୍କ ୨.୨ କୋଟି ଫଲୋଅର୍ସ ଅଛନ୍ତି। ପୂର୍ବରୁ ପାକିସ୍ତାନ ଟିକ୍‌ଟକ୍ ଉପରେ ୨ ଥର ବ୍ୟାନ୍ ଲଗାଇ ଏହାକୁ ହଟାଇଛି।


## ପ୍ରାର୍ଥୀଙ୍କୁ ବ୍ୟାନ୍ କଲେ ଫାଇନ୍



ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ରାଜନୈତିକ ପ୍ରାର୍ଥୀଙ୍କୁ ବ୍ୟାନ୍ କଲେ ଏହାକୁ ବେଆଇନ ମାନିବା ସହ ସମ୍ପୃକ୍ତ କମ୍ପାନୀକୁ ଜରିମାନା ଦେବାକୁ ପଡ଼ିବ ବୋଲି ଆମେରିକାର ପ୍ରଥମ ରାଜ୍ୟଭାବେ ବିଲ୍ ଆଣିଛି ଫ୍ଲୋରିଡା। ଗତ ଜାନୁୟାରୀରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରତିବନ୍ଧକ ଲାଗିବା ପରେ ଫ୍ଲୋରିଡାର ରିପବ୍ଲିକାନ ଗଭର୍ନର ରୋନ୍ ଡି-ସାଣ୍ଟିସ୍ ସୋମବାର ଏ ସମ୍ପର୍କିତ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ୧୪ ଦିନରୁ ଅଧିକ ସମୟ ଧରି କୌଣସି ରାଜନେତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ବ୍ୟାନ୍ କରାଯାଇପାରିବନି ବୋଲି ବିଲ୍‌ରେ ରହିଛି।

# ପଶ୍ଚିମବଙ୍ଗରେ 'ୟାସ୍' ଭୟ

## ରାତି ସାରା କଣ୍ଟ୍ରୋଲ ରୁମ୍‌ରେ ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କୋଲକାତା, ୨୫।୫

ସାମୁଦ୍ରିକ ଝଡ଼ 'ୟାସ୍' ଓଡ଼ିଶାରେ ଲ୍ୟାଣ୍ଡଫଲ୍ କରିବାକୁ ଥିଲେ ମଧ୍ୟ ଏହାକୁ ନେଇ ପଶ୍ଚିମବଙ୍ଗରେ ଭୟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲଗାତର ସ୍ଥିତି ଉପରେ ନଜର ରଖିଛନ୍ତି। ସେ କୋଲକାତାସ୍ଥିତ ସଚିବାଳୟ 'ନବାନ୍ନ'ରେ ରାତ୍ରି ଯାପନ କରିବେ। ସେ କଣ୍ଟ୍ରୋଲ ରୁମ୍‌ରେ ରାତିସାରା ଉଦ୍ଧାର ଓ ରିଲିଫ ଅପରେଶନକୁ ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି।

ସାମୁଦ୍ରିକ ଝଡ଼ ୟାସ୍ ଧାମରାରେ ସ୍ଥଳଭାଗ ଛୁଇଁବାବେଳକୁ ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୮୫ କି.ମି. ବେଗରେ ପବନ ବହିବ। ପଶ୍ଚିମବଙ୍ଗର ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ରହିବ। କେତେକ ସ୍ଥାନରେ ଏହା ୧୨୦ କି.ମି. ମଧ୍ୟ ରହିବା ଅନୁମାନ କରାଯାଉଛି। ବାତ୍ୟା ପ୍ରଭାବରେ ପୂର୍ବ ମେଦିନୀପୁର ଉପକୂଳରେ ୨-୪ ମିଟର ଓ ଦକ୍ଷିଣ ୨୪ ପ୍ରଗଣା ଉପକୂଳ ସମୁଦ୍ରରେ ୧-୨ ମିଟର ଉଚ୍ଚତାର ଜୁଆର ଉଠିବ। କୋଲ୍‌କାତା, ହାଓଡା ଓ ହୁଗ୍‌ଲି ଭଳି କେତେକ ସହରରେ ମଧ୍ୟ ଖୁବ୍ ଜୋର୍‌ରେ ପବନ ବହି କ୍ଷୟକ୍ଷତି ଘଟାଇପାରେ। ରାଜ୍ୟର ବିଭିନ୍ନ ଜିଲାରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ପ୍ରତି ଯେପରି କୌଣସି ବିପଦ ସୃଷ୍ଟି ନ ହୁଏ ତାହା ସୁନିଶ୍ଚିତ କରିବା ଲାଗି ରାଜ୍ୟରେ ୭୪,୦୦୦ ଅଫସର ଓ ରିଲିଫ୍ ୱାର୍କରଙ୍କୁ ନିୟୋଜିତ କରାଯାଇଛି। ଏହାସହ ୨ ଲକ୍ଷ ପୋଲିସ କର୍ମଚାରୀ ଓ ହୋମ୍ ଗାର୍ଡଙ୍କୁ ମଧ୍ୟ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ଏହି ଅବସରରେ ମମତା ସମସ୍ତ ଜିଲାପାଳଙ୍କ ସହ ୟାସ୍ ସମ୍ପର୍କରେ ଆଲୋଚନା କରିଛନ୍ତି। ଆବଶ୍ୟକ ସ୍ଥଳେ ସେନା ମୁତୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅମ୍ଫନଠାରୁ ୟାସ୍ ଆହୁରି ଭୟଙ୍କର ହେବ ବୋଲି ମମତା ସୋମବାର ଆଶଙ୍କା ବ୍ୟକ୍ତ କରି ପୂର୍ବ ଅଭିଜ୍ଞତାରୁ ପଶ୍ଚିମବଙ୍ଗ ଶିକ୍ଷା ଲାଭ କରିଥିବା କହିଥିଲେ।

## ୧୧୨ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ

ନୂଆଦିଲ୍ଲୀ, ୨୫।୫

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ୟାସ୍'ର ମୁକାବିଲା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଓଡ଼ିଶା ଓ ପଶ୍ଚିମବଙ୍ଗରେ ଏହାର ସର୍ବାଧିକ ଟିମ୍‌କୁ ମୁତୟନ କରିଛି। ଏହି ଆପାତକାଳୀନ ସଂଘୀୟ ବଳ ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜରେ ୧୧୨ ଟିମ୍ ଯବାନଙ୍କୁ ନିୟୋଜିତ କରିଥିବା ମଙ୍ଗଳବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ୟାସ୍ ବୁଧବାର ମଧ୍ୟାହ୍ନରେ ବାଲେଶ୍ୱରର ଧାମରା ନିକଟରେ ଲ୍ୟାଣ୍ଡଫଲ୍ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ହେବାକୁ ଥିବା ସମ୍ଭାବ୍ୟ କ୍ଷୟକ୍ଷତିକୁ ରୋକିବା ଏବଂ ବାତ୍ୟା ପରବର୍ତ୍ତୀ ରିଲିଫ୍ ତଥା ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍‌ର ୫୨ ଟିମ୍ ଓଡ଼ିଶାରେ ମୁତୟନ ହୋଇଥିବାବେଳେ ୪୫ ଟିମ୍‌କୁ ପଶ୍ଚିମବଙ୍ଗରେ ନିୟୋଜିତ କରାଯାଇଛି। ଅବଶିଷ୍ଟ ୧୫ ଟିମ୍‌କୁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ପଠାଯାଇଛି। ପୂର୍ବରୁ ଓଡ଼ିଶା ଓ ପଶ୍ଚିମବଙ୍ଗରେ କୌଣସି ବାତ୍ୟାର ମୁକାବିଲା ପାଇଁ ଏତେ ସଂଖ୍ୟକ ଟିମ୍ ଗଠନ କରାଯାଇ ନ ଥିଲା ବୋଲି ଏନ୍‌ଡିଆର୍‌ଏଫ୍ ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ ଟୁଇଟ୍ କରିଛନ୍ତି। ଆବଶ୍ୟକ ହେଲେ ଆହୁରି ଅଧିକ ଟିମ୍‌କୁ ପଠାଯିବା ପାଇଁ ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ପ୍ରତ୍ୟେକ ଟିମ୍‌ରେ ୪୭ ଯବାନ ରହିଛନ୍ତି। ସେମାନେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ କାଟିବା ପାଇଁ ଆବଶ୍ୟକ ସରଞ୍ଜାମ, ରବର ବୋଟ୍ ସହ ମୌଳିକ ଚିକିତ୍ସା ଉପକରଣ ରଖିଛନ୍ତି। ଏହି ଟିମ୍ ଅନ୍ୟ ବିପର୍ଯ୍ୟୟ ପ୍ରଶମନକାରୀ ଦଳଗୁଡ଼ିକ ସହ ମିଶି ସଚେତନତା ସୃଷ୍ଟି ସହିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ପ୍ରକାଶ ଯେ, ଆହୁରି ୫୦ରୁ ଊର୍ଦ୍ଧ୍ୱ ଟିମ୍ ଦେଶର ବିଭିନ୍ନ ଭାଗରେ ପ୍ରସ୍ତୁତ ହୋଇରହିଛନ୍ତି। ୟାସ୍ ଡ୍ୟୁଟି ପାଇଁ ଦରକାର ପଡ଼ିଲେ ସେମାନଙ୍କୁ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ବିମାନରେ ଅଣାଯାଇ କାମରେ ଲଗାଯିବ ବୋଲି ଏନ୍‌ଡିଆର୍‌ଏଫ୍ ମୁଖ୍ୟ ସୋମବାର କହିଥିଲେ।



ସାମୁଦ୍ରିକ ଝଡ଼ ୟାସ୍ ସ୍ଥଳଭାଗ ଛୁଇଁବା ପୂର୍ବରୁ ପଶ୍ଚିମବଙ୍ଗର ନଦୀୟା ଜିଲା ହୁଗ୍‌ଲି ନଦୀରେ ଡଙ୍ଗାଗୁଡ଼ିକୁ ବାନ୍ଧି ରଖୁଛନ୍ତି ମତ୍ସ୍ୟଜୀବୀ।

## ଆକଳନକୁ ନେଇ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ, ୨୫।୫

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ୟାସ୍' ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଆମେରିକା ନୌସେନାର ଜଏଣ୍ଟ ଟାଇଫୁନ୍ ୱାର୍ନିଂ ସେଣ୍ଟର (ଜେଟିଡବ୍ଲ୍ୟୁସି) ଏବଂ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍ (ଜିଏଫ୍‌ଏସ୍) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଭିନ୍ନ ପାଣିପାଗ ଭବିଷ୍ୟବାଣୀ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ଆକଳନ କରାଯାଉଥିବାରୁ ସାଧାରଣ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।


ଆମେରିକାର ଏହି ଦୁଇ ପାଣିପାଗ ଭବିଷ୍ୟବାଣୀ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ମଙ୍ଗଳବାର ରାତିରେ ୟାସ୍ ଅତି ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହାର ପରବର୍ତ୍ତୀ ୧୨ ଘଣ୍ଟାରେ ଏହା ଅଧିକ ବଳଶାଳୀ ହେବ। ୟାସ୍ ଠିକ୍ ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ଘଣ୍ଟା ପ୍ରତି ୧୩୦ କି.ମି. ବେଗରେ ଗତି କରିବ। ବାତ୍ୟା ଏହାର ପୂର୍ବସ୍ଥିତିରୁ ପ୍ରାୟ ୯୦ ଡିଗ୍ରୀ ପୂର୍ବକୁ ଗତିକରି ମଙ୍ଗଳବାର ପ୍ରାୟ ୮୮ ଡିଗ୍ରୀରେ ରହିଛି। ଏହା ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ୬୩ କି.ମି. ବିସ୍ତୃତ ଅଞ୍ଚଳରେ ସ୍ଥଳଭାଗ ଛୁଇଁବ। ଲ୍ୟାଣ୍ଡଫଲ୍ କରିବା ପରେ ୟାସ୍ ୨୬ ତାରିଖ ମଧ୍ୟରାତ୍ରିରେ ଝାଡ଼ଖଣ୍ଡକୁ ପ୍ରବେଶ କରିବ। ଝାଡ଼ଖଣ୍ଡକୁ ମୁହାଁଇବା ପୂର୍ବରୁ ଏହା ଯାଜପୁର, ଭଦ୍ରକ, କେଉଁଝର ଓ ମୟୂରଭଞ୍ଜ ଜିଲାରେ ଦିନସାରା ବ୍ୟାପକ କ୍ଷୟକ୍ଷତି ଘଟାଇବ। ଇସିଏମ୍‌ଡବ୍ଲ୍ୟୁଏଫ୍‌ର ଅନୁମାନ ହେଉଛି ଝଡ଼ ଭଦ୍ରକ ଜିଲା ଉପକୂଳରେ ସ୍ଥଳଭାଗ ଛୁଇଁ ଅତିକ୍ରମ କରିବ। ବ୍ରିଟେନ୍‌ର ୟୁକେ ମେଟ୍ରୋଲୋଜିର ପୂର୍ବାନୁମାନ ହେଲା, ୟାସ୍ ୯୬୦ଏମ୍‌ବି ଚାପରେ ବୁଧବାର ଅପରାହ୍ନ ୨ଟା ୩୦ରେ ଭଦ୍ରକ ଅତିକ୍ରମ କରିବ। ଅନ୍ୟ କେତେକ ପାଣିପାଗ ସଂସ୍ଥା କେନ୍ଦ୍ରାପଡ଼ା ଓ ଭଦ୍ରକ ମଧ୍ୟରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବ ବୋଲି କହିଛନ୍ତି।

## ଭାରତକୁ କରୋନା ମୁକ୍ତ କରିବା ପାଇଁ ୩୬ ଲକ୍ଷ କୋଟିର ନିବେଶ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୫।୫

ଖୁବ୍ କମ୍ ଜଣାଶୁଣା ଆମେରିକାର ଏକ କମ୍ପାନୀ ଲାଣ୍ଡୋମସ୍ ରିୟଲ୍‌ଟି ଭେଞ୍ଚର୍ସ ଭାରତରେ ୫ ଶହ ବିଲିୟନ ଡଲାର (୩୬ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ନିବେଶ କରି ଦେଶକୁ କରୋନା ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଛି। ଭାରତରୁ ମହାମାରୀ ଦୂର କରିବାକୁ କମ୍ପାନୀ ନିକଟରେ ସମ୍ପୂର୍ଣ୍ଣ ଯୋଜନା ରହିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ ସୁଯୋଗ ଦିଅନ୍ତୁ ବୋଲି କହି ଏହି କମ୍ପାନୀ ଏକ ପ୍ରମୁଖ ଇଂଲିଶ ଖବରକାଗଜର ପ୍ରଥମ ପୃଷ୍ଠାରେ ଏ ବାବଦରେ ବିଜ୍ଞାପନ ଛାପିଛି। ଏକ ଅଚିହ୍ନା କମ୍ପାନୀ ଏତେ ପରିମାଣର ଟଙ୍କା ନିବେଶ କରିବାକୁ ଚାହୁଁଥିବା ଖବର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଅନେକେ ଏହାକୁ ସହଜରେ ବିଶ୍ୱାସ କରିପାରିନାହାନ୍ତି।

ଭାରତରେ 'ଇନ୍‌ଭେଷ୍ଟ ଇଣ୍ଡିଆ' ଅଭିଯାନରେ ନ୍ୟାଶନାଲ ଇନ୍‌ଫ୍ରାଷ୍ଟ୍ରକଚର ପାଇପ୍‌ଲାଇନ(ଏନ୍‌ଆଇପି) ଏବଂ ନନ୍-ଏନ୍‌ଆଇପି ପ୍ରୋଜେକ୍ଟରେ ନିବେଶ କରିବାକୁ ଚାହୁଁଥିବା ଲାଣ୍ଡୋମସ୍ ଗ୍ରୁପ୍‌ର ଚେୟାରମ୍ୟାନ ପ୍ରଦୀପ କୁମାର ସତ୍ୟପ୍ରକାଶ ଉକ୍ତ ବିଜ୍ଞାପନ ମାଧ୍ୟମରେ କହିଛନ୍ତି। ଏଥିସହ ଭାରତର ପୁନଃନିର୍ମାଣ ଓ ୫ ଟ୍ରିଲିୟନ ଡଲାର ଜିଡିପି ଟାର୍ଗେଟ ପୂରଣ କରିବାରେ କମ୍ପାନୀ ଭାରତ ସରକାରଙ୍କୁ ସହାୟତା କରିବ ବୋଲି କହିଛି। ସୂଚନାଥାଉ କି, ବିଶ୍ୱର ପ୍ରମୁଖ ଧନୀ ବ୍ୟକ୍ତି ଇ-କମର୍ସ କମ୍ପାନୀ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍, ଟେସ୍‌ଲା ମାଲିକ ଏଲନ ମସ୍କ, ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ମିଶିଲେ ମଧ୍ୟ ୩୬ ଲକ୍ଷ କୋଟି ଟଙ୍କା ହେବ ନାହିଁ। ଏହି ବିଜ୍ଞାପନକୁ ସୋସିଆଲ ମିଡିଆରେ ଅନେକ ପ୍ରଶ୍ନ କରିଥିବାବେଳେ ସରକାର ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମଧ୍ୟ ଦାବି ହୋଇଛି।



ଇଟାଲୀର କାଟାନିଆସ୍ଥିତ ମାଉଣ୍ଟ ଏଟ୍‌ନାରେ ୟୁରୋପର ସବୁଠୁ ସକ୍ରିୟ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ବେଳର ଦୃଶ୍ୟ।

## ୨ ଲକ୍ଷ ତଳକୁ ଖସିଲା ସଂକ୍ରମଣ

ନୂଆଦିଲ୍ଲୀ, ୨୫।୫

ଦେଶରେ ୪୦ ଦିନ ପରେ କରୋନାରେ ଦୈନିକ ସଂକ୍ରମଣ ୨ ଲକ୍ଷ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୧,୯୬, ୪୨୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପ୍ରିଲ ୧୪ରେ ଦେଶରେ ୧,୮୪,୩୭୨ ଜଣ ଆକ୍ରାନ୍ତ ହୋଇଥିଲେ। ସେହିପରି ମୃତ୍ୟୁ ସଂଖ୍ୟା ଗତ ୨୧ ଦିନ ମଧ୍ୟରେ ସର୍ବନିମ୍ନ ରହିଛି। ଦିନକରେ ୩,୫୧୧ ଆକ୍ରାନ୍ତଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୫୯୨ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ଏହା ତଳକୁ କର୍ଣାଟକରେ ୫୨୯, ତାମିଲନାଡୁରେ ୪୦୪, ଦିଲ୍ଲୀରେ ୨୦୭, କେରଳରେ ୧୯୬, ପଞ୍ଜାବରେ ୧୮୭, ଉତ୍ତରପ୍ରଦେଶରେ ୧୫୩ ଜଣଙ୍କ ଜୀବନ ଯାଇଛି।

ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୬୯,୪୮,୮୭୪ରେ ପହଞ୍ଚିଛି। ସେହିପରି ସମୁଦାୟ ୩,୦୭,୨୩୧ ଜଣଙ୍କ ମୃତ୍ୟୁ ଘଟିଛି। ଆରୋଗ୍ୟ ହାର ବଢ଼ିଥିବାରୁ ମୋଟ ସକ୍ରିୟ ମାମଲା ୨୫,୮୬,୭୮୨କୁ ହ୍ରାସ ପାଇଛି, ଯାହା କି ମୋଟ ଆକ୍ରାନ୍ତଙ୍କ ୯.୬୦ ପ୍ରତିଶତ। ଗତ ୨୪ ଘଣ୍ଟାରେ ୩,୨୬,୮୫୦ ସଂକ୍ରମିତ କରୋନାରୁ ସୁସ୍ଥ ହୋଇଥିବାବେଳେ ଆରୋଗ୍ୟ ହାର ୮୯.୨୬ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ମୃତ୍ୟୁ ହାର ୧.୧୪ ପ୍ରତିଶତ ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଦିନକରେ ମୋଟ ୨୦,୫୮,୧୧୨ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ମଙ୍ଗଳବାର ସକାଳ ସୁଦ୍ଧା ମୋଟ ୧୯,୮୫,୩୮,୯୯୯ ଜଣଙ୍କ ଟିକାକରଣ ସରିଛି।



### କରୋନା ଅପ୍‌ଡେଟ୍

ନୂଆ ମାମଲା: ୧ ଲକ୍ଷ ୯୬ ହଜାର
ମୃତ୍ୟୁ: ୩,୫୧୧
ସକ୍ରିୟ ମାମଲା: ୨୫ ଲକ୍ଷ ୮୬ ହଜାର+
ଭାକ୍ସିନ ନେଲେଣି: ୧୯ କୋଟି ୮୫ ଲକ୍ଷ+
ମୋଟ ସଂକ୍ରମିତ: ୨ କୋଟି ୬୯ ଲକ୍ଷ+
ମୋଟ ମୃତ୍ୟୁ: ୩ ଲକ୍ଷ ୭ ହଜାର+
ତା.୨୫.୫.୨୦୨୧ ପୂର୍ବାହ୍ନ ୧୦ଟା ସୁଦ୍ଧା
(୨୪ ଘଣ୍ଟାର ରେକର୍ଡ)

## ମାଲିରେ ସାମରିକ ବିଦ୍ରୋହ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଗିରଫ ❖ ତୁରନ୍ତ ମୁକ୍ତ କରିବାକୁ ଜାତିସଂଘର ନିର୍ଦ୍ଦେଶ

ବମାକୋ, ୨୫।୫

ଆଫ୍ରିକୀୟ ରାଷ୍ଟ୍ର ମାଲିରେ ପୁଣିଥରେ ସୃଷ୍ଟି ହୋଇଛି ରାଜନୈତିକ ସଙ୍କଟ। ଦେଶର ସେନା ସାମରିକ ବିଦ୍ରୋହ କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କୁ ଗିରଫ କରିନେଇଛି। ସେମାନଙ୍କୁ ସୋମବାର ରାତିରେ ରାଜଧାନୀ ବମାକୋରୁ ଗିରଫ କରି ୧୫ କି.ମି. ଦୂରରେ ଥିବା କାତି ସେନା ମୁଖ୍ୟାଳୟରେ ରଖାଯାଇଛି। ହଠାତ୍ ହୋଇଥିବା ଏହି ଘଟଣାକ୍ରମକୁ ନେଇ ଆଫ୍ରିକୀୟ ସଂଘ ଓ ପଶ୍ଚିମ ଆଫ୍ରିକୀୟ ଆଞ୍ଚଳିକ ବ୍ଲକ୍ ଇସିଓଡବ୍ଲ୍ୟୁଏଏସ୍ ଚିନ୍ତାବ୍ୟକ୍ତ କରିଛନ୍ତି। ସେହିପରି ଜାତିସଂଘ ଏବଂ ଅନ୍ତର୍ଜାତୀୟ ସମୁଦାୟର ଅନ୍ୟ ସଦସ୍ୟ ମଧ୍ୟ ରାଷ୍ଟ୍ରପତି ବାହ ଏନ୍‌ଦାୱ ଏବଂ ପ୍ରଧାନମନ୍ତ୍ରୀ ମୋକ୍ଟାର ଓଆନେଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ପରାମର୍ଶ ଦେଇଛନ୍ତି।



ପ୍ରଧାନମନ୍ତ୍ରୀ ମୋକ୍ଟାର ଓଆନେ



ରାଷ୍ଟ୍ରପତି ବାହ ଏନ୍‌ଦାୱ

ଏହି ଗିରଫଦାରି ପୂର୍ବରୁ ସରକାରରେ ପରିବର୍ତ୍ତନ ଆଣି ସେନାର ୨ ଜଣଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇ ଦିଆଯାଇଥିଲା। ନୂଆ କ୍ୟାବିନେଟରୁ ଆଭ୍ୟନ୍ତରୀଣ ସୁରକ୍ଷା ମନ୍ତ୍ରୀ ମୋଡିବୋ କୋନ୍ କିମ୍ବା ପ୍ରତିରକ୍ଷା ମନ୍ତ୍ରୀ ସାଡିଓ କମାରାଙ୍କୁ ବାହାର କରିବା ନେଇ କିଛି କୁହାଯାଇ ନ ଥିଲା। ଏଥିଯୋଗୁ ଅସ୍ଥାୟୀ ସରକାରରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଅନ୍ତର୍ଜାତୀୟ ସମୁଦାୟ ଏକ ବିବୃତି ଜାରି କରି ଏହି ଗିରଫଦାରି ଓ ଜୋରଜବରଦସ୍ତ ଇସ୍ତଫା ଦେବାକୁ ନିନ୍ଦା କରିଛି। କିନ୍ତୁ ସେନା ପକ୍ଷରୁ ଅଦ୍ୟାବଧି କୌଣସି ବିବୃତି ଜାରି କରାଯାଇ ନାହିଁ। ମଙ୍ଗଳବାର ରାଜଧାନୀ ବମାକୋରେ ଶାନ୍ତିପୂର୍ଣ୍ଣ ବାତାବରଣ ରହିଥିଲା। ମାଲିର ସରକାରୀ ଟିଭି ଚ୍ୟାନେଲରେ କେବଳ ନୂଆ ସରକାର ସଦସ୍ୟଙ୍କ ମନ୍ତବ୍ୟ ଘୋଷଣା କରାଯାଉଛି। ତେବେ ଏହି ଘଟଣାକ୍ରମ ପରେ ଅସ୍ଥାୟୀ ସରକାର ନିଜ ପ୍ରତିଶ୍ରୁତି ଅନୁସାରେ ଆସନ୍ତା ଫେବୃୟାରୀ ସୁଦ୍ଧା ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କରାଇପାରିବ କି ନାହିଁ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ୯ ମାସ ପୂର୍ବରୁ କରାଯାଇଥିବା ସାମରିକ ବିଦ୍ରୋହ ବେଳେ ସେନା ମାଲି ସରକାରକୁ ନିଜ କବ୍‌ଜାକୁ ନେଇଯାଇଥିଲା। ଶାସକ ମିଲିଟାରି ଜୁଣ୍ଟା ଅନ୍ତର୍ଜାତୀୟ ସମୁଦାୟର ଚାପ ପରେ ସିଭିଲିଆନ୍ ଟ୍ରାଞ୍ଜିଶନାଲ ସରକାରକୁ କ୍ଷମତା ହସ୍ତାନ୍ତର ପାଇଁ ରାଜି ହେବା ପରେ ଗତ ସେପ୍ଟେମ୍ବରରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶପଥ ନେଇଥିଲେ। ପ୍ରକାଶ ଯେ, ଦେଶରେ ଶାନ୍ତି ଫେରାଇ ଆଣିବା ପାଇଁ ଜାତିସଂଘ ପକ୍ଷରୁ ବର୍ଷିକ ୧.୨ ବିଲିୟନ୍ ଡଲାର ଖର୍ଚ୍ଚ କରାଯାଉଛି।

**ସଂକ୍ଷେପରେ**

## ୧୨୮ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

ପାଟଣା,୨୫।୫(ସ୍ୱ.ପ୍ର.): ବାତ୍ୟା 'ୟାସ' ପ୍ରଭାବରେ କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳ ଜନଜୀବନ ପ୍ରଭାବିତ ହୋଇଛି। ସୋମବାର ଅପରାହ୍ଣ ଠାରୁ ଝିପି ଝିପି ବର୍ଷା ସାଙ୍ଗକୁ ପବନ ଲାଗି ରହିଛି। କଚ୍ଚା ଘରେ ରହୁଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ମାଇକ ଯୋଗେ ସୁରକ୍ଷିତ ସ୍ଥାନକୁ ଉଠି ଆସିବାକୁ ନିବେଦନ କରାଯାଇଛି। ପାଟଣା ତହସିଲ ଅଞ୍ଚଳରେ କଚା ଘରେ ରହୁଥିବା ଲୋକ ଓ ପଡିଆରେ ରହୁଥିବା ଯାଯାବରଙ୍କୁ ମିଶାଇ ମୋଟ ୧୨୮ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବା ତହସିଲଦାର ତାପସ ରଞ୍ଜନ ଦେହୁରୀ କହିଛନ୍ତି। ସମସ୍ତଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦିଆଯାଇଥିବା ବେଳେ ବୁଧବାରଠାରୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ୪୮ଟି ଫ୍ଲଡ୍ ସେଣ୍ଟର ପ୍ରସ୍ତୁତ

ହାଟଡିହୀ,୨୫।୫(ଡି.ଏନ.ଏ.): ବାତ୍ୟା 'ୟାସ୍'ର ମୁକାବିଲା ପାଇଁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡ଼ିଓ ବିନୀତା ବିଜୟିନୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ମଧ୍ୟରୁ ୯ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ଅଟେ। ୩ଟି ବାତ୍ୟା ଆଶ୍ରୟ ସ୍ଥଳୀ ଥିବା ବେଳେ ୪୫ଟି ସ୍କୁଲକୁ ଫ୍ଲଡ୍ ସେଣ୍ଟର କରାଯାଇଛି। ଲୋକମାନଙ୍କୁ ଉକ୍ତ ଫ୍ଲଡ୍ ସେଣ୍ଟରକୁ ଅଣାଯାଇ ଥଇଥାନ ସହ ଭୋଜନ ବ୍ୟବସ୍ଥା କରାଯାଇଛି। ସେହିପରି ଝଣଝଣା ଠାରେ ଥିବା ବିସ୍ଥାପିତ ପରିବାରକୁ ଆଦର୍ଶ ବିଦ୍ୟାଳୟରେ ଥଇଥାନ କରାଯାଇଛି। ଅଦ୍ୟାବଧି ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବିଭିନ୍ନ ଫ୍ଲଡ୍ ସେଣ୍ଟରରେ ଥଇଥାନ କରାଯାଇଛି। ଏହି ଫ୍ଲଡ୍ ସେଣ୍ଟର ଗୁଡିକରେ ଜେଇ, ଜିଆରଏସ, ପିଇଓ ଓ ଆରଆଇ ମାନେ ଦାୟିତ୍ୱରେ ରହିଛନ୍ତି। ବ୍ଲକ ତରଫରୁ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜିପିଓ କଣ୍ଟ୍ରୋଲ ରୁମ ଦାୟିତ୍ୱରେ ରହିଛନ୍ତି। ୨ଟି ଏନ୍‌ଡିଆରଏଫ ଓ ଗୋଟିଏ ଓଡ୍ରାଫ ଟିମ ସହ ହାଟଡିହୀ ଦମକଳ ବାହିନୀ ପ୍ରସ୍ତୁତ ରହିଛି। ଜିଲାପାଳ ଆଶିଷ ଠାକରେ ଓ ଉପଜିଲାପାଳ ସରୋଜ କୁମାର ଦତ୍ତ ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ବିଧାୟକ ଭାଗିରଥି ସେଠି ବିଭିନ୍ନ ଫ୍ଲଡ୍ ସେଣ୍ଟର ବୁଲି ସ୍ଥିତି ବିଷୟରେ ସମୀକ୍ଷା କରିଛନ୍ତି।

## ନାଉଗାଁରେ ୨୨୦ ସ୍ଥାନାନ୍ତର

ନାଉଗାଁ,୨୫।୫(ସ୍ୱ.ପ୍ର.): ବାତ୍ୟା ୟାସ୍ ପ୍ରଭାବରେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ସୋମବାର ମଧ୍ୟାହ୍ନରୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟାର ମୁକାବିଲା କରିବାକୁ ସଚେତନ କରାଯାଇଛି। ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ପାଣି ଜମିବାର ଆଶଙ୍କା ରହିଛି। ଏନେକ ବ୍ଲକର ୧୬ ପଞ୍ଚାୟତରେ ୧୬ ଆଶ୍ରୟସ୍ଥଳ ଚିହ୍ନଟ କରାଯାଇଛି। ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଓଷକଣା ପଞ୍ଚାୟତର ଅଙ୍ଗେଶ୍ୱରପଡାର ୧୫୦ ଓ ନୂଆଗାଁ ପଞ୍ଚାୟତରେ ୭୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। ଆଶ୍ରୟସ୍ଥଳରେ ରହିବା ପୂର୍ବରୁ ସ୍ଥାନାନ୍ତର ହୋଇଥିବା ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ଏସବୁ ବ୍ୟବସ୍ଥିତ କରିବା ପାଇଁ ପ୍ରଶାସନ ପକ୍ଷରୁ ୩ ଜଣ ଲେଖାଏ ଟିମ୍ ପ୍ରସ୍ତୁତ କରି ୪୮ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ.କଳ୍ପନା, ଜିପିଓ ଦିନେଶ ରାୟ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ପ୍ରମୁଖ ବୁଲି ତଦାରଖ କରୁଛନ୍ତି।

## ବରୀ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷଙ୍କ ପରଲୋକ

ବରୀ,୨୫।୫(ଡି.ଏନ.ଏ.): ବରୀ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ତଥା ବରୀ କଂଗ୍ରେସର ଦକ୍ଷ ରାଜନେତା ଗଗନ ବିହାରୀ ଜେନାଙ୍କ ସୋମବାର ରାତିରେ ପରଲୋକ ହୋଇଛି। ଜେନା ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଏକ ମାସ ହେବ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଜେନା ବରୀ ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ବରୀ ବ୍ଲକ୍‌ର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ତାଙ୍କ କାର୍ଯ୍ୟ ଶୈଳୀ ଓ ସହାନୁଭୂତି ପାଇଁ ସେ ଅଞ୍ଚଳରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରାକ୍ତନ ବରୀ ବିଧାୟକ ଦେବାଶିଷ ନାୟକ, ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ, ପ୍ରାକ୍ତନ ବରୀ ବ୍ଲକ୍ ବିଜେଡି ସଭାପତି ସେକ୍ ସଫିକଉଦ୍ଦିନ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସୁଲଭ ବେଉରିଆ, ଚନ୍ଦନପୁର ସରପଞ୍ଚ କେଦାର ସାମଲ ଓ ନବଘନ ପରିଡ଼ା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରାଜନଗର ସମୁଦ୍ରକୂଳବାସୀ ଆତଙ୍କିତ

■ ଜୁଆର ମାଡରେ ଲୁଣା ଘେରିବନ୍ଧ ଭାଙ୍ଗି ୧୫ ଗାଁରେ ପଶିଲା ପାଣି

■ ଘୂର୍ଣ୍ଣିଝଡ଼ରେ ୫୦ ପରିବାର ବିପନ୍ନ

ରାଜନଗର,୨୫।୫(ଡି.ଏନ୍.ଏ)

ବାତ୍ୟା ୟାସ୍ ଭୟଙ୍କର ରୂପ ନେଇ ସ୍ଥଳଭାଗକୁ ମାଡ଼ିଆସୁଛି। ଏହା ରାଜନଗର ବ୍ଲକ ସମୁଦ୍ରକୂଳବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ବୁଧବାର ଭଦ୍ରକ ଜିଲା ଧାମରା ନିକଟରେ ଲ୍ୟାଣ୍ଡଫଲ କରିବ। ଧାମରା ପାଖରୁ ରାଜନଗର ଅଳ୍ପ ଦୂର ହୋଇଥିବାରୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ, ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ୟାସ୍ ପ୍ରଭାବରେ ସମୁଦ୍ରରୁ ବଡବଡ ଜୁଆର ଆସି କୂଳରେ ଧକ୍କା ହୋଇ ସ୍ଥଳଭାଗରେ ପାଣି ମାଡି ଯାଉଛି। ସମୁଦ୍ରକୂଳରେ ଥିବା ୪୬ ଗାଁର ଲୋକଙ୍କୁ ପ୍ରଶାସନ ସୁରକ୍ଷିତ ସ୍ଥାନକୁ ଆଣିବାରେ ଲାଗି ପଡିଛି। ଅପରପକ୍ଷରେ ସ୍ୱତନ୍ତ୍ର ସଚିବ ହେମନ୍ତ ଶର୍ମା ମଧ୍ୟ ରାଜନଗରରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

ଅପରପକ୍ଷରେ ମଙ୍ଗଳବାର ସାମୁଦ୍ରିକ ଜୁଆରରେ ଈଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗାଁ ନିକଟରେ ଥିବା ଲୁଣାଘେରି ବନ୍ଧରେ ଘାଇ ହୋଇଯିବାରୁ ୧୫ ଖଣ୍ଡ ଗାଁର ଜମିରେ ଲୁଣାପାଣି ମାଡିଯାଇଛି। ଅପରାହ୍ନରେ ଘୂର୍ଣ୍ଣିଝଡରେ ଡାଙ୍ଗମାଳ ପଞ୍ଚାୟତ ବରାଡିଆ, ତ୍ରିଲୋଚନପୁର, ରଗଡାପାଟିଆ, ରାଜେନ୍ଦ୍ର ନାରାୟଣପୁର ଗାଁର ୫୦ଟି ପରିବାର ବିପନ୍ନ ହୋଇଛନ୍ତି। ସେମାନଙ୍କ ଚାଳ ଛପର, ଆଜ୍‌ବେଷ୍ଟସଗୁଡିକ ଉଡାଇ ନେଇଛି। ବିପନ୍ନ ଲୋକଙ୍କୁ ଡାଙ୍ଗମାଳ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ଏହି ଘୂର୍ଣ୍ଣିଝଡରେ ବଡାଡିଆ ବିଦ୍ୟୁତ୍ ସେକ୍ସନର ଗ୍ରୀଡକୁ ଢଳାଇ ପକାଇଛି। ଝଡ଼ ଏତେ ଜୋରରେ ଥିଲା ଯେ, କାର୍ଯ୍ୟାଳୟରେ ଥିବା କାଚ ଡୋର ଭାଙ୍ଗିଯିବାରୁ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବନୋଜ କୁମାର ସାହୁ ଗୁରୁତର ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।



ରାଜନଗର ଅଞ୍ଚଳରେ ପ୍ରବଳ ପବନ ଯୋଗୁ ଭାଙ୍ଗିଯାଇଥିବା ଚାଳ ଛପର ଘର।

## ବରାଡିଆ ଲୋକଙ୍କ ଘରେ ପଶିଲା ପାଣି

ରାଜକନିକା,୨୫।୫(ଡି.ଏନ୍.ଏ)

ରାଜକନିକା ବ୍ଲକର ଜୟନଗର, ବରାଡିଆ, କାଟଣା, ମାନପୁର, ସାନହଳପଡା, ବାଲିସାହି, ବଡହଳପଡା, ପଙ୍କି, ଗୋପାଳପୁର, ନହୁଣି, ପେଗରପଡା, ଭାମଣ୍ଡା, ସିହୋପଡା, ଆଗପଡା, ହାଟସାହି, ବଟରପଡା, ଗହମପାଳ ଓ ମାନପୁର ଅଞ୍ଚଳରୁ କଚ୍ଚା ଘରେ ଥିବା ଲୋକଙ୍କୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳ, ସ୍କୁଲ ଓ କଲେଜରେ ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ତେବେ ବୈତରଣୀ ନଦୀ ଫୁଲିବାରୁ ବରାଡିଆ ଗ୍ରାମର ୧୮ ନମ୍ବର ୱାର୍ଡର ବହୁ ଲୋକଙ୍କ ଘରେ ପାଣି ପଶିଛି। ବରାଡିଆ ପଞ୍ଚାୟତର ଉପୁଲେଇ ଗାଁରେ ପ୍ରଶାସନ ପହଞ୍ଚି ନ ଥିବାରୁ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜକନିକା ବିଡିଓ ଅଶୋକ ମହାନ୍ତି, କନିକା ତହସିଲଦାର ପ୍ରମୋଦ କୁମାର ବେହେରା ପ୍ରମୁଖ କାର୍ଯ୍ୟର ତଦାରଖ କରୁଛନ୍ତି। ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନତମାମ କଚ୍ଚା ଘରେ ରହୁଥିବା ଲୋକଙ୍କୁ କୋଠା ଘର ଓ ଆଶ୍ରୟସ୍ଥଳକୁ ଯିବାକୁ ଘୋଷଣା କରାଯାଇଛି। ବିଭିନ୍ନ ରାସ୍ତାଘାଟରେ ବାଉଁଶ ଓ ଅନ୍ୟ ବଡ ବଡ ଗଛଗୁଡିକ ଉପୁଡି ପଡିବାରୁ ରାସ୍ତା ଅବରୋଧ ହୋଇଯାଇଛି। ଦିନ ତମାମ ବର୍ଷା ଲାଗି ରହିଛି। ବାତ୍ୟା ଭୟରେ ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ବର୍ଷାରେ ପୋଖରୀ, ଗଡିଆ ଓ ବିଲବାଡିରେ ପାଣି ଲହଡି ଭାଙ୍ଗୁଛି। ଚାଷୀମାନେ ଜମିରେ କାଟିଥିବା ଧାନ ବିଡାଗୁଡିକରେ ବର୍ଷା ପାଣିରେ ଗଜା ହୋଇଯାଇଛି। ସୋମବାରଠାରୁ ବିଦ୍ୟୁତ୍ କଟି ଯାଇଥିବାରୁ ଲୋକେ ଏଯାବତ୍ ଅନ୍ଧାରରେ ରହିଛନ୍ତି। ଲାଇନ ନ ଥିବାରୁ ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହିଛି। ପ୍ରଶାସନ ପକ୍ଷରୁ ଜେନେରେଟର ଲଗାଇ ପାନୀୟ ଜଳ ଯୋଗାଇବାକୁ ଲୋକେ ନିବେଦନ କରିଛନ୍ତି।

## ସ୍ଥିତି ସମୀକ୍ଷା କଲେ ଜିଲାପାଳ

ବରୀ,୨୫।୫(ଡି.ଏନ.ଏ.)

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମଙ୍ଗଳବାର ବରୀ ବ୍ଲକ ଅଞ୍ଚଳ ଗସ୍ତ କରି ବାତ୍ୟା 'ୟାସ'ର ସ୍ଥିତି ସମୀକ୍ଷା କରିଛନ୍ତି। ବ୍ଲକ୍‌ରେ ୭ଟି ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୋଟ ୮୩୪ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଥିଲା। ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଡିଜି ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ଅଞ୍ଚଳର ମୋଟ୍ ୫୪ ଆସନ୍ନପ୍ରସବାଙ୍କ ମଧ୍ୟରୁ ୭ ଜଣଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ଗର୍ଭବତୀ ନିଜର କୋଠା ଘରେ ସୁରକ୍ଷିତ ରହିଛନ୍ତି ବୋଲି ଲିଖିତ ଭାବେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ବାତ୍ୟା ସମୟରେ ଓ ପରେ ଲୋକମାନେ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ବିଭିନ୍ନ ବିଭାଗର ଅଧିକାରୀ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ରହିଛନ୍ତି। ଅଞ୍ଚଳରେ ବାତ୍ୟାର ସଫଳ ମୁକାବିଲା ପାଇଁ ନିଯୁକ୍ତ ଓଏଏସ ଜ୍ୟୋତିଶଙ୍କର ମହାପାତ୍ର ଏହି ସୂଚନା ଦେଇଛନ୍ତି।



ଅମଠପୁର ବାତ୍ୟା ଆଶ୍ରୟସ୍ଥଳରେ ଥିବା ଲୋକଙ୍କୁ ବ୍ଲକ ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ ଦିଆଯାଉଛି।

## ସ୍ୱାମୀଙ୍କ ମୃତ୍ୟୁର ୫ ଦିନ ପରେ ଚାଲିଗଲେ ସ୍ତ୍ରୀ

ଧର୍ମଶାଳା,୨୫।୫(ଡି.ଏନ.ଏ.)

ସ୍ୱାମୀଙ୍କ ମୃତ୍ୟୁର ୫ ଦିନ ପରେ ସ୍ତ୍ରୀ ଆରପାରିକୁ ଚାଲିଗଲେ। ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ଼ବାଲିକୁଦା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସଂଗ୍ରାମ କେଶରୀ ଜେନାଙ୍କ ପିତା ଚୈତନ୍ୟ ଜେନା(୮୬)ଙ୍କ ଗତ ୨୧ତାରିଖରେ ପରଲୋକ ଘଟିଥିଲା। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ହୃତ୍‌ଘାତରେ ପରଲୋକ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ବଉଳବାଳା ଜେନା (୮୪) ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା କରାଯିବା ପରେ ସେ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା। ତାଙ୍କୁ ଏନସି କଲେଜସ୍ଥିତ କୋଭିଡ କେୟାର ସେଣ୍ଟର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ଥିବା ବେଳେ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ସ୍ୱାମୀଙ୍କ ମୃତ୍ୟୁର ଅଳ୍ପ ଦିନ ବ୍ୟବଧାନରେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତାଙ୍କ ମୃତ୍ୟୁରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ୮ ବ୍ଲକ ପ୍ରଭାବିତ, ୩୧୭୮ ଲୋକଙ୍କୁ ସ୍ଥାନାନ୍ତର

ଯାଜପୁର ଅଫିସ,୨୫।୫

ବାତ୍ୟା ୟାସ୍‌ର ପ୍ରଭାବ ଯାଜପୁର ଜିଲାର ଦଶରଥପୁର ଓ ବରୀ ବ୍ଲକ ଅଞ୍ଚଳରେ ସର୍ବାଧିକ ପଡିଛି। ମଙ୍ଗଳବାର ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ଦଶରଥପୁର ବ୍ଲକରେ ସର୍ବାଧିକ ୮୨ ମିମି ଓ ବରୀ ବ୍ଲକ ଅଞ୍ଚଳରେ ୭୫ ମିମି ବର୍ଷା ରେକର୍ଡ କରାଯାଇଛି। ପବନର ବେଗ ସେତେଟା ଅନୁଭୂତ ହୋଇ ନ ଥିଲେ ହେଁ କେତେକ ସ୍ଥାନରେ ବିଦ୍ୟୁତ୍

**ବରୀ, ବିଞ୍ଝାରପୁରରେ ସର୍ବାଧିକ ବର୍ଷା**

ଖୁଣ୍ଟ ଉପୁଡ଼ି ପଡିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନ ୨ଟା ସୁଦ୍ଧା ଜିଲାର ବିଞ୍ଝାରପୁର, ଦଶରଥପୁର, ବରୀ, ଯାଜପୁର, ସୁକିନ୍ଦା, କୋରେଇ, ଧର୍ମଶାଳା ଓ ବଡଚଣା ଏବଂ ଯାଜପୁର ପୌରାଞ୍ଚଳର ୨୬ ହଜାର ଲୋକ ବାତ୍ୟାରେ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୩୧୭୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୧୧୧ଟି ଆଶ୍ରୟ ସ୍ଥଳରେ ରଖାଯାଇଛି। ୩୫ ଆଶ୍ରୟ ସ୍ଥଳରେ ୮୫୭ ଲୋକଙ୍କୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବାବେଳେ ୫୦ କୁଇଣ୍ଟାଲ ଚୁଡ଼ା ଓ ୫ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ୧୬ ମେଡିକାଲ ଟିମ୍ ଓ ୧୦ ଭେଟେରିନେରୀ ଟିମ୍‌ଙ୍କୁ ମୁତୟନ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପାରାଦୀପରେ ସର୍ବାଧିକ ୧୬୧.୧ ମିମି ବର୍ଷା

ଜଗତ୍‌ସିଂହପୁର ଅଫିସ, ୨୫।୫

ବାତ୍ୟା 'ୟାସ୍' କ୍ରମଶଃ ମାଡ଼ି ଆସୁଛି। ଏହା ସ୍ଥଳଭାଗର ଯେତିକି ନିକଟତର ହେଉଛି ଲୋକଙ୍କ ଭିତରେ ସେତିକି ଭୟ ସୃଷ୍ଟି ହେଉଛି। ମଙ୍ଗଳବାର ସକାଳ ୮ଟା୩୦ ସୁଦ୍ଧା ଜିଲାର ପାରାଦୀପରେ ସର୍ବାଧିକ ୧୬୧.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କୁଜଙ୍ଗ ବ୍ଲକରେ ୧୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ନାଉଗାଁ ବ୍ଲକରେ ୯୯, ବାଲିକୁଦା ୯୬, ତିର୍ତ୍ତୋଲ ୯୨, ଏରସମା ୮୮, ଜଗତ୍‌ସିଂହପୁର ୪୯, ବିରିଡ଼ି ୪୨ ଓ ରଘୁନାଥପୁର ଅଞ୍ଚଳରେ ୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବାତ୍ୟାର ପ୍ରଭାବ ଜଗତ୍‌ସିଂହପୁର ଜିଲାରେ ପଡୁଥିବାରୁ ପ୍ରଶାସନ ତରଫରୁ କଚ୍ଚା, ଆଜବେଷ୍ଟସ୍ ଘରେ ରହୁଥିବା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବିଶେଷକରି ପାରାଦୀପ ପୌରାଞ୍ଚଳ ସମେତ କୁଜଙ୍ଗ, ଏରସମା, ତିର୍ତ୍ତୋଲ ଓ ବାଲିକୁଦା ଆଦି ବ୍ଲକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଖବର ଲେଖାହେଲା ବେଳକୁ

**ବାତ୍ୟା ୟାସ୍: ଜଗତ୍‌ସିଂହପୁରରେ ୧୧,୧୮୪ ଲୋକଙ୍କୁ ସ୍ଥାନାନ୍ତର**

ଜିଲାର ୧୭୯ ଆଶ୍ରୟସ୍ଥଳକୁ ୧୧,୧୮୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବିଭିନ୍ନ ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି ଏବଂ ମଧ୍ୟ ରାତ୍ର ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ୨୪୯ ଗର୍ଭବତୀ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ୩ ଦଳ ଏନ୍‌ଡିଆର୍‌ଏଫ୍, ୩ ଓଡ୍ରାଫ୍ ଓ ୧୩ ଅଗ୍ନିଶମ ବାହିନୀ ମହଜୁଦ ରହିଛନ୍ତି। ଗଛ ପଡ଼ିଲେ କାଟିବା ପାଇଁ ଏହି ଦଳ ସମେତ ବନ ବିଭାଗ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି।

## ଢେଙ୍କିକୋଟରେ ମିଳିଲା ଆଶ୍ରୟ

ଢେଙ୍କିକୋଟ, ୨୫।୫ (ଡି.ଏନ୍.ଏ.)

**୩୦୦ ଲୋକଙ୍କୁ ଗାଁରୁ ତଡ଼ିଦେବା ଘଟଣା**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ଗାଁ ଲୋକଙ୍କ ଆକ୍ରୋଶର ଶିକାର ହୋଇ ତଡ଼ା ଖାଇଥିବା ମହାରାଷ୍ଟ୍ର ରାଜ୍ୟ ନାଗପୁର ଜିଲା ଉଦାଷା ଗାଁର ୩୦୦ ଲୋକ ଢେଙ୍କିକୋଟ ବ୍ଲକ ଅଧୀନ ବାଙ୍କପାଟୁଳିସ୍ଥିତ ୩ଟି ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ମଲ୍ଲୀପଶି ଗାଁରେ ରହୁଥିବା ଏହି ପ୍ରବାସୀମାନଙ୍କୁ ସୋମବାର ସ୍ଥାନୀୟ ଏସ୍‌ଏଚ୍‌ଜିର ମହିଳା ଓ କେତେକ ଯୁବକ ଗାଁରୁ ତଡ଼ି ଦେଇଥିଲେ। ଫଳରେ ସେମାନେ ସନ୍ଧ୍ୟାରେ ମଲ୍ଲୀପଶି ଛାଡ଼ି ନିଜ ନିଜ ଗାଡ଼ିରେ ପଳାଇଥିଲେ। ଆଉ କେତେଜଣଙ୍କ ପାଇଁ ସରପଞ୍ଚ ଭାମାମଣି ଦାସ ଗାଡ଼ି ବ୍ୟବସ୍ଥା କରାଇଥିଲେ। ଢେଙ୍କିକୋଟ ପୋଲିସ ସହାୟତାରେ ସେମାନେ ବାଙ୍କପାଟୁଳି ହାଟ ପଡ଼ିଆଠାରେ ପହଞ୍ଚି ଥିଲେ। ଅସହାୟ ଲୋକେ ରାତିରେ ହଇରାଣ ହେଉଥିବା ଖବର ପାଇ ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଦୁଃଖ ପ୍ରକାଶ କରିଥିଲେ। ଜିଲା ବିଜେଡି ଯୁବ ଉପସଭାପତି ସେକ ଇମ୍ରାନଙ୍କୁ ତୁରନ୍ତ ସେମାନଙ୍କ ଖାଇବା ପିଇବାର ବ୍ୟବସ୍ଥା କରିବା ପାଇଁ କହିଥିଲେ। ଇମ୍ରାନ ତାଙ୍କର ସହଯୋଗୀ ଜିଲା ଛାତ୍ର ସମ୍ପାଦକ ଆଶିଷ ମଣ୍ଡଳ, ଯୁବନେତା ପପୁ ଯାଦବ, ଛାତ୍ର ନେତା ଅବିନାଶ ବାନାର୍ଜୀ, ଅଂଶୁମାନ ଚକ୍ରବର୍ତ୍ତୀଙ୍କୁ ନେଇ ପ୍ରବାସୀଙ୍କ ନିକଟରେ ପହଞ୍ଚି ବାଙ୍କପାଟୁଳିସ୍ଥିତ ୩ଟି ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କ ରହିବା ପାଇଁ ବ୍ୟବସ୍ଥା କରିଥିଲେ। ଘଟଗାଁ ଅତିରିକ୍ତ ବିଡିଓ ଚିତ୍ତରଞ୍ଜନ ନାୟକଙ୍କ ସହାୟତାରେ 'ୟାସ'ର ପ୍ରକୋପ କମିବା ପର୍ଯ୍ୟନ୍ତ ସେମାନଙ୍କୁ ୩ ଓଳି ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ତେବେ ବାତ୍ୟା ସମୟରେ ସେମାନଙ୍କୁ ରାତି ଅଧିଆ ତଡ଼ି ଦିଆଯିବା ଘଟଣାର ଜିଲାପାଳ ତଦନ୍ତ କରି ଦୃଢ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

## ଜିଲାବାସୀଙ୍କ ସହଯୋଗ ଲୋଡ଼ା



ୟାସ୍ ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ପ୍ରସ୍ତୁତ ହେଉଛନ୍ତି।

କେନ୍ଦୁଝର, ୨୫।୫ (ସ୍ୱ.ପ୍ର./ଡି.ଏନ.ଏ.)

ସାମୁଦ୍ରିକ ବାତ୍ୟା 'ୟାସ' ଓ ପରବର୍ତ୍ତୀ ପରିସ୍ଥିତିକୁ ଯୁଦ୍ଧକାଳୀନ ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି, ଯୋଜନା ଓ କୌଶଳକୁ ଜିଲାପାଳ ଆଶିଷ ଠାକରେ ମଙ୍ଗଳବାର ପୂର୍ବାହ୍ନରେ ଦରବାର ହଲଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବୁଧବାର ଭୀଷଣ ବାତ୍ୟା 'ୟାସ' ଓଡ଼ିଶା ଉପକୂଳ ଛୁଇଁବ। ଏହାକୁ ମୁକାବିଲା କରିବା ପାଇଁ କେନ୍ଦୁଝର ଜିଲାର ସମସ୍ତ ବ୍ଲକ ସମେତ ଅତି ପ୍ରଭାବିତ ଆଶଙ୍କା ଥିବା ବ୍ଲକ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। କେନ୍ଦୁଝର ଜିଲାର ୧୦ ବ୍ଲକର ସମୁଦାୟ ୩୭୩୨ଜଣଙ୍କୁ ସୋମବାର ସନ୍ଧ୍ୟା ସୁଦ୍ଧା ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଏଥିପାଇଁ ଜିଲାର ସବୁ ସ୍କୁଲ ଘର ଖୋଲା ରଖିବାକୁ ଓ ଏହାର ପରିଚାଳନା ପାଇଁ ବିଭାଗୀୟ ଅଧିକାରୀ/କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲାପାଳ ପ୍ରକାଶ କରିଥିଲେ। ଜିଲାକୁ ଗୋଟିଏ ଓଡ୍ରାଫ ଟିମ୍ ଏବଂ ୫ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ସାରିଥିବା ବେଳେ ସେଥିରୁ ଗୋଟିଏ ଟିମ୍ କେନ୍ଦୁଝର ସଦର ମହକୁମାରେ, ଆନନ୍ଦପୁର ଉପଖଣ୍ଡ ସଦର ମହକୁମାରେ ୨ଟି, ହାଟଡିହୀ ବ୍ଲକରେ ଗୋଟିଏ ଏବଂ ରାମଚନ୍ଦ୍ରପୁର ଥାନାରେ ଗୋଟିଏ ଟିମ୍ ରଖାଯାଇଥିବା ସୂଚନା ଦେଇଛନ୍ତି। ପରିସ୍ଥିତି ଅନୁଯାୟୀ ସେମାନଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯିବ। ଜିଲାର ୪ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ, ୧୦୭ଟି ଅସ୍ଥାୟୀ ବନ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା ସହ ସେଠାରେ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳଗୁଡ଼ିକରେ କୋଭିଡ ସଂକ୍ରମଣ ରୋକିବା ନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସମସ୍ତଙ୍କୁ ମାସ୍କ ଯୋଗାଇ ଦିଆଯାଇଛି। ଆସନ୍ନ ପ୍ରସବା ଗର୍ଭବତୀ ମା'ମାନଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି।

## ମହିଳାଙ୍କ ମୃତଦେହ ଜବତ

ଛତିଆ,୨୫।୫(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅଧୀନ ଚମ୍ପାପୁର ପଞ୍ଚାୟତର ଗୋପୀନାଥପୁର ନିକଟ ଗେଙ୍ଗୁଟି ନଦୀପଠାରୁ ମଙ୍ଗଳବାର ଜଣେ ଅଜଣା ମହିଳାଙ୍କ ମୃତଦେହ ଜବତ ହୋଇଛି। ସକାଳେ ଗ୍ରାମର କେତେଜଣ ଯୁବକ ନଦୀକୁ ଗାଧୋଇବାକୁ ଯାଉଥିବା ସମୟରେ ସେଠାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଏହାପରେ ଛତିଆ ବିଟ୍ ହାଉସ୍‌କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏହାପରେ ଏସ୍‌ଡିପିଓ ଚିନ୍ମୟ ନାୟକ, ଛତିଆ ବିଟ୍ ହାଉସ୍ ଅଧିକାରୀ ଜଗଦୀଶ କର ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ଘଟଣାର ତଦନ୍ତ କରିଥିଲେ। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମହିଳାଙ୍କ ପରିଚୟ ପାଇବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

# ୟାସ୍‌କୁ ନେଇ ନଦୀକୂଳବାସୀ ଭୟଭୀତ

■ ୨୫ ଘାଇରୁ ୧୫ ସମ୍ପୂର୍ଣ୍ଣ

■ ୧୧ ଘାଇ ୯୦% କାମ ସରିଛି

ଯାଜପୁର ଅଫିସ,୨୫।୫

ବାତ୍ୟା ୟାସ୍ ଯୋଗୁ ଯାଜପୁର ଜିଲା ଅଧିକ ପ୍ରଭାବିତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏଥିଯୋଗୁ ବନ୍ୟା ପରିସ୍ଥିତିକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ନଦୀକୂଳ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ପରିସ୍ଥିତିରେ ଗତବର୍ଷ ଅଗଷ୍ଟରେ ବ୍ରାହ୍ମଣୀ, ବୈତରଣୀ ଏବଂ ଏହାର ଶାଖା ନଦୀରେ ସୃଷ୍ଟି ହୋଇଥିବା ଘାଇଗୁଡିକର ସମ୍ପୂର୍ଣ୍ଣ ମରାମତି ହୋଇପାରିନାହିଁ।

ଯାଜପୁର ଜିଲାର ୨୫ଟି ସ୍ଥାନରେ ୧୩୧୦ ମିଟର ଲମ୍ବ ଘାଇ ସୃଷ୍ଟି ହୋଇଥିଲା। ଏହିସବୁ ଘାଇର ପୁନଃ ନିର୍ମାଣ କରିବାକୁ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୧୨ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟର ଅଟକଳ କରାଯାଇଥିଲା। ତେବେ ସେଥିରୁ ୧୪ ଘାଇ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ବାକି ୧୧ ଘାଇର ନିର୍ମାଣ କାମ ୯୦% ହୋଇଛି। ଏଭଳିସ୍ଥିତିରେ ଯଦି ୟାସ୍ ଭୟଙ୍କର ରୂପ ଧାରଣ କରି ବନ୍ୟା ପରିସ୍ଥିତି ସୃଷ୍ଟି କରେ, ତେବେ ନଦୀକୂଳିଆ ଲୋକେ ବିଶେଷକରି ବରୀ, ବିଞ୍ଝାରପୁର, ଦଶରଥପୁର, ରସୁଲପୁର ବ୍ଲକ ଅଞ୍ଚଳ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା କରାଯାଉଛି। ଗତ ୧୭।୫।୨୦୨୧ରେ ଜଳସେଚନ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟ ବନ୍ୟା ନିୟନ୍ତ୍ରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ସମ୍ପୂର୍ଣ୍ଣ ଭାବେ ଘାଇ ପୁନଃ ନିର୍ମାଣ ଶେଷ ହୋଇ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ପୂର୍ଣ୍ଣ ହୋଇ ନ ଥିବା ଘାଇଗୁଡିକ ଆସନ୍ତା ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତେବେ ଚଳିତ ବାତ୍ୟାରେ ହେଉଥିବା ବର୍ଷା ଯୋଗୁ ମେ ୩୧ ତାରିଖ ସୁଦ୍ଧା ଅସମ୍ପୂର୍ଣ୍ଣ ଘାଇ ନିର୍ମାଣ ଶେଷ ହେବା ଅସମ୍ଭବ ମନେହେଉଛି। ବର୍ଷା ଯୋଗୁ ରାସ୍ତା ଓଦା ହୋଇଯାଇଥିବାରୁ ମାଟି, ବାଲି ଆଦି ନିର୍ମାଣ ସାମଗ୍ରୀ ପରିବହନରେ ବାଧା ସୃଷ୍ଟି କରିବ। ଏହାବାଦ୍ ବନ୍ୟା ନିୟନ୍ତ୍ରଣ ସମୀକ୍ଷା ବୈଠକରେ ଯାଜପୁର ଜିଲା ସମେତ ରାଜ୍ୟର ୨୦ଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବା ଚିହ୍ନଟ ହୋଇଛି। ଜୁନ ୧୫ ତାରିଖ ସୁଦ୍ଧା ଏହିସବୁ ନଦୀବନ୍ଧ ସୁଦୃଢ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାସହ ବନ୍ୟା ନିୟନ୍ତ୍ରଣ କରିବାକୁ ଖୋଲା ସିମେଣ୍ଟ ବସ୍ତା, ବାଲି, ବାଉଁଶ, ବଲ୍ଲା ଆଦି ବ୍ୟବସ୍ଥା କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଭଳି ସ୍ଥିତିରେ ବ୍ୟବସ୍ଥା ହେବା ପୂର୍ବରୁ ୟାସ୍ ବାତ୍ୟା ଲୋକଙ୍କ ନିଦ ହଜାଇ ଦେଇଛି। ଏ ସମ୍ପର୍କରେ ଜଳସେଚନ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ବାତ୍ୟାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କମ୍ ଆଶଙ୍କା ରହିଛି। ତଥାପି ୧୪ଟି ଘାଇର ପୁନଃ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବନ୍ୟା ନିୟନ୍ତ୍ରଣ କରିବାକୁ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି।



ବରୀ ବ୍ଲକର ବ୍ରାହ୍ମଣୀ ନଦୀ ଅରୁଆଳ ନିକଟରେ ହୋଇଥିବା ଘାଇ। (ଫାଇଲ ଫଟୋ)

**ଅଭିବୃଦ୍ଧି ଆକଳନ କମ୍ କଲା ବାର୍କଲେ**

ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୯.୨% ରହିବା ନେଇ ବ୍ରିଟେନଭିତ୍ତିକ ବ୍ରୋକରେଜ ଫାର୍ମ ବାର୍କଲେ ଆକଳନ କରିଛି। ପୂର୍ବରୁ କରିଥିବା ଆକଳନକୁ ଏହା ପ୍ରାୟ ୦.୮୦% ହ୍ରାସ କରିଛି। କରୋନା ଦ୍ୱିତୀୟ ଲହର ଏବଂ ଭାକ୍ସିନ ପ୍ରଦାନରେ ମନ୍ଥରତା ଯୋଗୁ ଜିଡିପି ପ୍ରଭାବିତ ହେଉଥିବା ବାର୍କଲେ କହିଛି।



# ଫେସ୍‌ବୁକ୍, ଟୁଇଟରର ଅଡୁଆ ବଢ଼ିପାରେ




**ନୂଆଦିଲ୍ଲୀ,୨୫।୫**

- ହରାଇପାରନ୍ତି ଇଣ୍ଟରମିଡିଆରି ଷ୍ଟାଟସ
- ନିୟମ ପାଳନ କରାଯିବ: ଫେସ୍‌ବୁକ୍

ଆଗାମୀ ୨ ଦିନରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଟୁଇଟର ଭଳି କମ୍ପାନୀ ସେମାନଙ୍କ ଇଣ୍ଟରନେଟ୍ ଇଣ୍ଟରମିଡିଆରି ଷ୍ଟାଟସ ହରାଇପାରନ୍ତି। ସରକାରଙ୍କ ନୂଆ ସୂଚନା ଏବଂ ପ୍ରଯୁକ୍ତି ଆଇନ ଅନୁପାଳନ ନ କଲେ ଏହି କମ୍ପାନୀଗୁଡ଼ିକର ସମସ୍ୟା ବଢ଼ିପାରେ ବୋଲି କୁହାଯାଉଛି। ଆଇଟି ଆଇନ ସମ୍ପର୍କରେ ଚଳିତ ବର୍ଷ ଫେବୃଆରୀରେ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ମେ ୨୬ରୁ ଏହା କାର୍ଯ୍ୟକାରୀ ହେବ। ଇଣ୍ଟରମିଡିଆରି ଷ୍ଟାଟସ ପ୍ରତ୍ୟାହାର ହେଲେ ଏହା କମ୍ପାନୀଙ୍କ ଲାଗି ସମସ୍ୟା ସୃଷ୍ଟି କରିବ। କାରଣ ୟୁଜର ଏହି ପ୍ଲାଟ୍‌ଫର୍ମଗୁଡ଼ିକରେ ଯାହା ବି ପୋଷ୍ଟ କରିବେ ତାହା କମ୍ପାନୀ ଦ୍ୱାରା ପବ୍ଲିସ ହୋଇଛି ବୋଲି ବିବେଚନା କରାଯିବ। ଯଦି କୌଣସି କଣ୍ଟେଣ୍ଟ ବେଆଇନ ବାହାରେ କମ୍ପାନୀଗୁଡ଼ିକ ଏଥିଲାଗି ଆପରାଧିକ ଭାବେ ଦାୟୀ ରହିବେ। ପବ୍ଲିସ୍‌ର ହିସାବରେ ପ୍ଲାଟ୍‌ଫର୍ମଗୁଡ଼ିକରେ କୌଣସି କଣ୍ଟେଣ୍ଟ ଅନ୍‌ଲାଇନ ହେବା ଆଗରୁ ତାକୁ ସେନ୍‌ସର କରାଯିବ। ଚାଇନାର ଇଣ୍ଟରନେଟ କ୍ଷେତ୍ରରେ ଏଭଳି ସ୍ଥିତି ଦେଖାଯାଇଥାଏ।

ନୂଆ ଆଇନର କାର୍ଯ୍ୟକାରିତା ସମ୍ପର୍କରେ କମ୍ପାନୀଗୁଡ଼ିକ ବର୍ତ୍ତମାନ ସରକାରଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେହିଭଳି ଏମାନେ ଆଇନ ଅନୁପାଳନ ଲାଗି ଅଧିକ ୬ ମାସ ସମୟ ଲୋଡ଼ିଛନ୍ତି। ଆଇଟି ଆଇନ ୨୦୦୦ ଅଧୀନରେ ଦି ଇନ୍‌ଫରମେଶନ ଟେକ୍ନୋଲୋଜି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମ ୨୦୨୧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପାର୍ଲାମେଣ୍ଟାରି ଯାଞ୍ଚକୁ ବାଦ୍ ଦିଆଯାଇଛି। ସେହିଭଳି କୌଣସି ୟୁଜରଙ୍କ ଅଭିଯୋଗ ଆସିଲେ ସେଥିଲାଗି ଅଭିଯୋଗ ସମାଧାନ ବ୍ୟବସ୍ଥା କରିବାକୁ ସରକାର କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ୩ ସ୍ତରୀୟ ସିଷ୍ଟମ ରହିବ। ଶୀର୍ଷରେ ସରକାରଙ୍କ ଦ୍ୱାରା ସ୍ଥାପନ ହୋଇଥିବା ଆନ୍ତଃ ବିଭାଗୀୟ କମିଟି ରହିବ। ବେଆଇନ କଣ୍ଟେଣ୍ଟ କେଉଁ ବ୍ୟକ୍ତି ବିଶେଷ ପୋଷ୍ଟ କରିଛନ୍ତି ସେ ନେଇ ଶକ୍ତ ହେବାକୁ ମଧ୍ୟ କମ୍ପାନୀଙ୍କୁ ନିର୍ଦ୍ଦେଶ ରହିଛି।

ନୂଆ ଆଇନରେ ଡିଜିଟାଲ ନ୍ୟୁଜ, ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ, ସୋସିଆଲ ମିଡିଆ କ୍ଷେତ୍ରରେ ସରକାରଙ୍କୁ ଅତ୍ୟଧିକ କ୍ଷମତା ଦିଆଯାଇଛି ବୋଲି ଇଣ୍ଟରନେଟ୍ ଅଧିକାର ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଏହା ଅନ୍‌ଲାଇନ ପ୍ରିଭେସି ଏବଂ ବାକ୍ ସ୍ୱାଧୀନତା ଏବଂ ମତ ପ୍ରକାଶ କରିବାର ଅଧିକାରକୁ କ୍ଷୁଣ୍ଣ କରିବ ବୋଲି ଏହି ଗ୍ରୁପ୍ ପକ୍ଷରୁ ଆଶଙ୍କା କରାଯାଇଛି। ସେହିଭଳି ହ୍ୱାଟ୍ସଆପ୍ ପକ୍ଷରୁ ସରକାରଙ୍କୁ କୁହାଯାଇଛି ଯେ, ଯେଉଁ ୟୁଜର ଏହାର ନୂଆ ପଲିସି ନ ମାନିବେ ସେମାନଙ୍କ ଲାଗି ସେବାକୁ ସଙ୍କୁଚିତ କରାଯିବ ନାହିଁ। ସ୍ୱଦେଶୀ ସୋସିଆଲ ମିଡିଆ ଆପ୍‌କୁ ଛାଡ଼ି ଦେଲେ ଟୁଇଟର,ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ଭଳି କମ୍ପାନୀ ସରକାରଙ୍କ ନୂଆ ନିୟମ ପାଳନ କରିନାହାନ୍ତି। ଫ୍ୟାକ୍ଟ ଚେକ୍ ଲାଗି ନିଜର ବ୍ୟବସ୍ଥା ରହିଥିବା ଟୁଇଟର ପକ୍ଷରୁ କୁହାଯାଇଛି। ସରକାରଙ୍କ ନିୟମ ପାଳନ କରିବା ନେଇ ଫେସ୍‌ବୁକ୍ କହିଛି। ଏହି ପ୍ରସଙ୍ଗରେ ସରକାରଙ୍କ ସହ ଅଧିକ ଆଲୋଚନା କରିବାକୁ ଉଦ୍ୟମ ଜାରି ରହିଥିବା ଫେସ୍‌ବୁକ୍ ମୁଖପାତ୍ର କହିଛନ୍ତି।

# ଆସିପାରେ ଆଉ ଏକ ପ୍ୟାକେଜ

**ନୂଆଦିଲ୍ଲୀ,୨୫।୫**

କରୋନାର ଦ୍ୱିତୀୟ ଲହର ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। କୋଭିଡ୍-୧୯ ପ୍ରଥମ ଲହର ପ୍ରଭାବରୁ ବାହାରିବା ଲାଗି ବଜାର ସଂଘର୍ଷ କରୁଥିବା ବେଳେ ଦ୍ୱିତୀୟ ଲହର ଏହା ଉପରେ ମାଡ଼ କରିଛି। ସଂକ୍ରମଣକୁ ରୋକିବା ଲାଗି ଆଞ୍ଚଳିକ ସ୍ତରରେ ଲକ୍‌ଡାଉନ ଜାରି ହୋଇଛି। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥାକୁ ସହାୟତା ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ପାଇଁ ସରକାର ପୁଣି ଥରେ ଆଉ ଏକ ପ୍ୟାକେଜ ଆଣିବାକୁ ଯୋଜନା କରୁଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ସରକାରୀ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

ସବୁଠାରୁ ବେଶି ପ୍ରଭାବିତ କ୍ଷେତ୍ରଗୁଡ଼ିକୁ ଏହି ପ୍ୟାକେଜ ଦ୍ୱାରା ସହାୟତା କରିବାକୁ ସରକାର ଚିନ୍ତା କରୁଥିବା କୁହାଯାଉଛି। ପର୍ଯ୍ୟଟନ, ବିମାନ ଚଳାଚଳ, ହସ୍ପିଟାଲିଟି ଶିଳ୍ପ ସହିତ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ କମ୍ପାନୀ ଏହା ମଧ୍ୟରେ ସାମିଲ ହୋଇପାରନ୍ତି। ନୂଆ ପ୍ୟାକେଜ ଯୋଜନା ସଂକ୍ରାନ୍ତ ଆଲୋଚନା ଏବେ ପ୍ରଥମ ପର୍ଯ୍ୟାୟରେ ରହିଛି। ସେହିଭଳି କେବେ ସୁଦ୍ଧା ଏ ସମ୍ପର୍କରେ ଚୂଡ଼ାନ୍ତ ଘୋଷଣା ହେବ ସେ ନେଇ କିଛି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। କରୋନାର ଦ୍ୱିତୀୟ ଲହରରେ ସାରା ଦେଶରେ ଲକ୍‌ଡାଉନ ଜାରି କରାଯାଇନାହିଁ। ରାଜ୍ୟଗୁଡ଼ିକ ଆଞ୍ଚଳିକ ସ୍ତରରେ ଏଥର କୋଭିଡ୍ ନିୟନ୍ତ୍ରଣ ଲାଗି ରଣନୀତି ପ୍ରସ୍ତୁତ କରିଛନ୍ତି।

**ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାରଙ୍କ ଯୋଜନା**



ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ହ୍ରାସ ନେଇ ବିଭିନ୍ନ ଅର୍ଥନୀତିଜ୍ଞ ଏବଂ ରେଟିଂ ଏଜେନ୍ସିଗୁଡ଼ିକ ମତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ମାସରେ କହିଥିଲେ, ଦେଶର ଅର୍ଥ ବ୍ୟବସ୍ଥା ଉପରେ ସରକାର ନଜର ରଖିଛନ୍ତି। ଏହାକୁ ଧ୍ୟାନରେ ରଖି ସୀତାରାମନ ଅର୍ଥନୀତିଜ୍ଞଙ୍କ ସହ ପ୍ୟାକେଜ ସମ୍ପର୍କରେ ଆଲୋଚନା କରିଥିବା ଅର୍ଥ ମନ୍ତ୍ରଣାଳୟର ଏହି ଅଧିକାରୀ ଜଣକ କହିଛନ୍ତି। ପୁଞ୍ଜି ଖର୍ଚ୍ଚ ବଢ଼ାଇବା ପାଇଁ ଏପ୍ରିଲ ମାସରେ ସରକାର ନିୟମରେ କିଛିଟା କୋହଳ କରିଥିଲେ। ସରକାରୀ ବିଭାଗଗୁଡ଼ିକ ଖର୍ଚ୍ଚ ଦ୍ୱାରା ଅର୍ଥ ବ୍ୟବସ୍ଥାର ଗତିକୁ ତ୍ୱରାନ୍ୱିତ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ଏହାବାଦ କରୋନା ପ୍ରଭାବିତ କ୍ଷେତ୍ରଗୁଡ଼ିକ ଲାଗି ଋଣ କିସ୍ତି ପ୍ରଦାନ ସମ୍ପର୍କିତ ନିୟମ କୋହଳ ପାଇଁ ବର୍ତ୍ତମାନ ଆର୍‌ବିଆଇ ଉପରେ ଚାପ ରହିଛି।

BIRTHDAY WISH



Aryan Narayan Jena

No matter how many birthdays come & go... You'll always be our little boy our greatest pride & joy... Wishing you a very happy birthday... May Lord Jagannath bless you...

*Best Wishes From:* Mumma, Papa, Dadimaa, Guddu Dada.

D-20779

# ଗ୍ୟାସ୍ ପାଇଁ ତୈଳ, ବାଷ୍ପ ଶିଳ୍ପର ପ୍ରସ୍ତୁତି

**ଭୁବନେଶ୍ୱର୨୫।୫**

ସାମୁଦ୍ରିକ ବାତ୍ୟା ୟାସ୍ ପାଇଁ ଦେଶର ତୈଳ ଏବଂ ବାଷ୍ପ ଶିଳ୍ପ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ନିରନ୍ତର ତୈଳ ଏବଂ ଗ୍ୟାସ୍ ମହଜୁଦ ଓ ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଉଛି। ଜରୁରିକାଳୀନ ସେବା ଯେଭଳି ବାଧାପ୍ରାପ୍ତ ନ ହୁଏ ଆବଶ୍ୟକ ମୋବାଇଲ ତୈଳ ଡିସ୍‌ପେନସର ଉପଲବ୍ଧ କରାଯାଇଛି। ଏହାବାଦ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଏଲ୍‌ପିଜି ସିଲିଣ୍ଡର ଷ୍ଟକ୍ କରିବାକୁ ପ୍ରାଥମିକତା ଦିଆଯାଇଛି। ଏହାବାଦ ଅସୁବିଧାରେ ଥିବା ଲୋକଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଣ ଲାଗି ପ୍ରୟାସ କରାଯାଇଥିବା ତୈଳ ଶିଳ୍ପ ପକ୍ଷରୁ କୁହାଯାଇଛି। ଏହି ସମୟରେ ଲୋକମାନେ ସେବା ଲାଭ କରିପାରିବାରେ ଯେଭଳି କୌଣସି ସମସ୍ୟାର ସାମ୍ନା ନ କରନ୍ତି ତାକୁ ଧ୍ୟାନରେ ରଖି ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପର୍ଯ୍ୟାପ୍ତ ପରିମାଣର ପିଓଏଲ୍, ସିଏନ୍‌ଜି ଏବଂ ଏଲ୍‌ପିଜି ଷ୍ଟକ୍ ବଜାୟ ରଖିବା ଲାଗି ତୈଳ ଏବଂ ଗ୍ୟାସ୍ ଶିଳ୍ପ ବ୍ୟବସ୍ଥା କରୁଛି।

# ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ

**ଭୁବନେଶ୍ୱର,୨୫।୫**



ରାଜ୍ୟରେ ମହାମାରୀ ଓ ମହାବାତ୍ୟା ଭଳି ବିପଦ ବିଶେଷକରି ଅସହାୟ, ନିରାଶ୍ରୟ ଓ ଦିନମଜୁରିଆ ବର୍ଗର ଲୋକଙ୍କ ପାଇଁ ଏକ ବଡ ବିପଦ ସୃଷ୍ଟି କରିଛି। ଏହାକୁ ଆଖି ଆଗରେ ରଖି ମାସିକ ପତ୍ରିକା ଦୂରଦର୍ଶୀ ଓ ଜୟ ଭାରତ ଫାଉଣ୍ଡେଶନ (ଭାରତ ମସଲା) ର ମିଳିତ ସହଯୋଗରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଅସହାୟ ନିରାଶ୍ରୟ ଓ ବିଭିନ୍ନ ମନ୍ଦିରର ପୂଜକମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ୟାକେଟ ସହିତ ମାସ୍କ ଓ ସାନିଟାଇଜର ଆଦି ବଣ୍ଟନ କରାଯାଇଥିଲା। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହଯୋଗରେ ଏଭଳି ଏକ ମହତ କାର୍ଯ୍ୟକ୍ରମ ତଥା ସହାୟତା ଏହି ସବୁ ବର୍ଗର ଲୋକଙ୍କୁ କରାଯାଇପାରିଛି ବୋଲି ଦୂରଦର୍ଶୀର ସମ୍ପାଦକ ଦୁର୍ଗା ସାମନ୍ତରାୟ କହିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପ୍ରସନ୍ନ ବିଷୋୟୀ, ପ୍ରାଣବନ୍ଧୁ ସ୍ୱାଇଁ ଏବଂ ୱାର୍ଡ ନଂ. ୩୮ର ପୂର୍ବତନ କର୍ପୋରେଟର ନିଖିଲ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ ପ୍ରକ୍ରିୟାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ କୋଭିଡ୍ କଟକଣା ସହ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ଏହି ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ଭାରତ ମସଲା ପକ୍ଷରୁ କୁହାଯାଇଛି।

# ମାର୍ଚ୍ଚ ତ୍ରୈମାସ ଜିଡିପି ୧.୩% ବଢ଼ିବ

**ନୂଆଦିଲ୍ଲୀ, ୨୫।୫**

ଆର୍ଥିକ ବର୍ଷ ୨୦୨୦-୨୧ର ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ୧.୩% ବଢ଼ିବ। ସେହିଭଳି ଆର୍ଥିକ ବର୍ଷ ସାରା ଜିଡିପି ୭.୩% ହ୍ରାସ ହେବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟ 'ଇକୋରାପ'ରେ କୁହାଯାଇଛି। ବ୍ୟାଙ୍କ ପକ୍ଷରୁ ନାଉଁ କାଷ୍ଟିଂ ମଡେଲ ଉନ୍ନତୀକରଣ କରାଯାଇଛି। ଶିଳ୍ପ ଏବଂ ସେବା କ୍ଷେତ୍ର ଭଳି ପ୍ରାୟ ୪୧ ମାନକକୁ ନେଇ ଏହା ବିଭିନ୍ନ ଦିଗକୁ ବିଚାର କରୁଛି। ରିପୋର୍ଟ ମୁତାବକ, ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ସ୍ଥାନିତ ହୋଇଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ନୋମିନାଲ ଜିଡିପି ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି।

# ଅରବିନ୍ଦ ଫାର୍ମା କମ୍ପାନୀର ଡାଟା ଲିକ୍

**ନୂଆଦିଲ୍ଲୀ,୨୫।୫**



ଭାରତୀୟ ଫାର୍ମା କମ୍ପାନୀ ଅରବିନ୍ଦ ଫାର୍ମାରେ କାମ କରୁଥିବା କର୍ମଚାରୀଙ୍କ ଗୋପନୀୟ ଡାଟା ଡାର୍କୱେବ୍‌ରେ ଲିକ୍ ହୋଇଯାଇଥିବା ଜଣାପଡିଛି। ଏକ ରାନ୍‌ସମୱେର ଗ୍ରୁପ୍ ଏହି ଡାଟାକୁ ପ୍ରଘଟ କରିଥିବା କୁହାଯାଉଛି। ଏହା ପୂର୍ବରୁ ଅନ୍ୟ ଏକ ହାଇପ୍ରୋଫାଇଲ କମ୍ପାନୀର ଡାଟା ଏଭଳି ଲିକ୍ ହୋଇଥିବା ଦେଖାଯାଇଥିଲା। କର୍ମଚାରୀଙ୍କ ଡାଟାର ଫାଇଲ ମାଗଣାରେ ଡାଉନ୍‌ଲୋଡ ସୁବିଧା ମିଳୁଛି। ଏଥିରେ କର୍ମଚାରୀଙ୍କ ପାସ୍‌ପୋର୍ଟ ତଥ୍ୟ ସମେତ ଅଫର ଲେଟର ଭଳି ତଥ୍ୟ ସାମିଲ ରହିଛି। ଲିକ୍ ହୋଇଥିବା ଡାଟାର ସାଇଜ ପ୍ରାୟ ୧୭୦ ଜିବି ହେବ ବୋଲି ଆକଳନ କରାଯାଇଛି। ଲିକ୍ ହୋଇଥିବା ଅନ୍ୟ ଡାଟା ମଧ୍ୟରେ ସାମ୍ପୁଲ ଇମେଜ, ଆନ୍ତଃ କାର୍ଯ୍ୟସ୍ଥଳୀ ଫଟୋ, ଆନାଲିସିସ୍ ସାର୍ଟିଫିକେଟ, ପ୍ରଡକ୍ଟ କମ୍ପ୍ଲିଆଣ୍ଟ ସିଟ୍ ରହିଛି।

**ଫୁର୍‌ସତ୍**

# 'ହୀରକ ତ୍ରିଭୁଜ'ର ବିଜନ ବୌଦ୍ଧପଲ୍ଲୀ

**ଶୁଭେନ୍ଦୁ କୁମାର ଭୂୟାଁ**

ଅଢ଼େଇ ହଜାରରୁ ଅଧିକ ବର୍ଷ ତଳେ ପ୍ରାଚୀନ ଓଡ଼ିଶାରେ ଗଢ଼ିଉଠିଥିଲା ବୌଦ୍ଧ କୀର୍ତ୍ତିରାଜିର ଅମ୍ଳାନ ମାନମନ୍ଦିର। ବୌଦ୍ଧଧର୍ମ, ସଂସ୍କୃତି ଓ ଐତିହ୍ୟର କଳାକୀର୍ତ୍ତିରେ ଖୋଦିତ ବୌଦ୍ଧ ମହାବିହାରଗୁଡ଼ିକରେ ବୌଦ୍ଧଶ୍ରମଣମାନଙ୍କ ସହିତ ସାଧାରଣ ଜନତା ଓ ବୌଦ୍ଧଧର୍ମାଶ୍ରିତ ପ୍ରଜାମାନଙ୍କର ଗଢ଼ିଉଠିଥିଲା ଉତ୍ତମ ସମ୍ପର୍କ। ଭାରତବର୍ଷର ପୂର୍ବଉପକୂଳରେ ଥିବା ଓଡ଼ିଶାର ଶ୍ରେଷ୍ଠ ବୌଦ୍ଧାୟତନଗୁଡ଼ିକ ଭାରତ ବାହାରେ ଥିବା ପ୍ରମୁଖ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ତା'ର ଜ୍ଞାନ ଓ ପ୍ରଜ୍ଞାର ଦୀପଶିଖାକୁ ପ୍ରଜ୍ୱଳିତ କରୁଥିଲା। ଦେଶ ବିଦେଶରୁ ବହୁ ବୌଦ୍ଧ ପଣ୍ଡିତମାନଙ୍କର ଆଗମନ ହେଉଥିଲା ଏଠାକୁ। ଅବିଭକ୍ତ କଟକ ଜିଲାରେ ଗଢ଼ିଉଠିଥିଲା ତତ୍କାଳୀନ ବିଶ୍ୱପ୍ରସିଦ୍ଧ ପ୍ରମୁଖ ବୌଦ୍ଧ ମହାବିହାର 'ପୁଷ୍ପଗିରି' ; ଯାହାଥିଲା ଲଳିତଗିରି-ଉଦୟଗିରି-ରତ୍ନଗିରି ତିନି ବୌଦ୍ଧପୀଠ ସମ୍ମିଶ୍ରଣର ଏକ ସଂଯୁକ୍ତ ବୌଦ୍ଧସ୍ଥଳୀ। କିନ୍ତୁ କାଳକ୍ରମେ ଏହି ପ୍ରଖ୍ୟାତ ବୌଦ୍ଧବିହାରଗୁଡ଼ିକ ମାଟିର ସ୍ତୂପତଳେ ପୋତି ହୋଇଗଲା। ଯଦିଓ ପ୍ରତ୍ନତତ୍ତ୍ୱ ଓ ସଂସ୍କୃତି ବିଭାଗ ମାଟିତଳୁ ଉତ୍‌ଖନନ କରି ଏହି ବିରଳ ଓ ଦୁର୍ମୂଲ୍ୟ ବୌଦ୍ଧକୀର୍ତ୍ତିରାଜିଗୁଡ଼ିକୁ ଲୋକଲୋଚନକୁ ଆଣିପାରିଛନ୍ତି କିନ୍ତୁ ଉତ୍‌ଖନନ ପରବର୍ତ୍ତୀ କାଳରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଏହି କୀର୍ତ୍ତିରାଜି ଓ ବିଶ୍ୱବିଖ୍ୟାତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ଅବହେଳାର ଶିକାର ହୋଇଛି। ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିର ବୌଦ୍ଧକୀର୍ତ୍ତିରାଜିଗୁଡ଼ିକ ଆଜି ସଂରକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ଉଦୟଗିରିରୁ ଆବିଷ୍କୃତ ମାଧବପୁର ମହାବିହାର ଓ ସିଂହପ୍ରସ୍ଥ ବୌଦ୍ଧମହାବିହାର କାଳର କୁଠାରାଘାତରେ ଏବେ ଭଗ୍ନସ୍ତୂପପ୍ରାୟ।

ଅବିଭକ୍ତ କଟକ ଜିଲାର ଲଳିତଗିରି, ରତ୍ନଗିରି, ଉଦୟଗିରି, ଲାଙ୍ଗୁଡ଼ି, କାଏମା, ବଜ୍ରଗିରି, କୋଲଣଗିରି, ବ୍ରହ୍ମାବଣ, ଶୁଖୁଆପଡ଼ା, ଯାଜପୁର ଭିନ୍ନ ରାଜ୍ୟର ଅନ୍ୟ ସ୍ଥାନ ଯଥା ଗରିଆପାଲୀ, ପରଗଳପୁର, ଶ୍ୟାମସୁନ୍ଦରପୁର, ବଉଦ, ବାଣେଶ୍ୱର ନାସୀ, ଖିଚିଂ, ଅଯୋଧ୍ୟା(ବାଲେଶ୍ୱର), ଖଡ଼ିପଡ଼ା, ସୋଲମପୁର, ଭୁବନେଶ୍ୱର, ଧଉଳି, ଅରାଗଡ଼, କୁରୁମ, ରାମଚଣ୍ଡୀ, ବାଣପୁର ଓ ଜଉଗଡ଼ ଭଳି ଶତାଧିକ ସ୍ଥାନରେ ରହିଛି ପ୍ରାଚୀନ ବୌଦ୍ଧସ୍ମାରକୀର କଳାକୀର୍ତ୍ତିଗୁଡ଼ିକ। ବିଶେଷକରି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ 'ହୀରକ ତ୍ରିଭୁଜ' ନାମରେ ନାମିତ ତଥା ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଯାଜପୁର ଜିଲାର ଉଦୟଗିରି ଓ ରତ୍ନଗିରି ଏବଂ କଟକ ଜିଲାର ଲଳିତଗିରିଠାରେ ବିଧିବଦ୍ଧ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ କରାଯାଇ ବହୁ ବିରଳ ବୌଦ୍ଧମୂର୍ତ୍ତି, ବୌଦ୍ଧମହାସ୍ତୂପ, ବୁଦ୍ଧମହାବିହାର, ଦ୍ୱାରବନ୍ଧ, ସମେତ ସହସ୍ରାଧିକ ବୌଦ୍ଧକୀର୍ତ୍ତି ଆବିଷ୍କୃତ ହୋଇଛି। ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ପକ୍ଷରୁ ସଂପୃକ୍ତ ସଂରକ୍ଷିତ ବୌଦ୍ଧସ୍ଥଳୀଗୁଡ଼ିକୁ ୧୯୮୫ରେ ଖନନ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ମଧ୍ୟ ଉପରୋକ୍ତ ସ୍ଥାନରେ ପ୍ରାୟ ୪୦ ବର୍ଷ ତଳେ ମଧ୍ୟ ଅସମ୍ପୂର୍ଣ୍ଣ ଖନନ କାର୍ଯ୍ୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଯାଜପୁର ଜିଲାର ଲାଙ୍ଗୁଡ଼ି ଓ ରାଧାନଗରଠାରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ କାର୍ଯ୍ୟ କରାଯାଇଥିଲା। ତେବେ ଅବିଭକ୍ତ କଟକ ଜିଲାର ଉପରୋକ୍ତ ସ୍ଥାନଗୁଡ଼ିକ ବ୍ୟତୀତ ଏହାର ଚତୁଃପାର୍ଶ୍ୱରେ ଥିବା ବହୁ ପୁରାତନ ଜନବସତିଗୁଡ଼ିକରେ ମଧ୍ୟ ବୌଦ୍ଧସ୍ତୂପ, ବୌଦ୍ଧମୂର୍ତ୍ତି ଓ ଅନ୍ୟାନ୍ୟ କୀର୍ତ୍ତିରାଜିଗୁଡ଼ିକ ବିକ୍ଷିପ୍ତ ଭାବରେ ପଡ଼ିରହିଛି। ଲଳିତଗିରି ବୌଦ୍ଧବିହାରରୁ ପୂର୍ବରୁ ଅନେକ ବୌଦ୍ଧମୂର୍ତ୍ତି, ବିଗ୍ରହ ଓ ଦ୍ୱାରବନ୍ଧଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ 'ହୀରକ ତ୍ରିଭୁଜ' ବଳୟ ଅନ୍ତର୍ଭୁକ୍ତ ବିଖ୍ୟାତ ବୌଦ୍ଧପୀଠ ଲଳିତଗିରି-ରତ୍ନଗିରି-ଉଦୟଗିରିରୁ ଶତାଧିକ ବିରଳ ମୂର୍ତ୍ତି ଓ ଐତିହ୍ୟପୂର୍ଣ୍ଣ ସ୍ଥାପତ୍ୟ ରାଜ୍ୟ ବାହାରର ବିଭିନ୍ନ ସଂଗ୍ରହାଳୟକୁ ପଠାଯାଇଛି ଏବଂ ସେଗୁଡ଼ିକ ଓଡ଼ିଶା ସଂଗ୍ରହାଳୟ ଅଥବା ସଂପୃକ୍ତ ବୌଦ୍ଧପୀଠକୁ ଫେରାଇ ଅଣାଯିବା ଉଚିତ। ପୀଠଗୁଡ଼ିକର ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ମଧ୍ୟ ରହିଛି।

– ସଦସ୍ୟ, ଜିଲା ସଂସ୍କୃତି ପରିଷଦ, ଯାଜପୁର
ମୋ:୯୪୩୭୨୨୬୭୯୭



କରନ ଜୋହର

# ପ୍ରେମରେ ପଡ଼ିଥିଲେ କରନ

**ମୁମ୍ବାଇ:** ଅଭିନେତ୍ରୀ ଟ୍ୱିଙ୍କିଲ ଖାନ୍ନାଙ୍କ ପ୍ରେମରେ ପଡ଼ିଥିଲେ ଫିଲ୍ମ ନିର୍ମାତା କରନ ଜୋହର। ଏ ନେଇ ଟ୍ୱିଙ୍କିଲ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ। ଟ୍ୱିଙ୍କିଲ ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ଝିଅ ହୋଇଥିବାବେଳେ ଫିଲ୍ମ ନିର୍ମାତା ୟଶ ଏବଂ ହିରୋ ଜୋହାରଙ୍କ ପୁଅ ହେଉଛନ୍ତି କରନ। ତେଣୁ ଉଭୟେ ପରସ୍ପରକୁ ପିଲାବେଳୁ ଜାଣିଥିଲେ। ଏପରିକି ଦୁଇ ଜଣ ସମାନ ବୋର୍ଡିଂ ସ୍କୁଲରେ ପାଠ ମଧ୍ୟ ପଢୁଥିଲେ। ୨୦୧୫ରେ ଏକ ସାକ୍ଷାତକାରରେ ଟ୍ୱିଙ୍କିଲ କହିଥିଲେ, ସ୍କୁଲରେ ପଢୁଥିବାବେଳେ ତାଙ୍କର ଅଳ୍ପ ନିଶ ଥିଲା। ଏହାକୁ କରନ ବେଶ ପସନ୍ଦ କରୁଥିଲେ। କରନ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପିଲାଦିନେ ସେ ତାଙ୍କ ଜୀବନରେ ପ୍ରଥମ ଝିଅ ଭାବେ ଟ୍ୱିଙ୍କିଲଙ୍କ ପ୍ରେମରେ ପଡ଼ିଥିଲେ। ଥରେ ଟ୍ୱିଙ୍କିଲ କରନ ହୃଦୟ ମଧ୍ୟ ଭାଙ୍ଗିଥିଲେ। କରନଙ୍କ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'କୁଛ୍ କୁଛ୍ ହୋତା ହୈ'ରେ ସେ ଟିନା ଚରିତ୍ରରେ ଟ୍ୱିଙ୍କିଲଙ୍କୁ ନେବାକୁ ଚାହିଁଥିଲେ। କିନ୍ତୁ ଟ୍ୱିଙ୍କିଲ ଏହି ରୋଲ ପାଇଁ ରାଜି ହୋଇ ନ ଥିଲେ। ଏଥିଯୋଗୁ କରନ ଦୁଃଖିତ ହୋଇଥିଲେ। ପରେ ତାଙ୍କ ସ୍ଥାନରେ ରାଣୀ ମୁଖାର୍ଜୀ 'ଟିନା' ଚରିତ୍ରରେ ଅଭିନୟ କରିଥିଲେ। ୨୦୧୭ରେ ପ୍ରକାଶିତ ଆତ୍ମଜୀବନୀରେ କରନ ଲେଖିଥିଲେ ଯେ, ତାଙ୍କ ଜେଣ୍ଡର ବାବଦରେ ସମସ୍ତଙ୍କୁ ଜଣା। ଏହାକୁ ଚିତ୍କାର କରି କହିବା କିଛି ଆବଶ୍ୟକ ନାହିଁ।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# ୨ ତରଭୁଜ ୧୮ ଲକ୍ଷରେ ନିଲାମ



**ଟୋକିଓ:** ଜାପାନର ଏକ ହୋକାଇଡୋ ଦ୍ୱୀପର ଏକ ହାଟରେ ୨ଟି ୟୁବାରୀ ତରଭୁଜ ସୋମବାର ୨.୭ ମିଲିୟନ ୟେନ(ପ୍ରାୟ ୧୮ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରଥମ ସିଜନରେ ଏହି ତରଭୁଜର ଦାମ ୨୨ ଗୁଣା ବଢ଼ିଛି। କ୍ୟାଣ୍ଟାଲୁପ୍ ପରି ଦେଖା ଯାଉଥିବା ଏହି ତରଭୁଜ ନିଜ ସ୍ୱାଦ ଏବଂ କ୍ୱାଲିଟି ପାଇଁ ପ୍ରସିଦ୍ଧ। ଏହି ଫଳ ହୋକାଇଡୋରେ ଭୀଷଣ ଥଣ୍ଡା ଜଳବାୟୁରେ ଚାଷ କରାଯାଇଥାଏ। ତଳଭୁଜ ପାଇଁ ଏହି ଅଞ୍ଚଳ ବେଶ ଜଣାଶୁଣା। ମେ'ରୁ ଚାଷ ଆରମ୍ଭ ହେଉଥିବା ୟୁବାରୀ ତରଭୁଜକୁ ଅଗଷ୍ଟ ମାସରେ ଅମଳ କରାଯାଏ। ସାଧାରଣ ଭାବେ ଏପରି ତରଭୁଜ କିଛି ହଜାର ୟେନରେ ବିକ୍ରି ହେଉଥିଲେ ବି ତାହା ମଧ୍ୟ ବେଶ୍ ଅଧିକ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦେବେନ୍ଦ୍ର ନାରାୟଣ ଚୌଧୁରୀ
ବାଲୁବଜାର, କଟକ
ଶୋକସନ୍ତପ୍ତ
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୭୭୯୪

ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



୰ ଇଂ. ରଜନୀକାନ୍ତ ମହାପାତ୍ର
ପ୍ଲଟ୍ ନଂ.-୫, ଶକ୍ତି ନଗର, କଟକ
ତିରୋଧାନ:୦୯।୦୫।୨୦୦୯ (ବୈଶାଖ ପୂର୍ଣ୍ଣିମା)
ଚାହୁଁ ଚାହୁଁ ୧୨ବର୍ଷ ବିତିଗଲା। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଆଦର୍ଶ, ଭଲପାଇବା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ବନ୍ଧୁପରିବାର ଓ ଆତ୍ମୀୟସ୍ୱଜନ
ଧ-୨୦୭୭୭

ଏକାଦଶାହ ଉପଲକ୍ଷେ



୰ସୁକାନ୍ତ କୁମାର ମଲ୍ଲିକ
ଭିରୁଡ଼ା, ତଳଗଡ଼, ତିଗିରିଆ, କଟକ
ଜନ୍ମ: ୦୬।୦୭।୧୯୫୭
ତିରୋଧାନ: ୧୬।୦୫।୨୦୨୧
ଆଜି ଏକାଦଶାହ ଉପଲକ୍ଷେ ତୁମର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୦୭୫୧

ଏକାଦଶାହ ଉପଲକ୍ଷେ



୰ସଞ୍ଜୟ କୁମାର ଦାସ
ଆବିର୍ଭାବ: ୦୧।୦୧।୧୯୬୮
ତିରୋଧାନ: ୧୬।୦୫।୨୦୨୧
ଅସମୟରେ ପରିବାରକୁ ଛାଡ଼ି ଚାଲିଯିବ ବୋଲି ଆମେ ଭାବିନଥିଲୁ। ଆପଣଙ୍କର ଶୂନ୍ୟସ୍ଥାନରେ ଆମ୍ଭେମାନେ ମର୍ମାହତ। ତଥାପି ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ପତ୍ନୀ: ଦିପ୍ତାଙ୍ଗିନି ଦାସ, ପୁତ୍ର: ସଞ୍ଜିତ୍ ଦାସ ଓ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୦୯୨୫

## ପିଆଜ ଶଣ୍ଢାର ଯତ୍ନ



**ଶ**ଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ। ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟି ଦିଅନ୍ତୁ। ପିଆଜରେ ଆଞ୍ଚୁଡା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସ୍ପ୍ରେ କରନ୍ତୁ। ଏବେ ପିଆଜରେ ପତ୍ରପୋଡା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ଲାଗି ଏକର ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ମାଣ୍ଡିଆରେ ସାର ପ୍ରୟୋଗ



**ମା**ଣ୍ଡିଆ ତଳି ତିନି ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ବିଳମ୍ବ ଆଳୁ ଅମଳ...



**ଆ**ଗରୁ ଲଗାଯାଇଥିବା ବିଳମ୍ବ କିସମର ଆଳୁ ଅମଳ କରନ୍ତୁ। ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା, କଟା ଆଳୁସବୁ ବାଛି ଭଲ ଆଳୁ ରଖନ୍ତୁ। ସେଥିରୁ ୨୫-୩୦ ଗ୍ରାମ୍ ଓଜନର ଆଳୁ ସବୁ ବାଛି ପାଣିରେ ଧୋଇଦିଅନ୍ତୁ। ପରେ ପ୍ରତି ଲିଟର ପାଣିରେ ୩୦ ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁଗୁଡିକୁ ୩୦ ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖା ବସ୍ତାରେ ଭର୍ତ୍ତି କରି ଶୀତଳ ଭଣ୍ଡାରରେ ୪ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖନ୍ତୁ।

## ବାଟ ଦେଖାଇଛି ମିଶ୍ରିତ ଚାଷ

**ଇ**ଚ୍ଛା ଥିଲେ ଆଗ୍ରହ ଆପେ ଆପେ ଆସେ। ଆଉ ନିଜର ସୁଚିନ୍ତିତ ଯୋଜନା ବଳରେ ଜଣେ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାଏ। ଠିକ୍ ସେହିପରି ଚାଷକୁ ପେସା ଭାବରେ ଗ୍ରହଣ କରି ସ୍ଥାନୀୟ ଅଞ୍ଚଳରେ ପ୍ରେରଣାର ଉତ୍ସ ସାଜିଛନ୍ତି ଯୁବ ଚାଷୀ ମନୋରଞ୍ଜନ ବେହେରା। ମିଶ୍ରିତ ଚାଷକରି ପୂର୍ବରୁ ବାର୍ଷିକ ପ୍ରାୟ ୪ଲକ୍ଷ ଟଙ୍କା ଆୟ ହେଉଥିବା ବେଳେ ଛତୁ ଚାଷ ପରେ ତାଙ୍କର ଆୟ ୬ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା କହନ୍ତି ସେ। ଭଦ୍ରକ ଜିଲା ତିହିଡି ବ୍ଲକ ଅଧୀନ ଝିଙ୍କିରିଆ ଅଞ୍ଚଳରେ ତାଙ୍କର ଜନ୍ମ। ନିଜର ୧୬ଏକର ଜମି ମଧ୍ୟରୁ ସେ ୧୩ଏକର ଜମିରେ ଧାନ ଚାଷ କରନ୍ତି। ଅବଶିଷ୍ଟ ଏକ ଏକର ଜମିରେ ମାଛ ଚାଷ ଓ ଦୁଇ ଏକର ଜମିରେ କୋବି, କ୍ୟାପ୍‌ସିକମ, ଟମାଟୋ, ପୋଟଳ, କାଙ୍କଡ, ଭେଣ୍ଡି, କଲରା, କାକୁଡି, ଛତୁ ଇତ୍ୟାଦି ଚାଷ କରିଛନ୍ତି। ନିଜ ଯୋଜନା ସମ୍ପର୍କରେ ସେ କହନ୍ତି, ''ପରିବା କ୍ଷେତକୁ ଘାସ ଦାଉରୁ ରକ୍ଷା କରିବା ପାଇଁ ପଲିଥିନ ପକାଇ ମଲଚିଙ୍ଗ



ସଫଳ ଚାଷୀ
ମନୋରଞ୍ଜନ ବେହେରା

ପଦ୍ଧତି ଆପଣେଇଛି। ପରିବା ଓ ମାଛ ଚାଷରେ ଖତର ଆବଶ୍ୟକତା ପାଇଁ ସେ ୧୪ଟି ଗାଈ ମଧ୍ୟ ରଖିଛି। ଗାଈ ଗୋବରରୁ ଗ୍ୟାସ୍ ପ୍ରସ୍ତୁତି କରିବା ସହ ଗୋବରଗ୍ୟାସ୍ ପ୍ଲାଣ୍ଟରୁ ବାହାରୁଥିବା ଗୋବରରୁ ଜିଆଖତ ପ୍ରସ୍ତୁତ ହେଉଛି। ବର୍ତ୍ତମାନ ପ୍ରବଳ ଗରମ ପାଇଁ ପରିବା ଅଧିକ ଅମଳ ହେଉନାହିଁ। ଶୀତଦିନେ ଦୈନିକ ୨୫ ରୁ ୩୦କିଲୋ ଛତୁ ଆମଦାନୀ ହେଉଥିବା ବେଳେ ବର୍ତ୍ତମାନ ୧୫ ରୁ ୨୦କିଲୋ ଛତୁ ଆମଦାନୀ ହେଉଛି।'' ପତ୍ନୀ ସୁନୀତା ଓ ସାନଭାଇ ଚିତ୍ତରଞ୍ଜନ ମଧ୍ୟ ତାଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରନ୍ତି। ଗରମ ପାଇଁ ସେ ଏବେ ଛତୁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତିନି ଶହ ବେଡ୍ ପାଇଁ ସେ ଏକ ଶେଡ ନିର୍ମାଣ କରିଛନ୍ତି। ତିହିଡି ବ୍ଲକର ପୂର୍ବତନ ଉଦ୍ୟାନ ବିଭାଗ କର୍ମଚାରୀ ସୁବାସ ନାୟକଙ୍କ ସମେତ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହଯୋଗ ତାଙ୍କୁ ସଫଳତା ଦେଇଥିବା କହନ୍ତି ମନୋରଞ୍ଜନ। ଜଣେ ସଫଳ ଚାଷୀ ରୂପେ ତାଙ୍କୁ ବିଭିନ୍ନ ସ୍ତରରେ ସମ୍ମାନିତ କରାଯିବା ସହିତ ଚଳିତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ 'କୃଷି ଓଡିଶା'ରେ ଜଣେ ସଫଳ ଯୁବଚାଷୀ ରୂପେ ତାଙ୍କୁ 'ରାଜ୍ୟ ସ୍ତରୀୟ କୃଷି କୃଷକ' ସମ୍ମାନ ପ୍ରଦାନ କରାଯାଇଛି।

ମନୋରଞ୍ଜନ କହନ୍ତି, ''ଜୀବନରେ ସେ ସବୁ କିଛି ସୂଚାରୁ ରୂପେ କରିଛନ୍ତି। ଜଣେ ଭଲ ଛାତ୍ର ରୂପେ ପାଠ ପଢିବା ସହିତ ବିଭିନ୍ନ କ୍ଷେତ୍ରରେ ତାଙ୍କର ଆଗ୍ରହ ଓ ପାରଦର୍ଶିତା ରହିଛି। ଗତ ୨୦୧୨ରେ ଚରମ୍ପା କଲେଜରେ ଯୁକ୍ତଦୁଇ ବିଜ୍ଞାନରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ମୁଁ ରହିଥିଲି। ପରେ କେନ୍ଦ୍ରାପଡା ହର୍ଟିକଲଚର ବିଭାଗରେ ମୋତେ ନିଯୁକ୍ତି ମିଳିଥିଲା। କିନ୍ତୁ ପରେ ଚାକିରି ଛାଡି ଗାଁକୁ ଫେରିଆସି ଚାଷକାମରେ ମନ ଦେଇଥିଲି।'' ଏହା ବ୍ୟତୀତ ସେ ଟିଉସନକୁ ମଧ୍ୟ ଆପଣେଇଛନ୍ତି। ଓଡ଼ିଶାର ବିଶିଷ୍ଟ କଳାକାର ମାନଙ୍କ ସହିତ ମନୋରଞ୍ଜନଙ୍କର କେତୋଟି ଆଲବମ ମଧ୍ୟ ପ୍ରକାଶ ପାଇଛି।

*-ସନ୍ତୋଷ କୁମାର ନାୟକ*
*-ଦୁର୍ଗା ପ୍ରସନ୍ନ ନାୟକ*

## ପ୍ରାଣୀ ପାଳନ ପାଇଁ ଘାସଚାଷ





ଡା. ବୀରକିଶୋର ପରିଡ଼ା

**କା**ଥାରେ ଅଛି ଗାଈ ମୁହଁରେ ଦେଲେ ଘାସ କ୍ଷୀର ଦୁହିଁବ ବାରମାସ। ତୃଣଜାତୀୟ ଖାଦ୍ୟ ବା ଘାସ ଗାଈ ଜାତୀୟ ପଶୁମାନଙ୍କର ପ୍ରଥମ ତଥା ପ୍ରଧାନ ଖାଦ୍ୟ। ଉନ୍ନତ ପ୍ରଣାଳୀର ଘାସ ଚାଷ ଗୋପାଳନ ପାଇଁ ବିଶେଷ ଭାବେ ଲାଭାନ୍ୱିତ କରିଥାଏ। କାରଣ ଏଥିରେ ପ୍ରାଣୀଙ୍କ ଶରୀର ପାଇଁ ଦରକାର କରୁଥିବା ଶ୍ୱେତସାର, ପୁଷ୍ଟିସାର, ଭିଟାମିନ-କ, ଧାତବ ଲବଣ ଇତ୍ୟାଦି ଭରପୂର ଥିବାରୁ ଦୁଗ୍ଧ ଉତ୍ପନ୍ନ ପାଇଁ ଓ ଗାଈମାନଙ୍କର ସ୍ୱାସ୍ଥ୍ୟ ଲାଗି ଏହା ଅତ୍ୟନ୍ତ ଲାଭପ୍ରଦ। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଗୋରୁ ଚରିବା ପାଇଁ ଚାରଣ ଭୂମିର ଅଭାବ ସହିତ ଲୋକସଂଖ୍ୟା ବୃଦ୍ଧି ଯୋଗୁ ପ୍ରାଣୀ ପାଳନ ପାଇଁ ଘାସ ଚାଷର ଆବଶ୍ୟକତା ରହିଛି।

ଘାସ ସାଧାରଣତଃ ଦୁଇପ୍ରକାର- ସବୁଦିନିଆ ଘାସ ଓ ଋତୁକାଳୀନ ଘାସ। ଯେଉଁ ଘାସକୁ ଥରେ ଚାଷ କଲେ ବର୍ଷ ବର୍ଷ ଧରି ଅମଳ ହୁଏ ତାହାକୁ ସବୁଦିନିଆ ଘାସ ବୋଲି କୁହାଯାଏ। ଯଥା- ସଙ୍କର ହାତିଆ, ଗିନି, ପାରା, କଙ୍ଗୋସିଗ୍ନାଲ, ହ୍ୟୁମିଡ଼ିକୋଲା ଓ ଷ୍ଟାଇଲୋ ଇତ୍ୟାଦି ଅନ୍ୟତମ। ଏହାକୁ ଚାଷ କରିବା ପାଇଁ ଜମିକୁ ତିନିଓଡ଼ ଗୁଣ୍ଡହଳ କରାଯାଇ ଏକର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ, ୧୦୦ କିଲୋଗ୍ରାମ ସିଙ୍ଗଲ୍ ସୁପର ଫସ୍‌ଫେଟ କିମ୍ବା ୪୦ କିଲୋଗ୍ରାମ ଡିଏପି ଏବଂ ୨୦ କିଲୋଗ୍ରାମ ପଟାସ୍ ସାର ଦେଇ ଜମିକୁ ପ୍ରସ୍ତୁତ କରାଯାଇଥାଏ। ସଙ୍କର ହାତିଆ, ଗିନି, ପାରା ଘାସର କାଣ୍ଡ କିମ୍ବା ମୂଳକୁ ରୋପଣ କରାଯାଇଥାଏ। ସଙ୍କର ହାତିଆ, ଗିନି, କଙ୍ଗୋସିଗନାଲ ଦୋରସା ନିଗିଡ଼ା ଜମିରେ ଚାଷ ହେବାବେଳେ ପାରା ଓ ହ୍ୟୁମିଡ଼ିକୋଲା ସନ୍ତସନ୍ତିଆ ଜମିରେ ଚାଷ କରାଯାଇଥାଏ। ଘାସ ଗଛ ଲଗେଇବାର ୨୧ ଦିନ ପରେ ଏବଂ କଟା ହେବାର ଠିକ୍ ପରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ। ୬୦ ଦିନରେ ପ୍ରଥମ ଅମଳ ତତ୍‌ପରେ ୪୫ ଦିନରୁ ୬୦ ଦିନ ଅନ୍ତରରେ ୩ ବର୍ଷ ପର୍ଯ୍ୟନ୍ତ ଅମଳ ମିଳିଥାଏ। କିନ୍ତୁ ସବୁଦିନିଆ ଘାସ ଷ୍ଟାଇଲୋର ମଞ୍ଜି ବୁଣି ଗଛ କରାଯାଏ। ସଙ୍କରହାତିଆ ଘାସ ଏକର ପ୍ରତି ୫ ହଜାର କାଣ୍ଡ ବା ମୂଳ ଆବଶ୍ୟକ କରେ ଓ ଏଥିରୁ ୫୦୦ରୁ ୬୦୦ କୁଇଣ୍ଟାଲ ଅମଳ ମିଳିଥାଏ। ଉନ୍ନତକିସମର ସଙ୍କରହାତିଆ ଘାସ ହେଲା- କୋଏମ୍ବାଟୁର-୩, କୋଏମ୍ବାଟୁର-୪, ଏନ୍‌ବି-୨୧, ବିଏନ୍‌ଏଚ୍-୧୦ ଇତ୍ୟାଦି। ଏହାକୁ ଲଗାଇବା ପାଇଁ ଧାଡ଼ିକୁ ଧାଡ଼ି ୩ ଫୁଟ ଏବଂ ଗଛକୁ ଗଛ ଅଢ଼େଇ ଫୁଟ ବ୍ୟବଧାନ ଦରକାର କରିଥାଏ। ଗିନି ପାଇଁ ଏକର ପ୍ରତି ୪ ହଜାର କାଣ୍ଡ ବା ମୂଳ ଆବଶ୍ୟକ। ଏକର ପିଛା ୪୦୦/୫୦୦ କୁଇଣ୍ଟାଲ



ଅମଳ ମିଳିଥାଏ। ଗିନି ଚାଷ ପାଇଁ ଧାଡ଼ିକୁ ଧାଡ଼ି ୨ ୧/୨ ଫୁଟ ଗଛକୁ ଗଛ ଦୁଇଫୁଟ ବ୍ୟବଧାନ ରହିବା ଦରକାର। କଙ୍ଗୋସିଗ୍‌ନାଲ- ଏହାକୁ ଲଗାଇବା ପାଇଁ ୧୫,୦୦୦ କାଣ୍ଡ ବା ମୂଳ ଦରକାର କରିଥାଏ ଏକର ପିଛା ଓ ଆମଦାନୀ ୩୦୦ରୁ ୪୦୦ କୁଇଣ୍ଟାଲ ହୋଇଥାଏ। ଏହାକୁ ଲଗାଇବା ପାଇଁ ଧାଡ଼ିକୁ ଧାଡ଼ି ୨ ଫୁଟ ଏବଂ ଗଛକୁ ଗଛ ୨ ଫୁଟ ବ୍ୟବଧାନ

> **ବର୍ତ୍ତମାନ ସମୟରେ ଗୋରୁ ଚରିବା ପାଇଁ ଚାରଣ ଭୂମିର ଅଭାବ ସହିତ ଲୋକସଂଖ୍ୟା ବୃଦ୍ଧି ଯୋଗୁ ପ୍ରାଣୀ ପାଳନ ପାଇଁ ଘାସ ଚାଷର ଆବଶ୍ୟକତା ରହିଛି..**

ରହିବା ଉଚିତ। ପାରା ଏକର ପିଛା ୧୦ ହଜାର କାଣ୍ଡ ବା ମୂଳ ଆବଶ୍ୟକ କରେ ଏବଂ ୩୦୦ରୁ ୪୦୦ କୁଇଣ୍ଟାଲ ଅମଳ ଦିଏ। ଏହାକୁ ଲଗେଇବା ପାଇଁ ଜମିକୁ କାଦୁଅ କରି ପୋତାଯାଇଥାଏ। ହ୍ୟୁମିଡ଼ିକୋଲା ଚାଷ କରିବା ପାଇଁ ୧୨ ହଜାର କାଣ୍ଡ ବା ମୂଳ ଆବଶ୍ୟକ ଏକର ପିଛା ଓ ଅମଳ ୩ ଶହରୁ ୪ ଶହ କୁଇଣ୍ଟାଲ ଦେଇଥାଏ। ଏହାକୁ କାଦୁଅ କରି ପୋତିବାକୁ ପଡ଼ିଥାଏ। ଏସବୁ ଛଡ଼ା ଷ୍ଟାଇଲୋ ଚାଷରେ ଛଟାବୁଣା କରି ଛାଡ଼ିଦିଅନ୍ତି। ଏକର ପିଛା ମଞ୍ଜି ୪ କିଲୋଗ୍ରାମ ଦରକାର ହୁଏ ଏବଂ ଅମଳ ୨୦୦ରୁ ୨୫୦ କୁଇଣ୍ଟାଲ ମିଳିଥାଏ। ଭଲ କିସମ ଷ୍ଟାଇଲୋର ହେଲା- ସ୍କାବ୍ରା ଓ ହାମାଟା।

ଋତୁକାଳୀନ ଘାସ ଚାଷ କହିଲେ ଋତୁ ଅନୁସାରେ ବର୍ଷର ବିଭିନ୍ନ ସମୟରେ ଚାଷ ହେଉଥିବା ଘାସକୁ କୁହାଯାଏ। ଜୁଆର, ମକା, ବାଜରା, ବରଗୁଡ଼ି, ଗୁଆଁର ଓ ଡ଼ଙ୍ଗରରାଣୀ ଇତ୍ୟାଦି ବର୍ଷାଦିନେ ଚାଷ କରାଯାଉଥିବା ବେଳେ ବର୍ଷିମ ଲୁସନ, ଯବଧାନ, ଚାଇନା ସୋରିଷ ଇତ୍ୟାଦି ଶୀତଦିନେ ଚାଷ କରାଯାଇଥାଏ। ବର୍ଷାଦିନେ ଯାହା ଚାଷ ହେଉଛି ଯଦି ଜଳସେଚନର ସୁବିଧା ଥାଏ ତେବେ ସେଗୁଡ଼ିକ ଖରାଦିନେ ବି ଚାଷ ହୋଇପାରିବ। ଅନ୍ୟ ଚାଷ ପରି ୩ ଓଡ଼ ଚାଷ କରି ଏକର ପିଛା ୧୦ ଶଗଡ଼ ଶଢ଼ା ଗୋବରଖତ ଦେଇ ୬୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ କିମ୍ବା ୩୦ କିଲୋଗ୍ରାମ ଡିଏପି ସାର ଏବଂ ୧୫ କିଲୋଗ୍ରାମ ପଟାସ ସାର ଦେଇ ଜମି ପ୍ରସ୍ତୁତ କରିବାକୁ ପଡ଼ିଥାଏ। ସମସ୍ତ ଫସଲ ବୁଣିବାର ୨ରୁ ୩ ସପ୍ତାହ ପରେ ୨୦ରୁ ୩୦ କିଲୋଗ୍ରାମ ଇୟୁରିଆ ସାର ଏକର ପ୍ରତି ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ। ମକା ପାଇଁ ଏକର ପିଛା ୧୫ କିଲୋଗ୍ରାମ ମଞ୍ଜି ଏବଂ ଅମଳ ୧୦୦ରୁ ଦେଢ଼ଶହ କୁଇଣ୍ଟାଲ ମିଳିଥାଏ। ଉନ୍ନତ ମକା କିସମଗୁଡ଼ିକ ଯଥା- ଆଫ୍ରିକାନ୍ ଟଲ, ଜେ ୧୦୦୦-ଏ ଇତ୍ୟାଦି ରହିଛି ଏବଂ ଛଟା ବୁଣା କରିବେ। ତା'ଛଡ଼ା ମକାରେ ଯେତେବେଳେ ଚଅଁର ବାହାରେ ଓ କ୍ଷୀର ଢ଼ୋକିବା ମଧ୍ୟରେ ଅମଳ କରାଯିବା ଦରକାର। ଜୁଆର ମଧ୍ୟରେ ମଞ୍ଜି ଛଟା ବୁଣା ହୁଏ, ଏକର ପିଛା ୧୫ କିଲୋ ମଞ୍ଜି ଏବଂ ଅମଳ ଶହେରୁ ଦେଢ଼ଶହ କୁଇଣ୍ଟାଲ ଦେଇଥାଏ। ଉନ୍ନତ କିସମ ମାନ ହେଲା-ପିସି-୬, ପିସି-୯ ଇତ୍ୟାଦି ଓ କେଣ୍ଡା ବାହାରିଲେ ଅମଳ ଉପଯୋଗୀ ହୋଇଥାଏ। ବାଜରା ପାଇଁ ଏକର ପିଛା ୪ କିଲୋଗ୍ରାମ ମଞ୍ଜି ୧୦୦ରୁ ୧୫୦ କୁଇଣ୍ଟାଲ ଅମଳ ମିଳେ। ଏହାର ଭଲ କିସମ ହେଲା- ଜ୍ୟାଣ୍ଟ ବାଜରା, ରାଜ୍‌ବାଜରା ଚାରି ଦୁଇ ବୁଣିବା ପ୍ରଣାଳୀ ହେଲା ଛଟାବୁଣା କିମ୍ବା ଧାଡ଼ିବୁଣା, କେଣ୍ଡା ବାହାରିଲେ ଅମଳ କରାଯିବା ଦରକାର। ବରଗୁଡ଼ି ଏକର ପିଛା ୧୫ କିଲୋଗ୍ରାମ ମଞ୍ଜି ଓ ୬୦ରୁ ୮୦ କୁଇଣ୍ଟାଲ ଅମଳ ଦେଇଥାଏ। ଭଲ ବରଗୁଡ଼ି କିସମ ହେଲା ଯଥା- ଦଲ୍‌ଲୋପିଆ-୧, ବୁଲେଲଲୋପିଆ-୨, ଇସି-୪୨୧୬ ରୁଷିୟାନ ଜ୍ୟାଣ୍ଟ ଇତ୍ୟାଦି। ବରଗୁଡ଼ି ଛଟାବୁଣା କରାଯାଏ। ଫୁଲ ଫୁଟି ଛୁଇଁ ବାହାରିଲେ ଅମଳ କରାଯାଏ। (କ୍ରମଶଃ..)



*-ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର*
*ମୋ: ୯୪୩୭୬୦୭୩୧୨*

## ରଜନୀଗନ୍ଧାର ଉନ୍ନତ କିସମ

**ର**ଜନୀଗନ୍ଧା ଏବେ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନି (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସଫରସ ଓ ୮୦କି.ଗ୍ରା. ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା



ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

## ଚାଷୀଙ୍କ ଲାଗି...

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭ୍ୟାକ୍ସିନ୍ ଓ ଛେଳିଙ୍କ ପିପିଆର ରୋଗ ଲାଗି ପିପିଆର ରୋଗ ପ୍ରତିଷେଧକ



ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

## ନଳିତା ଶଢ଼ାଇବା ସମୟରେ...

**ନ**ଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ଲାଗି ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡାଗୁଡିକୁ ୬୦ସେ.ମି. ପାଣିଥିବା ସ୍ଥାନରେ ୨-୩ଦିନ ଠିଆ କରି ରଖାଯିବା ଆବଶ୍ୟକ । ତା'ପରେ



ଗଛର ମୂଳ ଅଂଶକୁ ସାମାନ୍ୟ ବାଡେଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡାଇ ରଖାଯିବା ପରେ ବିଡାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡାଇ ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ମେ ୨୬/୨୦୨୧ Balasore, Wednesday, May 26/ 2021

# ଆଇପିଏଲ୍ ଅବଶିଷ୍ଟାଂଶରେ ୧୦ ଡବଲ ହେଡର

■ ୩ ସପ୍ତାହରେ ଶେଷ ହେବ ପ୍ରତିଯୋଗିତା

■ ସେପ୍ଟେମ୍ବର ୧୮ କିମ୍ବା ୧୯ରେ ୟୁଏଇରେ ଆରମ୍ଭ ହେବା ସମ୍ଭାବନା

■ ଫାଇନାଲ ଅକ୍ଟୋବର ୯ କିମ୍ବା ୧୦ରେ

■ ୟୁକେ ଓ କାରିବିୟନ ଦେଶରୁ ଆସି ଖେଳାଳିମାନେ ଦୁବାଇରେ ୩ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ।



■ ବାୟୋ-ବବ୍‌ଲରୁ ବାୟୋ-ବବ୍‌ଲକୁ ଟ୍ରାନ୍ସଫର ଭିତ୍ତିରେ ଖେଳାଳିମାନେ ୟୁଏଇରେ ପହଞ୍ଚିବେ।

■ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ରହିବାକୁ ଫ୍ରାଞ୍ଚାଇଜ୍‌ମାନଙ୍କୁ ବିସିସିଆଇର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୫।୫(ପି.ଟି.)**

ସ୍ଥଗିତ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ଅବଶିଷ୍ଟାଂଶ ସେପ୍ଟେମ୍ବର ୧୮ କିମ୍ବା ୧୯ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବା ସମ୍ଭାବନା ରହିଛି। ୩ ସପ୍ତାହରେ ଏହା ଶେଷ ହେବ ଏବଂ ଏଥିରେ ୧୦ ଡବଲ ହେଡର(ଦିନକୁ ୨ଟି ଲେଖାଏ ମ୍ୟାଚ) ରହିବା ସମ୍ଭାବନା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ କହିଛନ୍ତି। ସ୍ଥଗିତ ରହିଥିବା ଆଇପିଏଲ୍‌ର ଅବଶିଷ୍ଟ ୩୧ଟି ମ୍ୟାଚ ଶେଷ ହେବା ପାଇଁ ୩ ସପ୍ତାହ ପର୍ଯ୍ୟାପ୍ତ ହେବ ଏବଂ ଫାଇନାଲ ସମ୍ଭବତଃ ଅକ୍ଟୋବର ୯ କିମ୍ବା ୧୦ରେ ଅନୁଷ୍ଠିତ ହେବ। ବିସିସିଆଇ, ସମସ୍ତ ଅଂଶୀଦାର, ଫ୍ରାଞ୍ଚାଇଜ୍ ଏବଂ ବ୍ରଡ୍‌କାଷ୍ଟରଙ୍କ ମଧ୍ୟରେ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବାୟୋ-ବବ୍‌ଲ ମଧ୍ୟରେ ଏକାଧିକ ଖେଳାଳି କରୋନାରେ ଆକ୍ରାନ୍ତ ହେବାରୁ ଆଇପିଏଲ୍-୧୪କୁ ମେ' ୪ରେ ସ୍ଥଗିତ ରଖାଯାଇଥିଲା।

ବିସିସିଆଇ ସମସ୍ତ ଅଂଶୀଦାରଙ୍କ ସହ କଥା ହେବା ପରେ ଆଇପିଏଲ୍ ସେପ୍ଟେମ୍ବର ୧୮ରୁ ୨୦ ମଧ୍ୟରେ ଆରମ୍ଭ ହେବା ସମ୍ଭାବନା ରହିଛି। ସେପ୍ଟେମ୍ବର ୧୮ ଶନିବାର ଏବଂ ୧୯ ରବିବାର ପଡୁଥିବାରୁ ସପ୍ତାହାନ୍ତ ଦିବସଭାବେ ଏହି ଦୁଇଦିନରୁ ଗୋଟିଏ ଦିନରେ ଏହା ପୁଣି ଆରମ୍ଭ ହେବା ସମ୍ଭାବନା ଅଧିକ ବୋଲି ଉକ୍ତ ଅଫିସିଆଲ କହିଛନ୍ତି। ସେହିପରି ସପ୍ତାହାନ୍ତ ଯୋଗୁ ଅକ୍ଟୋବର ୯ କିମ୍ବା ୧୦ରେ ଫାଇନାଲ ହୋଇପାରେ। କାର୍ଯ୍ୟସୂଚୀ ଆପାତତଃ ଚୂଡ଼ାନ୍ତ ହୋଇଛି। ଏଥିରେ ୧୦ଟି ଡବଲ ହେଡର ଏବଂ ୭ଟି ସନ୍ଧ୍ୟା ସମୟ ମ୍ୟାଚ ରହିବ। ୨ କ୍ୱାଲିଫାୟର, ୧ ଏଲିମିନେଟର ଏବଂ ୧ ଫାଇନାଲକୁ ମିଶାଇ ୩୧ ମ୍ୟାଚ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଭାରତର ଇଂଲଣ୍ଡ ବିପକ୍ଷ ଶେଷ ଟେଷ୍ଟ ମ୍ୟାଚ ସେପ୍ଟେମ୍ବର ୧୪ରେ ମାଞ୍ଚେଷ୍ଟରଠାରେ ଶେଷ ହେବ। ଏହାର ପରଦିନ ହନୁମା ବିହାରୀ ଓ ଅଭିମନ୍ୟୁ ଈଶ୍ୱରନଙ୍କୁ ବାଦ୍‌ଦେଇ ଅନ୍ୟ ସମସ୍ତ ଖେଳାଳି ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ବାୟୋ-ବବ୍‌ଲରୁ ବାୟୋ-ବବ୍‌ଲକୁ ଟ୍ରାନ୍ସଫର ଭିତ୍ତିରେ ୟୁଏଇରେ ପହଞ୍ଚିବେ। ଭାରତୀୟ ଖେଳାଳିଙ୍କ ସହ ଉପଲବ୍ଧ ଇଂଲଣ୍ଡ ଖେଳାଳିମାନେ ମଧ୍ୟ ସେହି ଚାର୍ଟାର୍ଡ ବିମାନରେ ମାଞ୍ଚେଷ୍ଟରରୁ ଦୁବାଇ ଯିବେ। ସେହିପରି ୱେଷ୍ଟଇଣ୍ଡିଜ ଖେଳାଳିମାନେ କାରିବିୟନ ଲିଗ୍ ଖେଳିବା ପରେ ଦୁବାଇରେ ପହଞ୍ଚିବେ। ୟୁକେ ଓ କାରିବିୟନ ଦେଶରୁ ଆସି ଖେଳାଳିମାନେ ଦୁବାଇରେ ୩ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ।

ଏ ସମ୍ପର୍କରେ ଏକ ଫ୍ରାଞ୍ଚାଇଜ୍ ଅଫିସିଆଲ ମଧ୍ୟ ସ୍ପଷ୍ଟ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ରହିବାକୁ ବିସିସିଆଇ ପକ୍ଷରୁ ଆମକୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୧୫ରୁ ୨୦ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ସ୍ଥିର କରାଯାଇଥିବା କୁହାଯାଇଛି ବୋଲି ଉକ୍ତ ଅଫିସିଆଲ କହିଛନ୍ତି।

### ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ ସ୍ଥାନାନ୍ତର ହୋଇପାରେ

ଭାରତର ଘରୋଇ ସେସନ ଏବଂ ନଭେମ୍ବରରେ ହେବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସ୍ଥାନାନ୍ତର ହୋଇପାରେ। ଟି୨୦ ବିଶ୍ୱକପ କେବେ ସରିବ ତା' ଉପରେ ଅନେକ କିଛି ନିର୍ଭର କରିବ। ଭାରତ ବର୍ତ୍ତମାନ ସୁଦ୍ଧା ଆୟୋଜନ ଅଧିକାର କାହାକୁ ହସ୍ତାନ୍ତର କରିନାହିଁ। ଦେଶରେ କୋଭିଡ୍-୧୯ ସ୍ଥିତି ଉପରେ ନଜର ରଖାଯାଇଛି।

## ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ ବାତିଲ

ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେବାକୁ ସେପ୍ଟେମ୍ବରରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ ହେବାର ଥିଲା। ମାତ୍ର ବିସିସିଆଇ ଏହାକୁ ବାତିଲ କରିଛି। ଏହି ସିରିଜ କୌଣସି ପରିସ୍ଥିତିରେ ହୋଇପାରିବ ନାହିଁ। ଆଇପିଏଲ୍ ପରି ଏକ ହାଇ ପ୍ରୋଫାଇଲ ଲିଗ୍ ଖେଳିବାଠାରୁ ବିଶ୍ୱକପ୍ ପାଇଁ ଆଉ ଭଲ ପ୍ରସ୍ତୁତି କେଉଁଠାରେ ହୋଇପାରିବ ନାହିଁ ବୋଲି ବିବେଚନା କରାଯାଉଛି। ଆଇପିଏଲ୍ ଶେଷ ହେବାର ଏକ ସପ୍ତାହ କିମ୍ବା ୧୦ ଦିନ ପରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ତେଣୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ତାରିଖ ପରେ ଧାର୍ଯ୍ୟ କରାଯିବ। ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କଲାବେଳେ ଅଧିକ ଗେମ୍ ଖେଳିବା ସମ୍ଭାବନା ରହିଛି ବୋଲି ପ୍ରକାଶ କରାଯାଇଛି।

# କ୍ୱାରାଣ୍ଟାଇନ୍‌ରେ ପୁରୁଷ ଓ ମହିଳା କ୍ରିକେଟ ଦଳ

**ମୁମ୍ବାଇ, ୨୫।୫ (ପି.ଟି.)**

ଇଂଲଣ୍ଡ ଗସ୍ତ କରିବା ପୂର୍ବରୁ ଭାରତର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳ ମଙ୍ଗଳବାରଠାରୁ ବାୟୋ-ବବଲରେ ୮ ଦିନିଆ କ୍ୱାରାଣ୍ଟାଇନ୍ ଆରମ୍ଭ କରିଛନ୍ତି। ଅଧିନାୟକ ବିରାଟ କୋହଲି, ତାଙ୍କ ସୀମିତ ଓଭର କ୍ରିକେଟ ଡେପୁଟି ରୋହିତ ଶର୍ମା ଏବଂ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଏଥିରେ ଯୋଗ ଦେଇଛନ୍ତି। ମୁମ୍ବାଇସ୍ଥିତ ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟସ୍ଥ ଗ୍ରାଣ୍ଡ ହାୟାତ୍‌ଠାରେ ୮ ଦିନିଆ କ୍ୱାରାଣ୍ଟାଇନ୍ ଆରମ୍ଭ ହୋଇଛି। ଟିମ୍ ଦୁଇଟି ଜୁନ୍‌ରେ ଇଂଲଣ୍ଡ ଅଭିମୁଖେ ଗସ୍ତ କରିବ ବୋଲି ଆଶା କରାଯାଉଛି। ତେବେ ଏହା ପୂର୍ବରୁ ଦଳର ଖେଳାଳି ଓ ଅଣଖେଳାଳି ସଦସ୍ୟମାନଙ୍କୁ ୩ଥର ଆର୍‌ଟି-ପିସିଆର୍ ଟେଷ୍ଟରେ ନେଗେଟିଭ ହେବାକୁ ପଡ଼ିବ। ପୁରୁଷ ଦଳ ଇଂଲଣ୍ଡ ବିପକ୍ଷରେ ଏକ ପୂର୍ଣ୍ଣାଙ୍ଗ ସିରିଜ ଖେଳିବା ପୂର୍ବରୁ ପ୍ରଥମେ ଜୁନ୍ ୧୮ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବ। ଅନ୍ୟପକ୍ଷରେ ମହିଳା ଦଳ ଆୟୋଜକ ଦେଶ ସହ ଗୋଟିଏ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିବ। ଏହା ଜୁନ୍ ୧୯ରୁ ଆରମ୍ଭ ହେବ। ନିକଟରେ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିବା ରିଦ୍ଧିମାନ ଓ ପ୍ରସିଦ୍ଧ କ୍ରିଷ୍ଣା ୨ ଦିନ ପରେ ବାୟୋ-ବବଲରେ ଯୋଗଦେବେ। ଖେଳାଳିମାନେ ସେମାନଙ୍କ ପରିବାରକୁ ନେଇପାରିବେ କି ନା ସେ ସମ୍ପର୍କରେ ନିଷ୍ପତ୍ତି ହୋଇ ନାହିଁ। ଖୁବ୍‌ଶୀଘ୍ର ଅନୁମତି ମିଳିବା ନେଇ ବିସିସିଆଇ ଆଶାବାଦୀ ଅଛି।

# ବାଂଲାଦେଶ ସିରିଜ ବିଜୟୀ

**ଢାକା, ୨୫।୫**

ମୁଶ୍‌ଫିକର ରହିମଙ୍କ ଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ବାଂଲାଦେଶ ମଙ୍ଗଳବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୧୦୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୮.୧ ଓଭରରେ ୨୪୬ ରନ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଶ୍ରୀଲଙ୍କା ୩୮ ଓଭରରେ ୯ ଉଇକେଟ ହରାଇ୧୨୬ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ଛାଡ଼ିବା ପରେ ଡକଓ୍ୱାର୍ଥ-ଲୁଇସ ପଦ୍ଧତି ଅବଲମ୍ବନ କରାଯାଇଥିଲା। ୪୦ ଓଭରରେ ୨୪୫ ରନ ଟାର୍ଗେଟ ଦିଆଯାଇଥିବାବେଳେ ଶ୍ରୀଲଙ୍କା ୯ ଉଇକେଟରେ ୧୪୧ ରନ କରି ପାରିଥିଲା। ଫଳରେ ବାଂଲାଦେଶ ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୨ଟି ଦିନିକିଆ ଜିତି ସିରିଜ ବିଜୟୀ ହୋଇଛି।

### ରହିମଙ୍କ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ରହିମଙ୍କ ଶତକ ସତ୍ତ୍ୱେ ପୂରା ୫୦ ଓଭର ଖେଳିପାରି ନ ଥିଲା। ରହିମ ୧୨୭ ବଲ୍‌ରୁ ୧୦ ଚୌକା ସହାୟତାରେ ସର୍ବାଧିକ ୧୨୫ ରନ ସଂଗ୍ରହ କରିଥିଲେ। ମହମୁଦୁଲ୍ଲା ଦ୍ୱିତୀୟ ସର୍ବାଧିକ ୪୧(୧ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ୨୪୭ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଶ୍ରୀଲଙ୍କା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ପରାଜୟ ବରଣ କରିଥିଲା।


**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୮.୧ ଓଭରରେ ୨୪୬/ଅଲଆଉଟ(ମୁଶ୍‌ଫିକର ରହିମ-୧୨୫, ମହମୁଦୁଲ୍ଲା-୪୧, ଦୁଷ୍ମନ୍ତ ଚାମିରା-୩/୪୪, ଲକ୍ଷଣ ସନ୍ଦକନ-୩/୫୪, ଇସୁରୁ ଉଡାନା-୨/୪୯, ୱାନିନ୍ଦୁ ହସରଙ୍ଗା-୧/୩୩)। ଶ୍ରୀଲଙ୍କା ୪୦ ଓଭରରେ ୧୪୧/୯ (ଦନୁସ୍କା ଗୁଣତିଲକା-୨୪, ମେହିଦି ହାସନ-୩/୨୮, ମୁସ୍ତାଫିଜୁର ରହମନ-୩/୧୬, ଶାକିବ ଅଲ ହାସନ-୨/୩୮, ସୋରିଫୁଲ ଇସଲାମ-୧/୩୦)।

# ବଲ୍‌ବୀରଙ୍କ ନାମରେ ହକି ଷ୍ଟାଡିୟମ

**ଚଣ୍ଡିଗଡ଼, ୨୫।୫ (ପି.ଟି.)**

ମୋହାଲିସ୍ଥିତ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ବିଧିବଦ୍ଧ ଭାବେ କିମ୍ବଦନ୍ତୀ ବଲ୍‌ବୀର ସିଂ ସିନିୟରଙ୍କ ନାମରେ ନାମିତ କରାଯାଇଛି। ମଙ୍ଗଳବାର ବଲ୍‌ବୀରଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ଅବସରରେ ଏହି ନାମକରଣ କରାଯାଇଛି। ୩ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କର ୯୬ ବର୍ଷ ବୟସରେ ଗତବର୍ଷ ମେ' ୨୫ରେ ଦେହାନ୍ତ ହୋଇଥିଲା। ଆଧୁନିକ ଅଲିମ୍ପିକ ଇତିହାସରେ ୨୦୧୨ ଲଣ୍ଡନ ଗେମ୍ସ ବେଳେ ୧୬ଜଣ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିକୁ ମନୋନୀତ



ବଲ୍‌ବୀର ସିଂ ସିନିୟର

ହୋଇଥିଲେ। ସେମାନଙ୍କ ମଧ୍ୟରେ ଏହି ଆଇକନିକ ସେଣ୍ଟର ଫରୱାର୍ଡ ଅନ୍ୟତମ ଥିଲେ। କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ଅବସରରେ ହକି ଷ୍ଟାଡିୟମରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଞ୍ଜାବ କ୍ରୀଡ଼ା ମନ୍ତ୍ରୀ ରାଣା ଗୁର୍‌ମିତ ସିଂ ସୋଧି ଏଥିରେ ଉପସ୍ଥିତ ଥିଲେ। ମୋହାଲି ଅନ୍ତର୍ଜାତୀୟ ଷ୍ଟାଡିୟମକୁ ପଦ୍ମଶ୍ରୀ ବଲ୍‌ବୀର ସିଂ ସିନିୟରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଗଲା ବୋଲି ସେ କହିଥିଲେ। ଷ୍ଟାଡିୟମ ଏଣିକି 'ଅଲିମ୍ପିଆନ ବଲ୍‌ବୀର ସିଂ ସିନିୟର ଅନ୍ତର୍ଜାତୀୟ ହକି ଷ୍ଟାଡିୟମ' ରୂପେ ପରିଚିତ ହେବ ବୋଲି ସେ କହିଥିଲେ।

# ସୁଶୀଲ କୁମାର ଚାକିରିରୁ ନିଲମ୍ବିତ

**ନୂଆଦିଲ୍ଲୀ, ୨୫।୫**

ରେସ୍‌ଲର ସାଗର ଧନକରଙ୍କ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କୁ ନର୍ଦ୍ଦର୍ନ ରେଲଓ୍ୱେ ମଙ୍ଗଳବାର ଚାକିରିରୁ ନିଲମ୍ବିତ କରିଛି। ମେ' ୨୩ଠାରୁ ଏହା ଲାଗୁ ହେବ ଏବଂ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ନିଲମ୍ବନ ବଳବତ୍ତର ରହିବ ବୋଲି ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ରେସ୍‌ଲର ସୁଶୀଲ ନର୍ଦ୍ଦର୍ନ ରେଲଓ୍ୱେରେ ଜଣେ ସିନିୟର କମର୍ସିଆଲ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ୨୦୧୫ରେ ତାଙ୍କୁ ଡେପୁଟେଶନରେ ନ୍ୟୁ ଦିଲ୍ଲୀ ମ୍ୟୁନିସିପାଲ କାଉନ୍‌ସିଲ (ଏନ୍‌ଡିଏମ୍‌ସି)କୁ ପଠାଯାଇଥିଲା।



ସେଠାରେ ସ୍କୁଲ ସ୍ତରରେ କ୍ରୀଡ଼ା ଉନ୍ନୟନର ଅଂଶବିଶେଷଭାବେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ତାଙ୍କୁ ଛତ୍ରସାଲ ଷ୍ଟାଡିୟମରେ ଓଏସ୍‌ଡି (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ ନିଯୁକ୍ତି ଦିଆଯାଇଥିଲା। ସାଗରଙ୍କ ମୃତ୍ୟୁ ମାମଲାରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ସୁଶୀଲ ପାଖାପାଖି ୨ ସପ୍ତାହ ଫେରାର ରହିବା ପରେ ମୁଣ୍ଡକାରୁ ଗିରଫ ହୋଇଥିଲେ। ଗତ ସୋମବାର ଉଭୟ ଏନ୍‌ଡିଏମ୍‌ସି ଓ ରେଲଓ୍ୱେ ବୋର୍ଡ ପକ୍ଷରୁ ତାଙ୍କ ଗିରଫ ସମ୍ପର୍କରେ ନର୍ଦ୍ଦର୍ନ ରେଲଓ୍ୱେକୁ ଲିଖିତଭାବେ ଅବଗତ କରାଯାଇଥିଲା। ସାଗରଙ୍କ ମୃତ୍ୟୁ ମାମଲାର ତଦନ୍ତ ଚାଲୁ ରହିଥିବାବେଳେ ବର୍ତ୍ତମାନ ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ନୀରଜ ବାଓ୍ୱାନାଙ୍କ କ୍ରାଇମ୍ ନେଟ୍‌ଓ୍ୱର୍କ ସହ ସୁଶୀଲଙ୍କ ସମ୍ପର୍କ ରହିଛି କି ନାହିଁ ତାହା ପୋଲିସ ଛାନ୍‌ଭିନ୍ କରୁଛି।




# ଜାପାନ ଗସ୍ତ ଉପରେ ଆମେରିକାର ଚେତାବନୀ

**ୱାଶିଂଟନ, ୨୫।୫ (ଏ.ପି.)**

ଟୋକିଓ ଅଲିମ୍ପିକ କ୍ରମେ ନିକଟତର ହେବାରେ ଲାଗିଥିବାବେଳେ ଜାପାନରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍) ଉଦ୍‌ବେଗ ପ୍ରକାଶ କରିଛି। ବର୍ତ୍ତମାନ ପାଇଁ ଏହି ଦେଶକୁ ଗସ୍ତ ନ କରିବା ଲାଗି ୟୁଏସ୍ ସ୍ୱାସ୍ଥ୍ୟ ଅଫିସିଆଲ ଏବଂ ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ ଆମେରିକା ନାଗରିକଙ୍କୁ ଚେତାବନୀ ଦିଆଯାଇଛି। ଆଉ ଦୁଇମାସ ପରେ ଅଲିମ୍ପିକ ଆୟୋଜନ କରିବା ଲାଗି ଜାପାନ ପ୍ରସ୍ତୁତି କାର୍ଯ୍ୟ ଚଳାଇଛି। ଦୁଇଟି ବିଭାଗ ତରଫରୁ ସାବଧାନ କରାଯାଇଥିବାରୁ ଏହା ପର୍ଯ୍ୟଟକମାନଙ୍କ ବୀମା ମୂଲ୍ୟ ଉପରେ ପ୍ରଭାବ ପକାଇବ। ବର୍ତ୍ତମାନ ପରିସ୍ଥିତିରେ ଅଲିମ୍ପିକ ଆଥ୍‌ଲେଟ ଓ ଦର୍ଶକମାନେ ଜାପାନ ଯିବା ଉଚିତ ହେବ କି ନା ସେ ନେଇ ପ୍ରଶ୍ନ ଉଠିଛି। ଟୋକିଓ ଅଲିମ୍ପିକ୍ସ ଜୁଲାଇରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବାରୁ ଜାପାନ ସରକାର ଦେଶରେ ଟିକାକରଣ



କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛନ୍ତି। ଆଟଲାଣ୍ଟାସ୍ଥିତ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ (ସିଡିସି) କହିଛି, ବର୍ତ୍ତମାନ ପରିସ୍ଥିତିରେ ଜାପାନ ଗସ୍ତ କରିବା ଉଚିତ କାର୍ଯ୍ୟ ହେବ ନାହିଁ। ଜଣେ ପର୍ଯ୍ୟଟକ ଟିକା ନେଇ ଯଦି ଜାପାନ ଆସନ୍ତି ତେବେ କୋଭିଡ୍ ଭାରିଆଣ୍ଟର ବାହକ ଓ ପ୍ରସାରକ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଆମେରିକୀୟ ଆଥ୍‌ଲେଟମାନେ ସୁରକ୍ଷିତ ଭାବେ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇପାରିବେ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ଅଲିମ୍ପିକ ଓ ପାରା ଅଲିମ୍ପିକ କମିଟି ଦୃଢ଼ ଆଶାପୋଷଣ କରିଛି। ଏଣେ ଆମେରିକାର ଦୁଇଟି ସଂସ୍ଥା ବର୍ତ୍ତମାନ ଜାପାନ ଗସ୍ତକୁ ନେଇ ଦେଇଥିବା ଚେତାବନୀ ଅଲିମ୍ପିଆନଙ୍କ ଉପରେ ପଡ଼ିବ ନାହିଁ ବୋଲି ଜାପାନ ସରକାର ମଙ୍ଗଳବାର ଏକ ବିବୃତିରେ କହିଛନ୍ତି।

# ୭ ରାଜ୍ୟରେ ଖୋଲିବ ୧୪୩ ଖେଲୋ ଇଣ୍ଡିଆ ସେଣ୍ଟର

**ନୂଆଦିଲ୍ଲୀ, ୨୫।୫ (ପି.ଟି.)**

ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଲକ୍ଷ୍ୟ ନେଇ ୭ଟି ରାଜ୍ୟରେ ୧୪୩ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ଥିର କରିଛି। ଏ ବାବଦରେ ୧୪.୩୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ମହାରାଷ୍ଟ୍ର, ମିଜୋରାମ, ଗୋଆ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ମଣିପୁରରେ ଏହି ସବୁ ସେଣ୍ଟର ଖୋଲିବ। ପ୍ରତିଟି ସେଣ୍ଟର ପାଇଁ ସମାନ ଗାଇଡ୍ ଲାଇନ୍ ରହିବ। ୨୦୨୮ ଅଲିମ୍ପିକ୍ସ ପଦକ ତାଲିକାରେ ଭାରତ ଯେପରି ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ରହିପାରିବ ତାହାକୁ ନଜରରେ ରଖି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସ୍ୱଳ୍ପ ବୟସରୁ ବହୁସଂଖ୍ୟାରେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ବିକଶିତ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି। ଜିଲାସ୍ତରୀୟ ଖେଲୋ ଇଣ୍ଡିଆ ସେଣ୍ଟରଗୁଡ଼ିକ ଲାଗି ଯଦି ଦକ୍ଷ କୋଚ ଓ ଉତ୍କୃଷ୍ଟ ସରଞ୍ଜାମ ଉପଲବ୍ଧ ହୁଏ ତେବେ ଆମେ ଠିକଣା ସମୟରେ ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ଉପଯୁକ୍ତ ପିଲାଙ୍କୁ ବାଛିବାରେ ସଫଳ ହେବା ବୋଲି ସେ କହିଛନ୍ତି। ସମଗ୍ର ଦେଶରୁ ପୂର୍ବରୁ ଏହିଭଳି ୨୧୭ଟି ସେଣ୍ଟର ରହିଛି। ମନ୍ତ୍ରଣାଳୟ ନର୍ଥ-ଇଷ୍ଟ, ଜମ୍ମୁ ଓ କଶ୍ମୀର, ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ, ଲାକ୍ଷାଦୀପ ଓ ଲଦାଖର ପ୍ରତିଟି ଜିଲାରେ ଦୁଇଟି ଲେଖାଏ ସେଣ୍ଟର ଖୋଲିବା ଲାଗି ନିଷ୍ପତ୍ତି ନେଇଛି। ଏହିସବୁ ସେଣ୍ଟରଗୁଡ଼ିକ ଲାଗି ଉପଯୁକ୍ତ କୋଚ୍‌ଙ୍କୁ ଅନୁବନ୍ଧିତ କରିବା କାର୍ଯ୍ୟ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କର।

**ରାଜ୍ୟ ପିଛା ଖେଲୋ ଇଣ୍ଡିଆ ସେଣ୍ଟର**

ମହାରାଷ୍ଟ୍ର: ୩୦ଟି ଜିଲାରେ ୩୬ ଖେଲୋ ଇଣ୍ଡିଆ ସେଣ୍ଟର। ବ୍ୟୟ ଅଟକଳ-୩.୬୦ କୋଟି ଟଙ୍କା।

ମିଜୋରାମ: କୋଲାସିବ ଜିଲାରେ ୨ ଖେଲୋ ଇଣ୍ଡିଆ ସେଣ୍ଟର। ବ୍ୟୟ ଅଟକଳ: ୨୦ ଲକ୍ଷ ଟଙ୍କା।

ଅରୁଣାଚଳ ପ୍ରଦେଶ: ୨୬ ଜିଲାରେ ୫୨ ଖେଲୋ ଇଣ୍ଡିଆ ସେଣ୍ଟର। ବ୍ୟୟ ଅଟକଳ: ୪.୧୨କୋଟି ଟଙ୍କା।

ମଧ୍ୟପ୍ରଦେଶ: ୪ ଖେଲୋ ଇଣ୍ଡିଆ ସେଣ୍ଟର। ବ୍ୟୟ ଅଟକଳ:୪୦ ଲକ୍ଷ ଟଙ୍କା।

କର୍ଣ୍ଣାଟକ: ୩୧ ଖେଲୋ ଇଣ୍ଡିଆ ସେଣ୍ଟର। ବ୍ୟୟ ଅଟକଳ ୩.୧୦ କୋଟି ଟଙ୍କା।

ମଣିପୁର: ୧୬ ଖେଲୋ ଇଣ୍ଡିଆ ସେଣ୍ଟର।ବ୍ୟୟ ଅଟକଳ: ୧.୬୦ କୋଟି ଟଙ୍କା।

ଗୋଆ: ୨ ଖେଲୋ ଇଣ୍ଡିଆ ସେଣ୍ଟର। ବଜେଟ ୨୦ଲକ୍ଷ ଟଙ୍କା।

## ରାମକୁମାର ଜିତିଲେ, ହାରିଲେ ପ୍ରଜନେଶ

**ପ୍ୟାରିସ, ୨୫।୫ (ପି.ଟି.):** ଭାରତର ରାମକୁମାର ରମାନାଥନ ଫ୍ରେଞ୍ଚ ଓପନ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ପ୍ରଜନେଶ ଗୁଣେଶ୍ୱରନ ପ୍ରଥମ ରାଉଣ୍ଡରେ ପରାଜୟ ସହ ବିଦାୟ ନେଇଛନ୍ତି। ରାମକୁମାର ଓପନିଂ ରାଉଣ୍ଡରେ ଆମେରିକାର ମାଇକେଲ ମୋହ୍‌ଙ୍କୁ ୨-୬, ୭-୬(୪), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୫୪ ମିନିଟ୍‌ରେ ଶେଷ ହୋଇଥିଲା। ରାମକୁମାର ପରବର୍ତ୍ତୀ ରାଉଣ୍ଡରେ ଉଜ୍‌ବେକିସ୍ତାନର ଭେଟେରାନ ଡେନିସ ଇସ୍ତୋମିନ୍‌ଙ୍କୁ ଭେଟିବେ। ଇସ୍ତୋମିନ୍ ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚରେ ବୋସନିଆର ଦାମିର ଦ୍ଜୁମ୍‌ହରଙ୍କୁ ହରାଇ ଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଗ୍ୟାସ ସିଲିଣ୍ଡର ଟାଙ୍କି ଫାଟି ଜଳିଗଲା ୧୨ବଖରା

ଭଦ୍ରକ ଅଫିସ: ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହୀ ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟିବାରୁ ଅଗ୍ନିକାଣ୍ଡ ଘଟି ୧୨ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଜଗବନ୍ଧୁ ଦାସ, ପଞ୍ଚାନନ ଦାସ, କୈଳାସ ଦାସ, ଭଞ୍ଜ ଦାସ ଓ ବଗଲା ଦାସଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି।

## ସଂକ୍ଷେପରେ

### ୮୭ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର

**ଭଦ୍ରକ ଅଫିସ,୨୫।୫:** ସମ୍ଭାବ୍ୟ ବାତ୍ୟା ‘ୟାସ’କୁ ଆଖି ଆଗରେ ରଖି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ମଙ୍ଗଳବାର ଦିନ ତମାମ ବାତ୍ୟା ଆଶ୍ରୟସ୍ଥଳୀକୁ ବିଭିନ୍ନ ବର୍ଗର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଆସନ୍ନ ପ୍ରସବାଙ୍କୁ ମେଡିକାଲ ସ୍ଥାନାନ୍ତର କରାଯିବା ସହ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ମୁଖ୍ୟତଃ ଚାନ୍ଦବାଲି, ଧାମରା ଓ ବାସୁଦେବପୁର ଅଞ୍ଚଳର ସମୁଦ୍ର କୂଳିଆ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୮୭ ହଜାର ୪୨୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। କଚ୍ଚା ଘରେ ରହୁଥିବା ସମୁଦ୍ର କୂଳିଆ ଲୋକଙ୍କୁ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ପୋଲିସ ସାହାଯ୍ୟରେ ସ୍ଥାନାନ୍ତର କରାଯାଇଛି। ଏହି କାର୍ଯ୍ୟରେ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଆଶା, ଅଙ୍ଗନୱାଡ଼ି କର୍ମୀମାନେ ସହଯୋଗ କରୁଛନ୍ତି। ନିର୍ଦ୍ଦିଷ୍ଟ ଭାବେ ଜିଲାର ୭ଟି ବ୍ଲକ ପାଇଁ ୭ ପ୍ରଶାସନିକ ଅଧିକାରୀଙ୍କୁ ବାତ୍ୟା ମୁକାବିଲା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଦିନସାରା ବର୍ଷା ସାଙ୍ଗକୁ ପବନ ରହିଥିବା ଦେଖିବାକୁ ମିଳିଛି।

### ପୂର୍ବତନ ଏମ୍‌ପିଙ୍କ ବାତ୍ୟା ସମୀକ୍ଷା

**ଲଙ୍ଗଳେଶ୍ୱର, ୨୫।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ବାତ୍ୟା ୟାସର ସଫଳ ମୁକାବିଲା କରିବା ପାଇଁ ମଙ୍ଗଳବାର ସମୀକ୍ଷା କରିଛନ୍ତି ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା। ସମ୍ଭାବ୍ୟ ବାତ୍ୟା ୟାସ୍‌ର ଭୟାବହତାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପୂର୍ବତନ ଏମ୍‌ପି ଇଂ. ଜେନା ବାଲିଆପାଳ ବ୍ଲକରେ ପହଞ୍ଚି ବ୍ଲକ ପଦାଧିକାରୀମାନଙ୍କ ସହ ଆଲୋଚନା କରିବା ସହିତ ଦଳୀୟ ନେତୃବୃନ୍ଦଙ୍କ ସହିତ ବିଚାରବିମର୍ଶ କରିଥିଲେ। ନିଜେ ମଧ୍ୟ ନିଜ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମତ ଦେବା ସହ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ, ବାଲିଆପାଳ ବିଇଓ ନାରାୟଣ ଦାସ ପ୍ରମୁଖ ବ୍ଲକ ପଦାଧିକାରୀଙ୍କ ସମେତ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଯୁବନେତା ହାଡ଼ିବନ୍ଧୁ ରାଉତ, ସୁବ୍ରତ କୁମାର ପାତ୍ର, ସଙ୍ଗ୍ରାମ ପରିଡ଼ା, ଗୋପନାରାୟଣ ଜେନା, ରଘୁନାଥ ଜେନାଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ବାତ୍ୟା ମୁକାବିଲା ପାଇଁ ଆଲୋଚନା କରିଥିଲେ।

### ନିରାପଦ ସ୍ଥାନକୁ ଗଲେ ୭୦୧୮ ଲୋକ

**ବନ୍ତ,୨୫।୫(ଡି.ଏନ.ଏ./ସ୍ୱ.ପ୍ର.) :** ବାତ୍ୟା ‘ୟାସ୍’ର ପ୍ରଭାବ ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକରେ ଦେଖିବାକୁ ମିଳିଛି। ସକାଳୁ ପବନ ସହ ବର୍ଷା ଲାଗି ରହିଛି। ଅପରାହ୍ନଠାରୁ ପବନର ବେଗ ବୃଦ୍ଧି ପାଇଛି। କଚ୍ଚାଘରେ ଥିବା ଲୋକମାନଙ୍କୁ ପ୍ରଶାସନ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିଛି। ସନ୍ଧ୍ୟା ସୁଦ୍ଧା ୨୫ ପଞ୍ଚାୟତରେ ପ୍ରସ୍ତୁତ ରହିଥିବା ୮୮ ବାତ୍ୟା ଆଶ୍ରୟସ୍ଥଳରେ ୭୦୧୮ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ତହସିଲଦାର ଇନ୍ଦିରା ସାହୁ ବିଭିନ୍ନ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳରେ ନୋଡାଲ ଅଫିସମାନେ ଉପସ୍ଥିତ ରହି ସ୍ଥାନାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଏଥିରେ ସିଏଫଡବ୍ଲ୍ୟୁଏସ୍‌ଡି, ହାପି କ୍ଲବ ସମେତ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି। ବାତ୍ୟା ଆଶ୍ରୟସ୍ଥଳରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ସାବୁନ ଓ ମାସ୍କ ବଣ୍ଟନ କରାଯାଇଛି ।

### ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଅବ୍ୟବସ୍ଥା

**ଲଙ୍ଗଳେଶ୍ୱର,୨୫।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନାରାୟଣପୁର ସ୍ଥିତ କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ବ୍ଲକ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ଚିହ୍ନଟ କରାଯାଇଛି। ମାତ୍ର ଆଶ୍ରୟସ୍ଥଳୀରେ ରହିଥିବା ଲୋକଙ୍କ ପାଇଁ ଖାଦ୍ୟ, ଲାଇଟ୍, ପାଣି, ଅବ୍ୟବସ୍ଥା ନେଇ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଏଠାରେ କୋଭିଡ୍ ସେଣ୍ଟର ହୋଇଥିଲା, ମାତ୍ର ବାତ୍ୟା ପୂର୍ବରୁ ଏହାକୁ ସାନିଟାଇଜ କରିବା କଥା। ମାତ୍ର ଏହି ବିଦ୍ୟାଳୟ ସାନିଟାଇଜ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଜୁଆରମାଡ଼ରେ ଝାଉଜଙ୍ଗଲ ଧରାଶାୟୀ

## ୨୫ ହଜାର ଲୋକ ସ୍ଥାନାନ୍ତର, ପ୍ରଶାସନ ସଜାଗ

**ଭୋଗରାଇ, ୨୫।୫(ଡି.ଏନ.ଏ.)**



ନିକଟତର ହେଉଛି ସାମୁଦ୍ରିକ ଝଡ଼ ୟାସ୍। ବୁଧବାର ଭୋର ସମୟରେ ଭଦ୍ରକ ଜିଲା ଧାମରାଠାରେ ଲ୍ୟାଣ୍ଡଫଲ୍ କରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ମଧ୍ୟ ସଜାଗ ରହିଛି। ଏହି ଦିନରେ ପୂର୍ଣ୍ଣିମା ତିଥି ପଡ଼ିଥିବା ଓ ଚନ୍ଦ୍ରଗ୍ରହଣ ହେଉଥିବାରୁ ସମୁଦ୍ରରେ ଅତି ପ୍ରବଳ ଜୁଆର ଉଠୁଛି। ସମୁଦ୍ର ଅଶାନ୍ତ ରହିବା ସହିତ ବାତ୍ୟା ୟାସ୍ ଲାଗି ୩ ମିଟରରୁ ୪ମିଟର ପର୍ଯ୍ୟନ୍ତ ଜୁଆର କୂଳରେ ମାଡ ହେଉଛି।

ବାଲେଶ୍ୱର ଜିଲା ଭୋଗରାଇର ଉଦୟପୁର-ତାଳସାରୀ, କୀର୍ତ୍ତନିଆ, ବାଲିଆପାଳର ଚୌମୁଖ, କଙ୍କଡ଼ାପାଳ, ଡଗରା ସହିତ ବାହାବଳପୁର, କଷାଫଳ, ଚାନ୍ଦିପୁର ଆଦି ବେଳାଭୂମି ଅଞ୍ଚଳରେ ସମୁଦ୍ର ଉଗ୍ରରୂପ ଧାରଣ କରିଛି। ଉଦୟପୁର, ତାଳସାରୀ ୩କି.ମି. ସମୁଦ୍ରକୂଳ ପଥର ସୁରକ୍ଷାବନ୍ଧରେ ସମୁଦ୍ରର ଉତ୍ତାଳ ଢ଼େଉ କୂଳଆଡ଼କୁ ମାଡ଼ି ଆସି ଧକ୍କା ଦେଉଛି। ତାଳସାରୀ ସମ୍ମୁଖ ଦାଣ୍ଡିଦୀପରେ ସହସ୍ରାଧିକ ଝାଉଁଗଛ ଜୁଆର ମାଡ଼ରେ ଧରାଶାୟୀ ହୋଇଛି। ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣି, ଓ ଜୁନୁପୁଟ ସମେତ ଉପକୂଳ ଅଞ୍ଚଳରେ ପ୍ରବଳ ଜୁଆର କୂଳ ଆଡ଼କୁ ମାଡ଼ି ଆସି ଗାଁଗୁଡ଼ିକରେ ଲୁଣି ପାଣି ପଶିଯାଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ବୁଧବାର ପୂର୍ଣ୍ଣିମା ତିଥିରେ ଭରା ଜୁଆର ଓ ବାତ୍ୟାକୁ ନେଇ କୂଳବାସୀ ଆତଙ୍କିତ ସ୍ଥିତିରେ ଅଛନ୍ତି। ଭୋଗରାଇରେ ସମୁଦ୍ରକୂଳିଆ ୨୫ ହଜାର ଲୋକଙ୍କୁ ବିଭିନ୍ନ ବାତ୍ୟାଶ୍ରୟସ୍ଥଳୀ ଓ ସ୍କୁଲ ଗୃହକୁ ନିଆଯାଇ ଖାଦ୍ୟ, ସାମଗ୍ରୀ, ପାନୀଜୟଳ ଓ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି। ସୋମବାରଠାରୁ ମଙ୍ଗଳବାର ସକାଳ ୮ଟା ବେଳକୁ ଭୋଗରାଇରେ ସର୍ବାଧିକ ୬୫.୨ ମି.ମି. ଓ ଖଇରାରେ ସର୍ବନିମ୍ନ ୫ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ତୁହାକୁ ତୁହା ବର୍ଷା ଲାଗି ରହିଛି। ମଝିରେ ମଝିରେ ପବନର ବେଗ ବଢୁଛି।

# ଖୋଲିଲା ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଭଦ୍ରକ ଅଫିସ, ୨୫।୫**

- ଉଦ୍ଧାର, ଥଇଥାନ ଦାୟିତ୍ୱରେ ଜିଲାସ୍ତରୀୟ ନୋଡାଲ ଅଫିସର
- ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ

ବାତ୍ୟା ‘ୟାସ’ର ମୁକାବିଲା ପାଇଁ ଭଦ୍ରକ ଜିଲା ପ୍ରଶାସନ ସଜାଗ ହୋଇଛି। ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ ସୋମବାର ରାତିରେ ଭଦ୍ରକରେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ବାତ୍ୟା ପୂର୍ବରୁ ଲୋକଙ୍କୁ ସ୍ଥାନାନ୍ତର, ସେମାନଙ୍କୁ କୋଭିଡ୍ ନିୟମ ମଧ୍ୟରେ ଥଇଥାନ, ପାନୀୟଜଳ, ବିଦ୍ୟୁତ୍, ଶୁଖିଲା ଖାଦ୍ୟ, ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟର ବନ୍ଦୋବସ୍ତ କରିବା ଆଦି ଉପରେ ସୂଚନା ଦେଇଥିଲେ। ବାତ୍ୟା ସମୟରେ ଉଦ୍ଧାର ଏବଂ ଉକ୍ତ ଥଇଥାନ କାର୍ଯ୍ୟ ପାଇଁ ଜିଲାସ୍ତରୀୟ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱରେ ଧାମରା ପାଇଁ ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ, ବାସୁଦେବପୁର ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ତିହିଡ଼ି ପାଇଁ ଉପଜିଲାପାଳ ପୀତାମ୍ବର ସାମଲ ଏବଂ ଚାନ୍ଦବାଲି ପାଇଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ରହିଛନ୍ତି। ବାତ୍ୟା ଲାଗି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲା ଯାଇଛି। ଉଦ୍ଧାର କାର୍ଯ୍ୟ ନିମନ୍ତେ ଜିଲାକୁ ଆସିଥିବା ୧୦ ଏନ୍‌ଡିଆର୍‌ଏଫ ଟିମ୍‌କୁ ନିର୍ଦ୍ଦିଷ୍ଟ ସ୍ଥାନ ଧାମରା, ତିହିଡ଼ି, ଚାନ୍ଦବାଲି, ବିଦେଇପୁର ପଠାଯାଇଛି। ସେହିଭଳି ୪ଟି ଓଡ୍ରାଫ୍ ଟିମ୍‌କୁ ତିହିଡ଼ି ବ୍ଲକର ପୀରହାଟ, ବାସୁଦେବପୁର, ଭଦ୍ରକରେ ରଖାଯାଇଛି। ସେହିଭଳି ୧୧ ଅଗ୍ନିଶମ ବାହିନୀଙ୍କୁ ପୀରହାଟ, ଦୋଳସାହି, ଆରଡ଼ି, ୨ଟି ଟିମ୍ ଧାମରା, ତିହିଡ଼ି, ଧୁଷୁରୀ, ବନ୍ତ, ବାସୁଦେବପୁର ଓ ୨ଟି ଟିମ୍ ଭଦ୍ରକରେ ରଖାଯାଇଛି। ବନବିଭାଗ ପକ୍ଷରୁ ଗୋଟିଏ ଟିମ୍ ବିଭିନ୍ନ ସ୍ଥାନରେ ମୁତୟନ ଥିବା ସୂଚନା ମିଳିଛି। ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସରବରାହ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ସମ୍ପର୍କରେ ନେସ୍କୋ ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଚରଣସିଂ ମୀନା, ଅତିରିକ୍ତ ଜିଲାପାଳ ଅରୁଣ ମହାପାତ୍ର ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ, ଜିଲାପାଳ ଓ ଅନ୍ୟମାନେ।

# ବର୍ଷା, ପବନ ଦେଖି ଲୋକେ ଛାନିଆ

## ସ୍ଥିତି ସମୀକ୍ଷା କଲେ ଏମ୍‌ପି, ଉତ୍ତରାଞ୍ଚଳ ଆଇଜି

**ବାସୁଦେବପୁର,୨୫।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଏକ ସମୁଦ୍ର ତଟବର୍ତ୍ତୀ ତଳିଆ ଅଞ୍ଚଳ। ସମ୍ଭାବ୍ୟ ବାତ୍ୟା ‘ୟାସ୍’ ପ୍ରଭାବରେ ଅଧିକରୁ ଅଧିକ ପରିମାଣର ବର୍ଷା ଓ ପବନ ଆରମ୍ଭ ହୋଇଥିବାରୁ ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସମୁଦ୍ରକୂଳିଆ ଅଞ୍ଚଳରୁ ପ୍ରଶାସନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା କାର୍ଯ୍ୟ ଚାଲୁ ରଖିଛି। ବିଶେଷ କରି ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟଗୁଡ଼ିକରେ ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। କ୍ଷୟକ୍ଷତି ପରିମାଣକୁ ହ୍ରାସ କରିବା ଓ ଜିରୋ କାଜୁଆଲଟି ଲକ୍ଷ୍ୟରେ ପ୍ରଶାସନ ବ୍ୟାପକ ସତର୍କତା ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ପ୍ରଶାସନିକ ଅଧିକାରୀଙ୍କ ସହ ବ୍ଲକ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିପ୍ରେଶ କୁମାର, ଜଳସମ୍ପଦ ବିଭାଗ ଏସ୍‌ଡିଓ ଅଜୟ କୁମାର ଗିରି, ଯନ୍ତ୍ରୀ ସୁଚାରୁ ଜେନା, ଅନୀଲ କୁମାର ପରମାଣିକଙ୍କ ସମେତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ବାତ୍ୟା ମୁକାବିଲା ନେଇ ଆଲୋଚନା କରିଥିଲେ। ଉତ୍ତରାଞ୍ଚଳ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ ବାସୁଦେବପୁର ଓ ଚୁଡ଼ାମଣି ସାମୁଦ୍ରିକ ଥାନାରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ। ବାସୁଦେବପୁର ଥାନା ଆଇଆଇସି, ଚୁଡ଼ାମଣି ସାମୁଦ୍ରିକ ଥାନା ଆଇଆଇସି ମହମ୍ମଦ ହାଫିଜ, ଭଦ୍ରକ ଏସ୍‌ଡିପିଓ ସାର୍ଥକ ରାୟ ପ୍ରମୁଖ ପୋଲିସ ଅଧିକାରୀଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଅବଗତ ହୋଇଛନ୍ତି। ବାସୁଦେବପୁର ଓ ବିଦେଇପୁରରେ ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାରକାରୀ ଦଳ ଉପସ୍ଥିତ ମଧ୍ୟ ଅଛନ୍ତି।

# ବାତ୍ୟା ବେଳେ ପାନୀୟ ଜଳ ସଙ୍କଟ

**ଆରଡି,୨୫।୫( ଡି.ଏନ.ଏ.)**

ବାତ୍ୟା ‘ୟାସ’ ଧାମରା ଓ ବାଲେଶ୍ୱର ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଥିବାରୁ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ, ଧାମନଗର ବ୍ଲକର ପାଳସାହି, ରଇପୁର, ଧୂଷୁରୀ, ସାହପୁର, ବମକୁରା, ନଦୀଗାଁ, ଭଟ୍ଟସାହି, ଅର୍ଜୁନପୁର, ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର, ଈଶ୍ୱରପୁର ଆଦି ପଞ୍ଚାୟତର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଏହି ସବୁ ପଞ୍ଚାୟତରେ କଚ୍ଚାଘରେ ବସବାସ କରୁଥିବା ଲୋକଙ୍କୁ ନିକଟସ୍ଥ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। କେତେକ ପଞ୍ଚାୟତରେ ବୁଧବାରଠାରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଏହିସବୁ ଅଞ୍ଚଳରେ ୨ ଦିନ ହେଲା ବିଦ୍ୟୁତ୍ କାଟ ହୋଇ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବାତ୍ୟା ସମୟରେ ପାନୀୟ ଜଳ ସଙ୍କଟ ପରିଲକ୍ଷିତ ହୋଇଛି। ଆରଡ଼ି ଅଞ୍ଚଳର ନଦୀକୂଳିଆ ଗାଁରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଶୀଘ୍ର ଚାଲିଯିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ସତର୍କ କରାଇ ଦିଆଯାଉଛି । ଏଥିସହିତ ବାତ୍ୟା ଆଶ୍ରୟସ୍ଥଳକୁ ଯାଉଥିବା ଲୋକଙ୍କୁ ଡବଲ ମାସ୍କ ବ୍ୟବହାର କରିବାକୁ ଅଙ୍ଗନୱାଡି କର୍ମୀମାନେ ଘରଘର ବୁଲି ପରାମର୍ଶ ଦେଉଛନ୍ତି। ଆରଡ଼ି ପଞ୍ଚାୟତରେ ଥିବା ମୁଆଁ, ସନ୍ତରା, ସାନପଙ୍କି, ଶୀତଳପୁର ଆଦି ଗାଁର କଚ୍ଚାଘରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

# ବାହାବଳପୁର ଜେଟିରେ ଅସୁରକ୍ଷିତ ଜଳଯାନ



ବାହାବଳପୁର ଜେଟି ଅଞ୍ଚଳରେ ଥିବା ଅସୁରକ୍ଷିତ ଜଳଯାନ।

**ରୂପ୍‌ସା, ୨୫।୫(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ଜେଟିରେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ଜଳଯାନ ସବୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ସମୁଦ୍ର ଉପକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ମଙ୍ଗଳବାର ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଗୃହକୁ ସ୍ଥାନାନ୍ତର କରାଯାଇଛି। ୨୪ଘଣ୍ଟା ଧରି ସ୍ଥାନୀୟ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ଓ ବିଦ୍ୟୁତ୍ ସେବା ଫେଲ୍ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ମତ୍ସ୍ୟଜୀବୀ ସଂଘ ପକ୍ଷରୁ କୁହାଯାଇଛି। ସରକାରଙ୍କ ତରଫରୁ ବୋଟ୍, ଟ୍ରଲର, ଲଞ୍ଚ ଆଦି ଜଳଯାନକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସତର୍କ ସୂଚନା ଦିଆଯାଇଥିଲା। ପୂର୍ବରୁ ଜେଟି ଅଞ୍ଚଳ ଓ ସମୁଦ୍ର ପ୍ରବେଶପଥ ଜୁଆର ଆସି ନ ଥିବାରୁ ନାଳୀରେ ଥିବା ଜଳଯାନସବୁକୁ ସ୍ଥାନାନ୍ତର କରିବା ସମ୍ଭବ ହୋଇନି ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

# ଆଶ୍ରୟସ୍ଥଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ

**ବାରିପଦା ଅଫିସ,୨୫।୫**

ବାତ୍ୟା ‘ୟାସ’ର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲା ପାଇଁ ନିଯୁକ୍ତ ସ୍ପେଶାଲ୍ ଅଫିସର ସୁରେଶ ବଶିଷ୍ଠ ମଙ୍ଗଳବାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିଛନ୍ତି। ସେଠାରେ ଲୋକମାନଙ୍କ ନିମନ୍ତେ ଖାଦ୍ୟ, ପାନୀୟଜଳ ଏବଂ ରହଣୀ ସୁବିଧା ଉପରେ ତଦାରଖ କରିଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ମଧ୍ୟ ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ଆଶ୍ରୟସ୍ଥଳକୁ ଆସୁଥିବା ଲୋକମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ଏବଂ କରୋନା ନିୟମ ମାନିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଜିଲାର ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବା ପାଇଁ ଟାର୍ଗେଟ ରଖାଯାଇଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୨୦ ହଜାର ୧୫୭ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜିଲା ଜରୁରୀକାଳିନ ଅଧିକାରୀ ସୂଜୟ ପତି ସୂଚନା ଦେଇଛନ୍ତି। ବାତ୍ୟାର ମୁକାବିଲା ନିମନ୍ତେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କୌଣସି ସ୍ଥାନରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହେଲେ ଏହି ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ପ୍ରକାଶ କରିଛନ୍ତି। ସେହିପରି ଜିଲାରେ ୭ ଏନ୍‌ଡିଆର୍‌ଏଫ୍, ୬ ଓଡ୍ରାଫ୍ ଓ ୨୯ ଅଗ୍ନିଶମ ବାହିନୀଙ୍କୁ ମୁତୟନ କରାଯାଇଛି। ଜିଲା ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ସୋନ, ଗଙ୍ଗାହାର ଏବଂ ଜଳକା ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ଗତି କରୁଛି। ଗ୍ରୀଷ୍ମ ଋତୁ ଯୋଗୁ ନଦୀ ଜଳସ୍ତର କମ୍ ରହିଥିବା ହେତୁ ବାତ୍ୟା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କମ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଜିଲା ପୋଲିସ ବୃଦ୍ଧ ଏବଂ ଅସହାୟ ଲୋକମାନଙ୍କୁ ଆଶ୍ରୟସ୍ଥଳୀରେ ପହଁଚାଉଥିବା ଦେଖିବାକୁ ମିଳିଛି ।

# ବାତ୍ୟା ପୂର୍ବରୁ ବାଲେଶ୍ୱର

## କରୋନା ଭୟରେ ଯାଉନାହାନ୍ତି ବାତ୍ୟା ଆଶ୍ରୟସ୍ଥଳ

**ବାଲେଶ୍ୱର,୨୫।୫(ଓମ୍‌କାର ମିଶ୍ର)**

ବାତ୍ୟା ‘ୟାସ’କୁ ଦୃଷ୍ଟିରେ ରଖି ସମୁଦ୍ର ତଟବର୍ତ୍ତୀ ତଥା ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଚ୍ଚା ଓ ଆଜବେଷ୍ଟ ଘରେ ରହିବା ବିପଦପୂର୍ଣ୍ଣ ଥିବାରୁ ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଉଛି। ତେବେ ଅଧିକାଂଶ ଲୋକ ଘର ଛାଡ଼ି ଆଶ୍ରୟସ୍ଥଳୀକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକେ ବାତ୍ୟାକୁ ଏକ ସାଧାରଣ ଘଟଣା ମନେ କରୁଥିବା ବେଳେ ଏହାଠାରୁ ଅଧିକ ଭୟ କରୋନା ମହାମାରୀକୁ କରୁଛନ୍ତି। ଆଶ୍ରୟସ୍ଥଳୀରେ ଅଧିକ ଲୋକ ଏକତ୍ରିତ ହେଉଥିବାରୁ କୋଭିଡ୍ ନିୟମ ଠିକ୍ ଭାବେ ପାଳନ କରାଯାଉ ନାହିଁ। ତେଣୁ ସେମାନେ କରୋନାକୁ ଡରି ଆଶ୍ରୟସ୍ଥଳୀ ଯାଉ ନ ଥିବା ଜଣାପଡ଼ିଛି। ବିଭିନ୍ନ ତଳିଆ ଗ୍ରାମକୁ ଯାଇ ଲୋକଙ୍କ ମତ ନେବା ସମୟରେ ସେମାନେ ଏହା ପ୍ରକାଶ କରିଥିଲେ।

## ବାଲେଶ୍ୱରରେ ପାୱାର କଟ୍

ବାତ୍ୟା ସମୟରେ ସମସ୍ତେ ନିଜ ଘରେ ରହୁଛନ୍ତି । ସେମାନଙ୍କ ମଧ୍ୟରେ କୋଭିଡ୍ ରୋଗୀ ମଧ୍ୟ ଅଛନ୍ତି ଯେଉଁମାନେ ଘରେ ଆଇସୋଲେଶନରେ ରହିଛନ୍ତି। ଏପରି ସ୍ଥଳେ ବାତ୍ୟାର ପ୍ରଭାବ ନ ପଡୁଣୁ ବାଲେଶ୍ୱର ଜିଲାରେ ଅଧିକାଂଶ ଅଞ୍ଚଳରେ ଦୀର୍ଘସମୟ ଧରି ବିଦ୍ୟୁତ୍ କାଟ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେ କମ୍ ବିଦ୍ୟୁତ୍ କାଟ କରିବାକୁ କୁହାଯାଉଥିବା ବେଳେ ଏଠାରେ ଦୀର୍ଘ ସମୟ ଧରି ଜନସାଧାରଣ ଅନ୍ଧାରରେ ରହିଥିଲେ।

## ଚାନ୍ଦିପୁର ବେଳାଭୂମିରେ ଲୋକଙ୍କ ଗହଳି

ବାତ୍ୟା ‘ୟାସ’ ବୁଧବାର ସ୍ଥଳଭାଗ ଛୁଇଁବାକୁ ଥିବା ବେଳେ ମଙ୍ଗଳବାର ଚାନ୍ଦିପୁର ବେଳାଭୂମୀରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ମଙ୍ଗଳବାର ବେଳାଭୂମିରେ ବର୍ଷା ପବନ କମ୍ ରହିଥିଲା। ଫଳରେ ସେଠାରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କିଏ ପରିବାର ଲୋକଙ୍କ ସହ ସମୁଦ୍ର ଦେଖିବାକୁ ଆସିଥିଲେ ତ କିଏ ନିଜ କୁକୁର ବୁଲେଇବାକୁ ଆସିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ସ୍ଥାନୀୟ ପୋଲିସ ସାଇରନ ବଜାଇ ସେମାନଙ୍କୁ ଘଉଡ଼ାଇଥିଲା।

# ‘ଯୁଦ୍ଧକାଳୀନ ଭିତ୍ତିରେ ହେବ ବିଦ୍ୟୁତ୍ ମରାମତି’

**ବାଲେଶ୍ୱର ଅଫିସ, ୨୫।୫**

ବାତ୍ୟା ୟାସ୍ ମୁକାବିଲା ନେଇ ମଙ୍ଗଳବାର ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି, ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତା କରିଥିବା ବେଳେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ବାତ୍ୟା ଯୋଗୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଲେ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାସହ ବାତ୍ୟା ପରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରାଯିବ ବୋଲି ମନ୍ତ୍ରୀ ମିଶ୍ର ସୂଚନା ଦେଇଥିଲେ। ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବା ସହ ମହାମାରୀ କରୋନା ସମୟରେ ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ସହିତ ସମନ୍ୱୟ ସ୍ଥାପନ କରି ସିମୁଳିଆଠାରୁ ଭୋଗରାଇ ପର୍ଯ୍ୟନ୍ତ ପ୍ରଶାସନ ସମସ୍ତଙ୍କ ପାଖରେ ପହଞ୍ଚିବ ବୋଲି କହିଥିଲେ। ଜିଲାପାଳ ଚକ୍ରବର୍ତ୍ତୀଙ୍କ ସୂଚନା ଅନୁସାରେ ବାତ୍ୟା ଲ୍ୟାଣ୍ଡଫଲ ଓ ଅତିକ୍ରମ ସମୟ ବୁଧବାର ପୂର୍ବାହ୍ନ ୬ରୁ ୧୨ଟା ପର୍ଯ୍ୟନ୍ତ ଲକ୍ଷ୍ମଣନାଥ ଟୋଲଗେଟ୍‌ଠାରୁ ପାଣିକୋଇଲି ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିବ। ବିପଦସଙ୍କୁଳ ଘର ଓ ତଳିଆ ଅଞ୍ଚଳରେ ସୋମବାରଠୁ ସ୍ଥାନାନ୍ତର ଆରମ୍ଭ କରାଯାଇ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୫୦ହଜାରରୁ ଅଧିକ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ଅଣାଯାଇଛି। ପୂର୍ବରୁ ଚିହ୍ନଟ ଆସନ୍ନ ପ୍ରସବା ୬ଶହ ମହିଳାଙ୍କୁ ସ୍ଥାନାନ୍ତର କରାଯାଇଛି। କୋଭିଡ୍ ହସପିଟାଲ୍‌ରେ ୭ଦିନ ପାଇଁ ଔଷଧ ସହ ଜମ୍ବୋ ଓ ଛୋଟ ଅକ୍ସିଜେନ ସିଲିଣ୍ଡର ସବୁ ପୂର୍ଣ୍ଣ କରାଯାଇ ରଖାଯାଇଛି। କୋଭିଡ୍ କେନ୍ଦ୍ରରେ କୋଠାଘରକୁ ବିପଦମୁକ୍ତ ରଖିବା ପାଇଁ ଦୁର୍ବଳ ଥିବା ଝରକା ସବୁକୁ ପୂର୍ତ୍ତ ବିଭାଗ ଦ୍ୱାରା ସିଲ୍ କରିଦିଆଯାଇଛି। ଏନଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀର ଦଳମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ମୁତୟନ କରାଯାଇସାରିଛି। ମ୍ୟୁନିସିପାଲିଟିରେ ସମସ୍ତ ହୋର୍ଡିଂ କାଢ଼ି ଦିଆଯାଇଥିବା କହିଛନ୍ତି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଆଇଏଏସ ପ୍ରୋବେସନର କୁନାଲ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।